- RNI No.ODIODI/2010/33031
- ୧୬ ବର୍ଷ Volume- 16
- ISSUE -171 ସଂଖ୍ୟା-୧୭୧
- ଭୁବନେଶ୍ୱର, ବୁଧବାର, ୧୭ ସେପ୍ଟେମ୍ବର ୨୦୨୫
- Bhubaneswar, Wednesday, 17 September, 2025
- ୦୮ ପୃଷ୍ଠା Pages-08
- ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
- www.odishamanthan.com

MANTHAN

# ମନ୍ଥନ

www.odishamanthan.com RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




## ନୂଆପଡା ଉପନିର୍ବାଚନରେ ୨,୪୮,୨୫୬ ଭୋଟର




ଭୁବନେଶ୍ୱର,୧୬।୯(ନି.ପ୍ର.): ନୂଆପଡା ଉପନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥର ଏହି ନିର୍ବାଚନରେ ୨,୪୮,୨୫୬ ଜଣ ମତଦାତା ଭୋଟ୍ ଦେବେ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଣମାଧ୍ୟମକୁ ଏହି ସୂଚନା ପ୍ରଦାନ କରାଯାଇଛି। ଭାରତ ନିର୍ବାଚନ ଆୟୋଗ ୦୧.୦୭.୨୦୨୫କୁ ଯୋଗ୍ୟତା ତାରିଖ ଭାବରେ ରଖି ଓଡ଼ିଶାର ୭୧-ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ହେବାକୁ ଯାଉଥିବା ଉପ-ନିର୍ବାଚନ ପାଇଁ ଜନପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୨୧ ଅନୁଯାୟୀ ଏକ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନର କାର୍ଯ୍ୟସୂଚୀ ନିମ୍ନଲିଖିତ ମତଦାନ କେନ୍ଦ୍ରର ପୁନଃବ୍ୟବସ୍ଥାପନ/ପରିବର୍ତ୍ତନ, ୧୪.୦୯.୨୦୨୫ ସୁଦ୍ଧା (ରବିବାର), ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶନ ତାରିଖ, ୧୫.୦୯.୨୦୨୫ (ସୋମବାର), ଦାବି ଏବଂ ଆପତ୍ତି ଦାଖଲ କରିବାର ଅବଧି, ୧୫.୦୯.୨୦୨୫ (ସୋମବାର)ରୁ ୨୯.୦୯.୨୦୨୫ (ସୋମବାର), ଦାବି ଏବଂ ଆପତ୍ତିର ସମାଧାନ, ୦୭.୧୦.୨୦୨୫ ସୁଦ୍ଧା (ମଙ୍ଗଳବାର), ଭୋଟର ତାଲିକାର ଚୂଡ଼ାନ୍ତ ପ୍ରକାଶନ ତାରିଖ ଓ ୦୯.୧୦.୨୦୨୫ (ଗୁରୁବାର), ମତଦାନ କେନ୍ଦ୍ରଗୁଡ଼ିକର ପୁନଃବ୍ୟବସ୍ଥିକରଣ/ପରିବର୍ତ୍ତନ:ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, ୭୧-ନୂଆପଡା ନିର୍ବାଚନ ମଣ୍ଡଳୀରେ ମୋଟ ୫୬ଟି ନୂତନ ମତଦାନ କେନ୍ଦ୍ର ସୃଷ୍ଟି କରାଯାଇଛି। ସେହିପରି, ୭୧-ନୂଆପଡା ନିର୍ବାଚନ ମଣ୍ଡଳୀରେ ମୋଟ ମତଦାନ କେନ୍ଦ୍ର ୩୦୨ ରୁ ୩୫୮କୁ ବୃଦ୍ଧି କରାଯାଇଛି। ଏହା ବ୍ୟତୀତ, ଏହି ପୁନଃବ୍ୟବସ୍ଥିକରଣ ପ୍ରକ୍ରିୟା ସମୟରେ ୭୧-ନୂଆପଡା ନିର୍ବାଚନ ମଣ୍ଡଳୀରେ ୫୨ଟି ମତଦାନ କେନ୍ଦ୍ରର ନାମ ପରିବର୍ତ୍ତନ କରାଯାଇଛି।ପୁନଃବ୍ୟବସ୍ଥାପନ ପରେ ମୋଟ ମତଦାନ କେନ୍ଦ୍ର: ୩୫୮, ସହରାଞ୍ଚଳ: ୩୬, ଗ୍ରାମାଞ୍ଚଳ: ୩୨୨, ଚିଠା ଭୋଟର ତାଲିକାର ପ୍ରକାଶନ:୭୧-ନୂଆପଡା ନିର୍ବାଚନ ମଣ୍ଡଳୀ ସମ୍ପର୍କରେ ୧୫.୦୯.୨୦୨୫ କୁ ଯୋଗ୍ୟତା ତାରିଖ ଭାବେ ରଖି ଚିଠା ଭୋଟର ତାଲିକାର ପ୍ରକାଶନ କରାଯାଇଛି।ମତଦାତା ସ୍ଥିତିର ବିବରଣୀ-ମୋଟ ମତଦାତା: ୨,୪୮,୨୫୬, ପୁରୁଷ: ୧,୨୨,୧୦୩, ମହିଳା: ୧,୨୬,୧୩୨, ତୃତୀୟ ଲିଙ୍ଗ: ୨୧, ବରିଷ୍ଠ ନାଗରିକ: ୨୦୦୭, ଯୁବ ମତଦାତା: ୬୦୦୩, ଭିନ୍ନକ୍ଷମ ମତଦାତା: ୪୦୦୦, ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହିତ ବୈଠକ। ଉପନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସମ୍ପର୍କିତ ବୈଠକ ୧୫.୦୯.୨୦୨୫ ତାରିଖରେ ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳଙ୍କ ସହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ନିର୍ବାଚକ ପଞ୍ଜୀକରଣ ଅଧିକାରୀ ମାନଙ୍କୁ ସଂଶୋଧନର ସମସ୍ତ ପର୍ଯ୍ୟାୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ଜିଲ୍ଲା ୟୁନିଟଗୁଡ଼ିକୁ ସାମିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜନୈତିକ ଦଳମାନଙ୍କୁ ଚିଠା ଭୋଟର ତାଲିକା ଉପଲବ୍ଧ କରାଯାଇଛି। ଚିଠା ଭୋଟର ତାଲିକାର ସଫ୍ଟ କପି ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଛି। ଭୋଟର ତାଲିକାର ଚୂଡ଼ାନ୍ତ ପ୍ରକାଶନ ୦୯.୧୦.୨୦୨୫ ତାରିଖରେ କରାଯିବ।

## ସବୁ ଥାନାରେ ସିସିଟିଭି ଜରୁରୀ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୬।୯(ଏଜେନ୍ସି):ପୁଲିସ ଥାନାରେ ସିସିଟିଭି କ୍ୟାମେରାର ଅଭାବ ସହ ଜଡ଼ିତ ମାମଲାରେ ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା । ଏହି ସମୟରେ ସୁପ୍ରିମକୋର୍ଟ କହିଛନ୍ତି, ଦେଶର ସବୁ ଥାନାରେ ସିସିଟିଭି ଲଗାଇବା ଜରୁରି । ସେହିପରି ରେକର୍ଡିଂ ଯାଞ୍ଚ ଲାଗି କଣ୍ଟ୍ରୋଲ ରୁମ୍ ଖୋଲିବା ଉପରେ କୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ଏକ ଖବରକାଗଜରେ ପ୍ରକାଶିତ ରିପୋର୍ଟ ଉପରେ କୋର୍ଟ ସ୍ୱତଃ ସଂଜ୍ଞାନ ନେଇ ଏହା କହିଛନ୍ତି । ଏଥିସହ ମାମଲାରେ ରାୟକୁ ସଂରକ୍ଷିତ ରଖିଛନ୍ତି । ସେପ୍ଟେମ୍ବର ୨୬ରେ ଏଥିନେଇ ଚୂଡ଼ାନ୍ତ ରାୟ ଆସିବ । ନିକଟରେ 'ଦୈନିକ ଭାସ୍କର'ରେ ପ୍ରକାଶିତ ଏକ ଆଲେଖ୍ୟରେ ରାଜସ୍ଥାନରେ ବିଗତ ୮ ମାସ ମଧ୍ୟରେ ପୁଲିସ କଷ୍ଟଡିରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ଉଲ୍ଲେଖ କରାଯାଇଥିଲା । ସେଥିମଧ୍ୟରୁ ଉଦୟପୁର ଡିଭିଜନରେ କେବଳ ୭ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାର ଶୁଣାଣି କରି ଜଷ୍ଟିସ୍ ବିକ୍ରମ ନାଥ ଓ ଜଷ୍ଟିସ୍ ସନ୍ଦୀପ ମେହତାଙ୍କ ଖଣ୍ଡପୀଠ କହିଛନ୍ତି, ଏହି ମାମଲା ହେଉଛି ଅନୁଧ୍ୟାନର । ଥାନାରେ ସିସିଟିଭି ନଥିବାରୁ ଅନୁଧ୍ୟାନରେ ସମସ୍ୟା ହେଉଛି । ସେହିପରି ଥାନାରେ ସିସିଟିଭି ଲାଗିଲେ ବି କାଳି ଅଧିକାରୀ କ୍ୟାମେରାକୁ ବନ୍ଦ କରିପାରନ୍ତି । ଏପରିସ୍ଥଳେ ରେକର୍ଡିଂ ଯାଞ୍ଚ ଲାଗି ଆମେ ଏମିତି ଏକ କଣ୍ଟ୍ରୋଲ ରୁମ୍ ଚାହୁଁଛୁ ଯେଉଁଥିଲେ ମାନବିକ ହସ୍ତକ୍ଷେପ ସର୍ବନିମ୍ନ ରହିବ । ଆଇଆଇଟିଗୁଡ଼ିକୁ ସାମିଲ କରି ଏଭଳି ସିଷ୍ଟମ ବନାଇବା ଉପରେ ବିଚାର କରିହେବ । ସେମାନେ ଏମିତି ଏକ ସଫ୍ଟୱେର ଦେବେ ଯେଉଁଥିରେ ପ୍ରତି ସିସିଟିଭି ଫୁଟେଜର ଅନୁଧ୍ୟାନ କରିହେବ । କୌଣସି କ୍ୟାମେରା ବନ୍ଦ ହୋଇଗଲେ ତୁରନ୍ତ କଣ୍ଟ୍ରୋଲ ରୁମକୁ ସୂଚନା ମିଳିବ । ଏହି ଅନୁଧ୍ୟାନ ମାନବୀୟ ନ ହୋଇ ପୂରାପୂରି କୃତ୍ରିମ ବୁଦ୍ଧିମତ୍ତା ଉପରେ ହେବାକୁ କୋର୍ଟ ଗୁରୁତ୍ୱାରୋପ କରିଥିଲେ । ଏହାପୂର୍ବରୁ ୨୦୧୮ରେ ସୁପ୍ରିମକୋର୍ଟ ମାନବାଧିକାର ଉଲ୍ଲଂଘନକୁ ରୋକିବାକୁ ସବୁ ରାଜ୍ୟକୁ ପୁଲିସ ଥାନାରେ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ । ପରବର୍ତ୍ତୀ ସମୟରେ ୨୦୨୦ରେ ସିବିଆଇ, ଇଡି, ଏନ୍ଆଇଏ ଭଳି ତଦନ୍ତକାରୀ ଏଜେନ୍ସିର ଅଫିସରେ ମଧ୍ୟ କ୍ୟାମେରା ଲଗାଯିବା କଥା କହିଥିଲେ । ତେବେ ଅଦ୍ୟାବଧି କିଛି ରାଜ୍ୟ ନିଜର ପୁଲିସ ଥାନାରେ କ୍ୟାମେରା ଲଗାଇଥିବା ବରିଷ୍ଠ ଓକିଲ ତଥା ଏହି ମାମଲାରେ ଆମିକସ୍ କ୍ୟୁରି ସିଦ୍ଧାର୍ଥ ଦାଭେ ଦର୍ଶାଇଥିଲେ ।

## ବସିଲା ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୧୬।୯(ନି.ପ୍ର): ଆସନ୍ତା ୧୮ ରୁ ୨୫ ତାରିଖ ଯାଏଁ ଚାଲିବାକୁ ଥିବା ବିଧାନସଭା ମୌସୁମୀ ଅଧିବେଶନ ପୂର୍ବରୁ ଆଜି ବାଚସ୍ପତି ସୁରମା ପାଢୀ ସର୍ବଦଳୀୟ ବୈଠକ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ସଂସଦୀୟ ବ୍ୟାପାର ମନ୍ତ୍ରୀ,ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଉପସ୍ଥିତ ରହିଥିଲେ। ବୈଠକରେ ଗୃହ କାର୍ଯ୍ୟ ସୁରୁଖୁରୁ ନେଇ ଆଲୋଚନା ହେବ ସେ ନେଇ ବାଚସ୍ପତି ମତ ରଖିଥିଲେ। ୧୭ ତାରିଖରେ ବିଜେଡି ଆଭ୍ୟନ୍ତରୀଣ ବୈଠକ ବସି ମୌସୁମୀ ଅଧିବେଶନ ପାଇଁ ରଣନୀତି ପ୍ରସ୍ତୁତ କରିବେ।

### ଓଡିଶାରେ ହିମାଚଳ ପ୍ରଦେଶ ଭଳି ସ୍ଥିତି

## କଳିଙ୍ଗା ଘାଟିରେ ବଡଧରଣର ଭୂସ୍ଖଳନ

ଘୁ.ଉଦୟଗିରି ୧୬।୯(ନି.ପ୍ର.): ପୂରା ଦେଶରେ ପ୍ରକୃତି ତାଣ୍ଡବ ରଚିବାରେ ଲାଗିଛି। ଓଡିଶାରେ ମଧ୍ୟ ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ପରିସ୍ଥିତି ଦେଖାଯାଇଛି। କନ୍ଧମାଳ ଜିଲ୍ଲାର କଳିଙ୍ଗା ଘାଟିରେ ଆଜି ବଡଧରଣର ଭୂସ୍ଖଳନ ଦେଖିବାକୁ ମିଳିଛି। ଜାତୀୟ ରାଜପଥରେ ପ୍ରକୃତିର ଏହି ତାଣ୍ଡବ ଯୋଗୁଁ ଶହଶହ ଯାନବାହନ ଅଟକି ରହିଛି। ଭୂସ୍ଖଳନ ଯୋଗୁଁ ୩ଟି ରାଜ୍ୟ (ଓଡିଶା, ଛତିଶଗଡ ଓ ଆନ୍ଧ୍ରପ୍ରଦେଶ)କୁ ଯାନବାହନ ୨୦ରୁ ୩୦ମିଟର ପର୍ଯ୍ୟନ୍ତ ରାସ୍ତାରେ ଭୂସ୍ଖଳନ ହେବା ଦୃଶ୍ୟ ଦେଖିବାକୁ ମିଳିଛି। ପାହାଡ଼ରୁ ବିରାଟ ପଥର ଓ ମାଟି ଅତଡା ଖସି ରାସ୍ତା ଅବରୋଧ ହୋଇଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ବସ୍?, ଟ୍ରକ୍? ଓ କାର ଅଟକି ରହିଛି। ଯାତ୍ରୀମାନେ ଆତଙ୍କିତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳୁଛି।

ପଥର ଓ ମାଟି ଅତଡା ଖସିବା ଫଳରେ ରାସ୍ତା ବନ୍ଦ ହୋଇଯିବା ଯୋଗୁଁ ଗଞ୍ଜାମ ଜିଲ୍ଲାରୁ କନ୍ଧମାଳ ସହ ପଶ୍ଚିମ ଓଡିଶାର



ଚଳାଚଳ ଅଟକି ଯାଇଛି।ସୂଚନାଯୋଗ୍ୟ, ୧୬୭ ନମ୍ବର ବିଜୟୱାଡା-ରାଞ୍ଚି ରାଜପଥରେ କନ୍ଧମାଳ, ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗୀର, ବରଗଡ, ମାଲକାନଗିରି, କୋରାପୁଟ, ରାୟଗଡା, ନବରଂଗପୁର ଲୋକେ ଯାତାୟତ କରିଥାନ୍ତି। ଏହି ରାସ୍ତା ଅବରୋଧ ହେବା ଦ୍ୱାରା ଛତିଶଗଡ ଓ ଆନ୍ଧ୍ରପ୍ରଦେଶର ଲୋକେ ପ୍ରଭାବିତ ହୋଇଛନ୍ତି।ଲଗାଣ ବର୍ଷା ଯୋଗୁଁ ଆଜି ଅପରାହ୍ନ ପ୍ରାୟ ୩ଟାରେ କଳିଙ୍ଗା ଘାଟିର ଅନ୍ଧାରକୋଟ ନିକଟରେ ଭୂସ୍ଖଳନ ଘଟିଛି। ଏଠାରେ ଦୀର୍ଘ ମାସ ହେଲା ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ଏକ ଠିକା ସଂସ୍ଥା ରାସ୍ତା ଚଉଡା କାର୍ଯ୍ୟ ଜାରି ଥିଲା। ଏହି ସ୍ଥାନରେ ପ୍ରାୟ ବିଭିନ୍ନ ସହରକୁ ଯାତାୟତ ଠପ ହୋଇଯାଇଛି। ରାସ୍ତା କେତେବେଳେ ଖୋଲିବ କହିବା ଅସମ୍ଭବ। କାରଣ ଯେଉଁଭଳି ଭାବେ ବିପଦପୂର୍ଣ୍ଣ ଅବସ୍ଥାରେ ଏହି ରାସ୍ତା ରହିଛି, ଏଠାରେ ଆବର୍ଜନା କାଢ଼ିବା ବିପଦପୂର୍ଣ୍ଣ ରହିଥିବା ଏବଂ ସଂକୀର୍ଣ୍ଣ ରାସ୍ତା ପୁରା ମାଟି ଓ ପଥର ଭରି ହୋଇ ରହିଛି। ସୌଭାଗ୍ୟ ବଶତଃ କୌଣସି କ୍ଷୟ କ୍ଷତି ହୋଇନଥିବା ବେଳେ ଖବର ପାଇ ସ୍ଥାନୀୟ ପୁଲିସ ଏବଂ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ସୂଚନାଯୋଗ୍ୟ, ଚଳିତ ବର୍ଷ ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶରେ ବିଭିନ୍ନ ସମୟରେ ପ୍ରବଳ ବର୍ଷା ପରେ ଭୂସ୍ଖଳନ ହୋଇଛି। ଏହି କାରଣରୁ ଅନେକଙ୍କ ଧନଜୀବନକୁ କ୍ଷତି ପହଞ୍ଚାଉଛି।

## ଭୁବନେଶ୍ୱରରୁ ସୁରଟକୁ ପୁଣି ଉଡ଼ିବ ବିମାନ

ଭୁବନେଶ୍ୱର୧୬।୯(ନି.ପ୍ର.): ବିମାନ ଯାତ୍ରୀଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ବିମାନବନ୍ଦରରେ ସେପ୍ଟେମ୍ବର ୧୭ ତାରିଖ ଦିନ ଯାତ୍ରୀ ସେବା ଦିବସ ପାଳନ ହେବ ହେବ। ଦେଶର ସବୁ ବିମାନବନ୍ଦରରେ ଯାତ୍ରୀ ସେବା ଦିବସ ପାଳନ କରାଯିବ। ଏହି କ୍ରମରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ମଧ୍ୟ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି, ବୁଧବାର ସକାଳୁ ଏଠାରେ ପ୍ରଥମ ବିମାନ ବିମାନବନ୍ଦରରେ ପହଞ୍ଚିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଯିବ। ଯାତ୍ରୀମାନେ ବିମାନବନ୍ଦରରେ ଓହ୍ଲେଇବେ। ଏହା ପରେ ପ୍ରଥମେ ଟୀକା ଲଗାଯିବ। ପରେ ସମ୍ବଲପୁରୀ ନୃତ୍ୟ ସହ ସେମାନଙ୍କୁ ସ୍ୱାଗତ କରାଯିବ।

ବରିଷ୍ଠ ନାଗରିକ ଯାତ୍ରୀଙ୍କ ଜରିଆରେ ବୃକ୍ଷରୋପଣ କରାଯିବ। ଛୋଟ ପିଲାଙ୍କ ମଧ୍ୟରେ ସାଧାରଣଜ୍ଞାନ ପ୍ରତିଯୋଗିତା ହେବ। ଏଥିସହ ସେଲ୍ଫି ପଏଣ୍ଟ ରହିଛି। ଏଥିସହ ଯାତ୍ରୀ ଏବଂ ସମସ୍ତ ଷ୍ଟେକ ହୋଲଡ଼ରଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯିବ। ଉଡାଣ କ୍ୟାଫେ ବାବଦରେ ଯାତ୍ରୀଙ୍କୁ ସଚେତନ କରାଯିବ। ଉଡାଣ କ୍ୟାଫେ ଉପରେ ଫିଡ଼ ବ୍ୟାକ ସେସନ ମଧ୍ୟ କରାଯିବ। ଭୁବନେଶ୍ୱର ବିମାନବନ୍ଦରରେ କିଭଳି ଯାତ୍ରୀ ସେବା ଦିବସ ପାଳନ କରାଯାଉଛି ତାର ତଦାରଖ ପାଇଁ ହେଡକ୍ୱାର୍ଟରରୁ ଜଣେ ଅବଜର୍ଭର ମଧ୍ୟ ଆସିଛନ୍ତି। ଦୁବାଇକୁ ବିମାନ ଚଳାଚଳ ନେଇ ଶ୍ରୀ ପ୍ରଧାନ କହିଛନ୍ତି, ଦୁବାଇକୁ ବିମାନ ବନ୍ଦ ନେଇ ଆଶଙ୍କା ଥିଲା। ହେଲେ ଏପରି କିଛି ଖବର ଆସି ନାହିଁ। ଖୁବଶୀଘ୍ର ସବିଶେଷ ଖବର ଆସିଯିବ। ଚେଷ୍ଟା ଚାଲିଛି ଯେ ସିଡ୍ୟୁଲ ପରିବର୍ତ୍ତନ କରିବାକୁ। ହେଲେ ଫ୍ଲାଇଟ ଯେପରି ବନ୍ଦ ନ ହୁଏ, ସେ ନେଇ ବିମାନବନ୍ଦର କର୍ତ୍ତୃପକ୍ଷ, ସରକାର ଓ ବିମାନ ସେବା ଚେଷ୍ଟା କରୁଛନ୍ତି। ଗତବର୍ଷ ୪୮ଲକ୍ଷ ୩୦ ହଜାର ଯାତ୍ରୀ ଭୁବନେଶ୍ୱର ବିମାନବନ୍ଦରରେ ଯାତାୟାତ କରିଥିଲେ, ଯାହା ଦେଶରେ ୧୩ ତମ ଓ ପୂର୍ବ ଭାରତରେ କୋଲକାତା ପରେ ଦ୍ୱିତୀୟ। ଭୁବନେଶ୍ୱର ଏକ ଲାଭଜନକ ବିମାନ ବନ୍ଦର। ଗତବର୍ଷ ୧୦୦ କୋଟି ବ୍ୟବସାୟ ହୋଇଥିଲା।




## ୯୧୩ ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ରର ଉଦଘାଟନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ଭୁବନେଶ୍ୱର,୧୬।୯(ନି.ପ୍ର.): ରାଜ୍ୟରେ ମୋଟ ୯୧୩ଟି ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ରର ଉଦଘାଟନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ଏଥିମଧ୍ୟରେ ରହିଛି ଅନୁଗୁଳର ୩୫ଟି, ବାଲେଶ୍ୱରର ୭୭, ବରଗଡ଼ର ୪୪ଟି, ଭଦ୍ରକର ୩୪ଟି, ବଲାଙ୍ଗୀରର ୨୩ଟି,



ବୌଦ୍ଧର ୧୧ଟି, କଟକର ୨୬ଟି, ଦେବଗଡ଼ର ୫ଟି, ଢେଙ୍କାନାଳର ୧୮ଟି, ଗଜପତିର ୧୪ଟି, ଗଞ୍ଜାମର ୭୨ଟି, ଜଗତସିଂହପୁରର ୩୭ଟି, ଯାଜପୁରର ୧୯ଟି, ଝାରସୁଗୁଡାର ୧୮ଟି, କଳାହାଣ୍ଡିର ୯୦ଟି, କନ୍ଧମାଳର ୨୨ଟି, କେନ୍ଦ୍ରାପଡ଼ାର ୨୨ଟି, କେନ୍ଦ୍ରାପଡ଼ାର ୧୭ଟି, କେନ୍ଦୁଝରର ୧୮ଟି, ଖୋର୍ଦ୍ଧାର ୬୧ଟି, କୋରାପୁଟର ୩୪ଟି, ମାଲକାନଗିରିର ୮ଟି, ମୟୂରଭଞ୍ଜର ୭ଟି, ନବରଙ୍ଗପୁରର ୨୬ଟି, ନୟାଗଡର ୫୬ଟି, ନୂଆପଡାର ୧୦ଟି, ପୁରୀର ୬୮ଟି, ରାୟଗଡାର ୧୮ଟି, ସମ୍ବଲପୁରର ୧୨ଟି, ସୁବର୍ଣ୍ଣପୁରର ୧୬ଟି ଓ ସୁନ୍ଦରଗଡ଼ର ୧୭ଟି ନୂଆ ଅଙ୍ଗନୱାଡି କେନ୍ଦ୍ରର ଶୁଭ ଉଦଘାଟନ ହୋଇଛି।

## କଟକ ଉନ୍ନୟନ ପ୍ରକଳ୍ପର ସମୀକ୍ଷା

ଭୁବନେଶ୍ୱର,୧୬।୯(ନି.ପ୍ର.): କଟକରେ ପ୍ରସ୍ତାବିତ ସ୍ୱତନ୍ତ୍ର ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତା ଅଗ୍ରଗତି ସଂପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଟକ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ସମେତ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।



ବୈଠକରେ କଟକ ଓଏମ୍‌ପି ଛକର ବିକାଶ ପାଇଁ ସେଠାରେ ଭେଣ୍ଡିଂ ଜୋନ, ଆଇଟି ପାର୍କ ଓ କନଭେନ୍‌ସନ ସେଣ୍ଟର ନିର୍ମାଣ ନେଇ କାର୍ଯ୍ୟାନୁଷ୍ଠାନ, ରାଣୀହାଟ ଛକର ବିକାଶ ପାଇଁ ଚିହ୍ନିତ ସ୍ଥାନରେ ଦୋକାନ ଗୃହ, ସରକାରୀ ବାସଗୃହ ଓ ଭେଣ୍ଡିଂ ଜୋନ ନିର୍ମାଣ ପାଇଁ ଡିଜାଇନ୍ ଚୂଡ଼ାନ୍ତ କରାଯିବା, ସରକାରୀ ପ୍ରେସ୍, ଖପୁରିଆ ଠାରେ ଉପଲବ୍?ଧ ଜମିର ଉନ୍ନତିକରଣ ପାଇଁ ଆବଶ୍ୟକ ରାସ୍ତାନିର୍ମାଣ ଏବଂ ସେଠାରେ ଡଃ ହରେକୃଷ୍ଣ ମହତାବ ପ୍ରତିମୂର୍ତ୍ତି ନିକଟରେ ବଗିଚା ନିର୍ମାଣ ଓ ଭେଣ୍ଡିଂ ଜୋନ ଏବଂ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ, ସତ୍ୟଭାମାପୁରର ସମନ୍ୱିତ ବିକାଶ ପାଇଁ ପଦକ୍ଷେପ ନିଆଯିବା ପାଇଁ ଆଲୋଚନା କରାଯାଇଥିଲା । ଆହୁରି ମଧ୍ୟ ତ୍ରିଶୁଳିଆ ଛକରୁ ବାରଙ୍ଗ ଦେଇ ନନ୍ଦନକାନନ ପର୍ଯ୍ୟନ୍ତ ଅବଶିଷ୍ଟ ରାସ୍ତାକୁ ଓସାରିଆ କରାଯାଇଉନ୍ନତିକରଣ ପାଇଁ ପ୍ରସ୍ତାବ କାର୍ଯ୍ୟକାରୀ ସଂପର୍କରେ ଆଲୋଚନା କରାଯାଇଥିଲା।ସେହିପରି ମହାନଦୀରେ ଏକ ବ୍ୟାରେଜ ନିର୍ମାଣ କରାଯିବା ନେଇ ରହିଥିବା ପ୍ରସ୍ତାବ ସଂପର୍କରେ ଆଲୋଚନା କରାଯାଇଥିଲା । ବନ୍ୟା ନିୟନ୍ତ୍ରଣ, ଶିଳ୍ପ ପାଇଁ ଜଳର ଆବଶ୍ୟକତା, ପାନୀୟ ଜଳ ଏବଂ ଜଳସେଚନ ପାଇଁ ଜଳର ଉପଲବ୍?ଧତାକୁ ଦୃଷ୍ଟି ଦେଇ ଏଥିପାଇଁ ସବୁଦୃଷ୍ଟିରୁ ସୁବିଧାଜନକ ହେବାକୁ ନଜର ରଖି ତଦନୁସାରେ ଯୋଜନା ପ୍ରସ୍ତୁତି, ବଡ଼ମ୍ବାରେ ଚିନି କଳ ପୁନରୁଦ୍ଧାର କାର୍ଯ୍ୟକାରୀ ସଂପର୍କରେ କାର୍ଯ୍ୟ ଅଗ୍ରଗତି, ନୂଆପାଟଣାଠାରେ ହସ୍ତତନ୍ତ ପ୍ରକଳ୍ପର ଅଗ୍ରଗତି, ଭଗତପୁର ସୂତା ମିଲ୍‌ର ପୁନରୁଦ୍ଧାର, କଟକର ୱେଲସ୍ପୁନ ଟେକ୍ସଟାଇଲସ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି, କଟକ ବାଙ୍କୀ, ଆଠଗଡ଼ ଏବଂ କଟକର ବିଭିନ୍ନ ସ୍ଥାନରେ ଶୀତଳ ଭଣ୍ଡାର ପ୍ରକଳ୍ପ ସ୍ଥାପନ, ନରାଜ ଠାରେ ଭୂମି ବିକାଶ ଯୋଜନା, ଜିଲ୍ଲାର ବିଭିନ୍ନ ସ୍ଥାନରେ ଏମ୍‌ଏସ୍‌ଏମ୍‌ଇ ପାର୍କ ନିର୍ମାଣ ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା । ବିଭିନ୍ନ ନିର୍ମାଣ ଓ ପ୍ରକଳ୍ପ କାର୍ଯ୍ୟ କାର୍ଯ୍ୟାନ୍ୱୟନରେ ରହୁଥିବା ସମସ୍ୟାକୁ ସମାଧାନ କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ସଂପୃକ୍ତ ବିଭିନ୍ନ ବିଭାଗର ସଚିବମାନଙ୍କୁ ନିର୍ଦ୍ଦେଶ ଓ ପରାମର୍ଶ ଦେବା ସହିତ କଟକ ଜିଲ୍ଲାପାଳଙ୍କୁ ଆବଶ୍ୟକ ସମନ୍ୱୟ ପାଇଁ ପରାମର୍ଶ ଦେଇଛନ୍ତି ।

## ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସବୁ ଯୋଜନା ହେବ : ଧର୍ମେନ୍ଦ୍ର ପ୍ରଧାନ

ଅନୁଗୋଳ,୧୬।୯(ନି.ପ୍ର.): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଗୋଳ ଜିଲ୍ଲାର ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍(ଏମସିଏଲ) ପ୍ରକଳ୍ପର ୧୫ତମ ରିହାବିଲିଟେସନ ଆଣ୍ଡ୍ ପେରିଫେରି ଡେଭଲପମେଣ୍ଟ ଆଡଭାଇଜରି କମିଟି(ଆରପିଡିଏସି) ଏବଂ ଜିଲ୍ଲା ଡିଏମଏଫ ଟ୍ରଷ୍ଟ ବୋର୍ଡର ପୃଥକ ପୃଥକ ବୈଠକ ଅନୁଷ୍ଠିତ ହୋଇଯାଇଛି ।




ପ୍ରଥମ ବୈଠକରେ ଜନସମସ୍ୟାକୁ ପ୍ରାଥମିକତା ଦେବା ଏବଂ ଗରିବ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ଦିଗରେ ଏମସିଏଲ୍ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ହୋଇଛି । ସେହିପରି ଅନୁଗୋଳ ଜିଲ୍ଲା ଡିଏମଏଫ ଟ୍ରଷ୍ଟ ବୋର୍ଡ ବୈଠକରେ ଲୋକଙ୍କ ସ୍ୱାର୍ଥ ପାଇଁ ଉନ୍ନୟନ କାର୍ଯ୍ୟ ଏବଂ କଲ୍ୟାଣକାରୀ ପ୍ରକଳ୍ପ ବିଷୟରେ ଚର୍ଚ୍ଚା ହୋଇଛି । ଡିଏମଏଫ ପାଣ୍ଠିରୁ ହୋଇଥିବା ଅର୍ଥ ବିନିଯୋଗ ତଥା ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଦକ୍ଷତା ବିକାଶ, ଆନୁଷଙ୍ଗିକ ଭିତ୍ତିଭୂମି, ପରିବେଶ ସୁରକ୍ଷା, ଗମନାଗମନ ଭଳି କ୍ଷେତ୍ରରେ ଉନ୍ନତିମୂଳକ କାର୍ଯ୍ୟ ଉପରେ ବିଚାରବିମର୍ଶ ହୋଇଥିଲା ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ କହିଛନ୍ତି ଯେ ଅନୁଗୋଳର ତାଳଚେର ଓ ଛେଣ୍ଡିପଦା ବ୍ଲକରୁ ପ୍ରାୟ ୧୦୦ ମିଲିୟନ ମେଟ୍ରିକ୍ ଟନ୍ କୋଇଲା ଉତ୍ପାଦନ ହେଉଛି । ଚଳିତବର୍ଷ ୧୨୫ ମିଲିୟନ ମେଟ୍ରିକ୍ ଟନ୍ କୋଇଲା ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇଛି । କୋଇଲାର ସବୁଠୁ ବଡ କଞ୍ଚାମାଲ ହେଉଛି ଜମି ଏବଂ ସ୍ଥାନୀୟ ଅଞ୍ଚଳର ଜମି ଅଧିଗ୍ରହଣ କରିବାର ସ୍ୱଚ୍ଛ ନୀତିର ନିର୍ଦ୍ଧାରଣ ମଞ୍ଚ ହେଉଛି ଆରପିଡିଏସି । ଲୋକଙ୍କ ସୁବିଧା ପାଇଁ ଏହି ବୈଠକ ଗତ ଫେବୃୟାରୀ ବସିଥିବା ବେଳେ ଆଜି ଏବଂ ଚଳିତବର୍ଷ ଶେଷରେ ବୈଠକ ହେବାର ନିଷ୍ପତି ହୋଇଛି ।

ଲୋକମାନଙ୍କର ସବିଶେଷ ତଥ୍ୟକୁ ବିସ୍ତୁତ ଭାବେ ଜାଣିବା ପାଇଁ ଆରପିଡିଏସି ଦ୍ୱାରା ଅନେକ ପଲିସି ନିର୍ଣ୍ଣୟ ହୋଇଛି । ଏଥିପାଇଁ ଏକ ବିଶେଷ କମିଟିର ମଧ୍ୟ ପରିକଳ୍ପନା ହୋଇଛି । ଲୋକଙ୍କ ସୁବିଧା ଅନୁସାରେ ଜମି ଅଧିଗ୍ରହଣ କରିବାର ବ୍ୟବସ୍ଥା କରିବା ଉପରେ ନୀତି ପ୍ରସ୍ତୁତ ହୋଇଛି । ଭାରତ ଓ ରାଜ୍ୟ ସରକାରଙ୍କ ଆଇନ ଏବଂ ନୀତି ଅନୁସାରେ ଲୋକମାନେ ବା ବିସ୍ଥାପିତମାନେ ଅଧିକ ଉପକୃତ ହେବା ସହ ଅଧିକ କ୍ଷତିପୂରଣ ପାଇବେ, ସେଥିପାଇଁ ପଦକ୍ଷେପ ନିଆଯିବ । ସମ୍ଭାବ୍ୟ ସହାୟତା ପାଇଁ କୋଲ୍ ଇଣ୍ଡିଆ ତରଫରୁ ମଧ୍ୟ ବ୍ୟବସ୍ଥା ହୋଇଛି । ବୈଠକରେ ପ୍ରଦୂଷଣ ରୋକିବା ସହ କୃତ୍ରିମ ଜଙ୍ଗଲ ସୃଷ୍ଟି ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି ।

ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାକୁ ସାକାର କରିବା ଲକ୍ଷ୍ୟରେ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ପାଇଁ ୧୬୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିବାରୁ କୋଲ ଇଣ୍ଡିଆକୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ । ଏହି ବୈଠକରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ସମେତ ଅନୁଗୋଳ, ଛେଣ୍ଡିପଦା ଓ ତାଳଚେର ବିଧାୟକ ଏବଂ ଅନୁଗୋଳ ଜିଲ୍ଲାପାଳ ଓ ଅନ୍ୟାନ୍ୟ ପ୍ରଶାସନିକ ଓ ଏମସିଏଲ ଅଧିକାରୀମାନେ ପ୍ରମୁଖ ଉପସ୍ଥିତ ଥିଲେ ।



# କୋରାପୁଟରେ ସାଧାରଣ ପରିଷଦ ବୈଠକ




କୋରାପୁଟ,୧୬।୯:(ମନ୍ଥନ) କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ପାଇଁ ସରକାର ସ୍ୱତନ୍ତ୍ର ବିଜ୍ଞାପନ ନୀତି ପ୍ରଣୟନ କରିବାକୁ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂଗଠନ ପକ୍ଷରୁ ଦାବି ହୋଇଛି । କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ର ପ୍ରାଙ୍ଗଣରେ ସଂଗଠନର ସାଧାରଣ ପରିଷଦ ବୈଠକରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରକାଶ ପାଉଥିବା କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସମ୍ପାଦକମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରାଯାଉ, ସରକାରୀ ସ୍ୱୀକୃତି ପାଇଁ ଆବେଦନ କରିଥିବା ସମ୍ବାଦପତ୍ରଗୁଡ଼ିକୁ କୋହଳ ମନୋଭାବ ପ୍ରକାଶ କରି ସରକାରୀ ସ୍ୱୀକୃତି ପ୍ରଦାନ କରାଯାଉ, ସ୍ୱୀକୃତି ପ୍ରଦାନ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ, ଓଡ଼ିଶାରେ ସାମ୍ବାଦିକ ଓ ସମ୍ପାଦକମାନଙ୍କ ପାଇଁ ପେନସନ ଓ ସୁରକ୍ଷା ଆଇନ ପ୍ରଣୟନ କରାଯାଉ, ସମ୍ପାଦକମାନଙ୍କୁ ଟୋଲ ଗେଟମାନଙ୍କରେ ନିଃଶୁଳ୍କ ଯାତାୟାତର ବ୍ୟବସ୍ଥା କରାଯାଉ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଓଡ଼ିଆ ସମ୍ବାଦପତ୍ରଗୁଡ଼ିକ ପ୍ରତି ବିଜ୍ଞାପନ ପ୍ରଦାନ କ୍ଷେତ୍ରରେ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ କରାଯାଉ, ସାମ୍ବାଦିକ ଅଧିସ୍ୱୀକୃତି କମିଟିକୁ କାର୍ଯ୍ୟକ୍ଷମ କରିବା ଇତ୍ୟାଦି ସମ୍ପର୍କରେ ଆଲୋଚନା ହୋଇ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଆସନ୍ତା ଦୁର୍ଗାପୂଜା ପରେ ଉପରୋକ୍ତ ଦାବିଗୁଡ଼ିକର ସମାଧାନ ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଯୋଗ ଦେଇଥିବା ସମ୍ପାଦକ ଓ ପ୍ରକାଶକମାନେ ଏହି ସଂଗଠନକୁ ଏକ ରାଷ୍ଟ୍ରୀୟ ସଂଗଠନରେ ପରିଣତ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ଏ ସମ୍ପର୍କରେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ପ୍ରସ୍ତାବ ଗୃହିତ ହୋଇଥିଲା । ସଂଗଠନର ଅଧ୍ୟକ୍ଷ ତଥା ନବୀନର ସମ୍ପାଦକ ରବି ରଥ ଓ ସଂଗଠନର ମୁଖ୍ୟ ଉପଦେଷ୍ଟା ବିନୋଦ ମହାପାତ୍ରଙ୍କୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଠଗନର ରାଜ୍ୟ ସଭାପତି ବଂଶୀଧର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ ଯୋଗଦେଇ ଏହି ସଂଗଠନର ଇତିହାସ ଓ କାର୍ଯ୍ୟକଳାପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସମ୍ପାଦକମାନଙ୍କ ଦାବି ଯୁକ୍ତିଯୁକ୍ତ ହୋଇଥିବାରୁ ଏ ସମ୍ପର୍କରେ ରାଜ୍ୟ ସରକାର ହସ୍ତକ୍ଷେପ କରିବା ଉଚିତ ବୋଲି କହିଥିଲେ । ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ର ତାଙ୍କ ବକ୍ତବ୍ୟରେ ସମ୍ବାଦପତ୍ରଗୁଡ଼ିକର ଅନୁମୋଦନ ପାଇଁ ଏକ ସ୍ୱଷ୍ଟ ନୀତି ପ୍ରଣୟନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।
ସାଧାରଣ ସମ୍ପାଦକ ଜ୍ୟୋତି ରଂଜନ ମହାପାତ୍ର ଗତ ବୈଠକର ବିବରଣୀ ପାଠ କରିଥିଲେ । ସଂଗଠନର ମୁଖ୍ୟ ଉପଦେଷ୍ଟା ବିନୋଦ ମହାପାତ୍ର, ସଂଗଠନ ସମ୍ପାଦକ ଜଗଦୀଶ ମିଶ୍ର, ଅକ୍ଷୟ କୁମାର ନାୟକ, ଉପସଭାପତି ଅକ୍ଷୟ କୁମାର ନାୟକ, ସହ ସମ୍ପାଦକ ସ୍ୱଦେଶ ଦାଶ ଓ ରମାକାନ୍ତ ପରିଜା ପ୍ରମୁଖ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଣେଶ ଚନ୍ଦ୍ର ବିଷୋୟୀ, ପ୍ରକାଶ ଚନ୍ଦ୍ର ଖଟୋଇ, ତପନ କୁମାର ପତି, ଚିତ୍ତରଂଜନ ସ୍ୱାଇଁ, ଅନିଲ କୁମାର ସାହୁ, ସରୋଜ ରଂଜନ ପଟ୍ଟନାୟକ, ସୁଶାନ୍ତ କୁମାର ସାହୁ, ସଂଜୟ କୁମାର ଓଝା, ବିଷ୍ଣୁପ୍ରିୟା ସାହୁ, ସତ୍ୟ ନାରାୟଣ ନାୟକ, ବାବୁଲି ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇ ସମ୍ପାଦକମାନଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପିତ କରିଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୪୦ରୁ ଉର୍ଦ୍ଧ୍ୱ ସମ୍ପାଦକ, ପ୍ରକାଶକ ଯୋଗ ଦେଇଥିଲେ ।

# ଜୟପାଟଣା ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ

କଳାହାଣ୍ଡି ଭବାନୀପାଟଣା,୧୬।୯:(ମନ୍ଥନ)କଳାହାଣ୍ଡି ଜିଲ୍ଲା ଜୟପାଟଣା ରେ ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୭୩ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୪୮ ଗୋଟି ଓ ସାମୂହିକ ୨୩ ଗୋଟି ରହିଥିବା ବେଳେ ୧୬ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ପାନୀୟଜଳ,ରାସ୍ତା ନିର୍ମାଣ, ଆର୍ଥିକ ସହାୟତା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ଅବକାରୀ ବିଦ୍ୟୁତ୍,ଜଳଛାୟା,ସମବାୟ, ବ୍ୟାଙ୍କ ତହସିଲ, ବ୍ଲକ ଇତ୍ୟାଦି ସମ୍ବନ୍ଧୀୟ ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ବ୍ଲକ ଅଧ୍ୟକ୍ଷ ଥବିର ବାଗ, ଜିଲ୍ଲା ପରିଷଦ ସଭ୍ୟ ଅଙ୍ଗଦ ମାଝୀ, ବିଡିଓ ଧର୍ମରାଜ ମାଝୀ, ତହସିଲଦାର ରଘୁନାଥ ମୁଣ୍ଡାରୀ, ଏସ୍ ଡି ପିଓ ଢ଼ୋଲାମଣୀ ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ପିଡି, ଓ୍ୱାଟର ସେଡ,ପ୍ରଭାକର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଏବଂ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।



# ବିସ୍ଫୋରଣ ହେଲା ଇଲେକ୍ଟ୍ରିକ ବ୍ୟାଟେରୀ ସ୍କୁଟର

କୋଣାର୍କ, ୧୬।୯:(ମନ୍ଥନ)ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ସାମୁଦ୍ରିକ ଥାନା ଅଧୀନ ସୁତନ ପଞ୍ଚାୟତର ଖାଲକଟାପାଟଣା ଗ୍ରାମରେ ଗତ ଶନିବାର ଅପରାହ୍ନରେ ଏକ ଇଲେକ୍ଟ୍ରିକ୍ ସ୍କୁଟର ବ୍ୟାଟେରୀ ଫାଟି ସମ୍ପୂର୍ଣ୍ଣ ପୋଡ଼ି ଧ୍ୱସ ହୋଇଯାଇଛି । ମିଶନ ଶକ୍ତି ମହିଳା ଗ୍ରୁପ ସଦସ୍ୟା ନମିତା ମୁରୁଡ଼ି କୋଣାର୍କ କାନାରା ବ୍ୟାଙ୍କ ଶାଖା ସହାୟତାରେ କୋଣାର୍କ ସ୍ଥିତ ହୋଣ୍ଡା ସୋରୁମ ଓକିନାଓ୍ୱା ଇଲେକ୍ଟ୍ରିକ ସ୍କୁଟର (ଓଡି ୧୩ ୨୧୪୯) ଗତ ୨୦୨୪ ମସିହା ଏପ୍ରିଲ ମାସରେ କ୍ରୟ କରିଥିଲେ । ଇଷ୍ଟାଲମେଣ୍ଟ ସୁଜିବାକୁ ଚାରିବର୍ଷ ସମୟ ସୀମା ହୋଇଥିବା ବେଳେ ଏବେ ମାତ୍ର ଦେଢ଼ବର୍ଷ ସୁଜା ଯାଇଛି।ଶନିବାର ଅପରାହ୍ନରେ ଘରେ ଗାଡି ରଖିଥିବା ବେଳେ ହଠାତ୍ ଜୋର ଶବ୍ଦ ଶୁଭିଥିଲା । ବିସ୍ଫୋରଣ ଶବ୍ଦଶୁଣି ଆଖ ପାଖ ପଡୋଶୀ ଦେଖନ୍ତେ। ଇଲେକ୍ଟ୍ରିକ ସ୍କୁଟର ଗାଡ଼ିଟି ଜଳୁ ଥିବାର ଦେଖି ଗ୍ରାମବାସି ମାନେ ମିଶି ନିଆଁ କୁ ଆୟତ କରିଥଲେ । ହେଲେ ସେତେବେଳକୁ ଗାଡ଼ିଟି ସମ୍ପୂର୍ଣ ପୋଡ଼ି ଧଂସ ହୋଇଯାଇଥିଲା । ଏଥି ସହିତ ଗାଡ଼ିରେ ଥିବା ଜରୁରୀ କାଗଜପତ୍ର, ଘର ଓ ଆସବାସପତ୍ର ମଧ୍ୟ ପୋଡ଼ି ଯାଇଛି । ଗାଡି ରହିଥିବା ଆଜେବେଷ୍ଟ ଘରବି ଆଂଶିକ କ୍ଷତି ହୋଇଛି । ଏନେଇ ନମିତା ମୁରୁଡ଼ି ଚନ୍ଦ୍ରଭାଗା ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ବୀମା କମ୍ପାନୀ ପକ୍ଷରୁ ତୁରନ୍ତ ସହାୟତା ଯୋଗାଇ ଦେବା ସହିତ ବ୍ୟାଙ୍କ୍ ଋଣ ଛାଡ କରିବାକୁ ନମିତା ଦାବୀ କରିଛନ୍ତି ।

# ଶିକ୍ଷାବିତଙ୍କ ବିୟୋଗ

କେନ୍ଦ୍ରାପଡ଼ା,୧୬।୯:(ମନ୍ଥନ)କେନ୍ଦ୍ରାପଡ଼ା ବ୍ଲକ ଅଧିନ କଂସାର ପଞ୍ଚାୟତ ଅନ୍ତର୍ଗତ ଏଣ୍ଡର ଗ୍ରାମର କାଙ୍ଗାଳି ଜେନାଙ୍କର (୮୬) ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମାପନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଜେନା କଂସାର ସାହସପୁର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଓ ସରସ୍ୱତୀ ଉଚ୍ଚ ବିଦ୍ୟାଳୟ କାଙ୍କଦିଆର ସଭାପତି,ଜିଲାଶିକ୍ଷକେନ୍ଦ୍ରର ଆଇପିଏଲ ଭଳି ପଦରେ ରହି ନିଷ୍ଠାର ସହିତ କାର୍ଯ୍ୟ କରୁଥିଲେ। ତାଙ୍କ ବିୟୋଗ ଖବର ପାଇ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା,ରବୀନ୍ଦ୍ରନାଥ ପଣ୍ଡା, ପରମାନନ୍ଦ ରାଉତ, ସମାଜସେବୀ ଚନ୍ଦ୍ରକାନ୍ତ ବେହେରା, କବିଚରଣ ବିଶ୍ୱାଳ, ଓସ୍ତପୁର ସମବାୟ ସମିତି ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା, ମନୋଜ ନାୟକ, ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ତାଙ୍କ ବାସବବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଛୋଟୀ ଗ୍ରାମପଞ୍ଚାୟତରେ ଆମ ଗାଁରେ ତହସିଲ କାର୍ଯ୍ୟାଳୟ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୬।୯:(ମନ୍ଥନ)ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଡେରାବିଶ ତହସିଲ ଅଧିନ ଛୋଟି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରା ଉଦଘାଟନ କରି ଗ୍ରାମାଞ୍ଚଳ ଜନସାଧାରଣଙ୍କ ବହୁବିଧ ସମସ୍ୟା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦୂର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମ ଦ୍ୱାରା ବିବିଧ ଓ ଜାତିଗତ ପ୍ରମାଣପତ୍ର ପ୍ରଦାନ, ପଟ୍ଟା ବଣ୍ଟନ, ଇ-ପାଉତି ମାଧ୍ୟମରେ ରାଜସ୍ୱ ପୈଠ, ଦାଖଲଖାରଜ ମାମଲା, କିସମ ପରିବର୍ତ୍ତନ ମାମଲା, ଆପୋଷ ବୁଝାମଣାରେ ଜମି ବଣ୍ଟନ ମାମଲା, ସିକିମ ସତ୍ତ୍ୱ ଓ ବେବନ୍ଦୋବସ୍ତମାମଲାର ସମାଧାନ, ଜମି ପଟ୍ଟାର ପ୍ରଜାଖାନା ସଂଶୋଧନ ଓ ବସୁନ୍ଧରା ଯୋଜନା ମାଧ୍ୟମରେ ସ୍ଥାୟୀ ଘରଡିହ ପଟ୍ଟା ପ୍ରଦାନ ଏବଂ ବ୍ୟକ୍ତିଗତ ଓ ସାଧାରଣ ଅଭିଯୋଗ ଗୁଡିକର ଶୁଣାଣି ଓ ସମାଧାନ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅତିରିକ୍ତ ତହସିଲଦାର ଶ୍ରୀ ବେହେରା ଅଭିହିତ କରିଥିଲେ। ଏହି ଅବସରରେ ଅତିରିକ୍ତ ତହସିଲଦାର ଶ୍ରୀ ବେହେରା ୧୭ ଗୋଟି ବ୍ୟକ୍ତିଗତ ଅଭିଯୋଗ, ୩ ଗୋଟି ସାମୁହିକ ଅଭିଯୋଗର ଶୁଣାଣି କରି ସେସବୁର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୭୦ଟି ପ୍ରଜାଖାନା ସଂଶୋଧନ ପଟ୍ଟା, ୧୬ଟି ବିବିଧ ପ୍ରମାଣପତ୍ର ବଣ୍ଟନ କରଯାଇଥିଲା। ଏଥିସହିତ ୬ଟି ଦାଖଲ ଖାରଜ ମାମଲା, ଗୋଟିଏ କିସମ ପରିବର୍ତ୍ତନ ମାମଲାର ଶୁଣାଣି ଅତିରିକ୍ତ ତହସିଲଦାର ଶ୍ରୀ ବେହେରାଙ୍କ ଦ୍ୱାରା କାଯାଇଥିଲା। ଛୋଟି ରାଜସ୍ୱ ସର୍କଲରେ କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବାଧିକ ୯୯୦ଟି ପ୍ରଜାଖାନା ସଂଶୋଧନ ହୋଇ ପଟ୍ଟାରେ ଜୀବିତ ଉତ୍ତରାଧିକାରୀଙ୍କ ନାମ ଉଲ୍ଲିଖିତ ହୋଇଥିବାରୁ ସମସ୍ତ ଜନସାଧାରଣଙ୍କୁ ଅତିରିକ୍ତ ତହସିଲଦାର କୃତଜ୍ଞତା ଜ୍ଞାପନ କରିଥିଲେ। ରାଜ୍ୟ ସରକାରଙ୍କ ଏହି ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଜନସାଧାରଣ ଅତି ନିକଟରେ ନିଜ ଗାଁରେ ତହସିଲ ପ୍ରଶାସନକୁ ପାଇ ଅଭିଯୋଗ ଜଣାଇବାର ସୁବିଧା ପାଇଥିବାରୁ ଅଞ୍ଚଳବାସୀଙ୍କ ପକ୍ଷରୁ ଛୋଟି ସରପଞ୍ଚ ରାଜ୍ୟ ସରକାରଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।ଏହି କାର୍ଯ୍ୟକ୍ରମରେ ଛୋଟି ସରପଞ୍ଚ ରଜନୀ ମଲ୍ଲିକ, ରାଜସ୍ୱ ପରିଦର୍ଶକ ମାନସ ଚନ୍ଦ୍ର ନାଥ, ରାଜସ୍ୱ ନିରୀକ୍ଷକ ବିଶ୍ୱବିଜୟୀ ପରିଡା, ପ୍ରକାଶ ସେଠୀ, ଲକ୍ଷ୍ମୀପ୍ରିୟା ବେହେରା,ଶୁଭଦର୍ଶନ ପରିଡା, ସାରଦା ପ୍ରସନ୍ନ ପ୍ରଧାନ, ଶୁଭଶ୍ରୀ ସେଠୀ, ମାର୍କଣ୍ଡ ହୋ, ଲିପିସ୍ମିତା ଟୁଡୁ, ସ୍ମୃତି ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତହସିଲର ରାଜସ୍ୱ ସହାୟକ ଦୀପ୍ତିରଞ୍ଜନ ଦାସ, ରୁଦ୍ରପ୍ରସାଦ ସାହୁ, ଅମିନ ମୟଙ୍କମଞ୍ଜରୀ ସୋରେନ, ଉମାକାନ୍ତ ବେହେରା, ନିରଞ୍ଜନ ବେହେରାଙ୍କ ସହ ଅନ୍ୟାନ୍ୟ କର୍ମଚାରୀଗଣ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ଅଧିକ ଯୌତୁକ ଦାବିରେ ମହିଳାଙ୍କୁ ଆକ୍ରମଣ, ସ୍ୱାମୀ ଗିରଫ

କୁକୁଡାଖଣ୍ଡି,୧୬।୯:(ମନ୍ଥନ)ଅଧିକ ଯୌତୁକ ଦାବିରେ ମହିଳାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ସଦର ଥାନା ପୁଲିସ ସଂପୃକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରିଛି । ସେ ହେଲେ ବଉଳଝୋଳିର ବସନ୍ତ ବିଷୋୟୀ(୪୨) । ସୂଚନାପ୍ରକାରେ, ଦିଗପହଣ୍ଡି ଅଞ୍ଚଳର ମହିଳା ରଞ୍ଜିତା ବିଷୋୟୀ ୨୦୦୭ରେ ଅଭିଯୁକ୍ତ ବସନ୍ତଙ୍କୁ ବିବାହ କରିଥିଲେ । ସେହି ସମୟରେ ରଞ୍ଜିତାଙ୍କ ପରିବାର ପକ୍ଷରୁ ଆବଶ୍ୟକୀୟ ଯୌତୁକ ପ୍ରଦାନ କରାଯାଇଥିଲା । ବର୍ଷକ ପରେ ଉଭୟଙ୍କ ଏକ ପୁତ୍ର ଜନ୍ମ ହୋଇଥିଲା । ହେଲେ ବିବାହର କିଛି ବର୍ଷ ପରେ ଅଭିଯୁକ୍ତ ବସନ୍ତ ଏବଂ ତାଙ୍କ ପରିବାର ଲୋକେ ଅଧିକ ଯୌତୁକ ଦାବି କରିଥିଲେ । ହେଲେ ରଞ୍ଜିତାଙ୍କ ପରିବାର ଲୋକେ ଯୌତୁକ ଦେବାକୁ ଅସମର୍ଥ ହେବାରୁ ବସନ୍ତଙ୍କ ପରିବାର ଲୋକେ ମାନସିକ ଓ ଶରୀରିକ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ । ବାରମ୍ବାର ନିର୍ଯାତନ ପରେ ରଞ୍ଜିତା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ । ଏହାକୁ ନେଇ ଗାଁ କମିଟି ବୈଠକରେ ଏକାଧିକ ଥର ଆଲୋଚନା ହୋଇ ସମାଧାନ ମଧ୍ୟ ହୋଇଥିଲା । ଗତ ୧୪ ତାରିଖ ରାତିରେ ଅଭିଯୁକ୍ତ ବସନ୍ତ ମଦ୍ୟପାନ କରି ଘରକୁ ଆସିବା ସହ ଅଧିକ ଯୌତୁକ ଦାବିରେ ରଞ୍ଜିତାଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଘଟଣାକୁ ନେଇ ରଞ୍ଜିତା ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୪୨୫/୨୫) ରୁଜୁ କରି ତଦନ୍ତ କରିଥିଲା । ଅଭିଯୁକ୍ତ ବସନ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି ।

# ଆୟକର ନୋଟିସ ଜାରିକରି ବିବାଦରେ ଶିକ୍ଷା କାର୍ଯ୍ୟାଳୟ

କେନ୍ଦ୍ରାପଡ଼ା,୧୬।୯:(ମନ୍ଥନ)ଜିଲ୍ଲାର ସମସ୍ତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ଆୟକର ନୋଟିସ ଜାରିକରି ବିବାଦ ମଧ୍ୟକୁ ଟାଣିହୋଇଛି ଜିଲ୍ଲା ଶିକ୍ଷା ବିଭାଗ। ଏହି ନୋଟିସକୁ ନେଇ ପ୍ରଧାନଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ସେମାନେ ଏନେଇ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ସେମାନେ କହିଛନ୍ତି ଆଜି ପର୍ଯ୍ୟନ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କୌଣସି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏଭଳି ନୋଟିସ ଜାରିକରି ନଥିଲେ। ନିୟମ ଅନୁଯାୟୀ ଯଦି ଗଣଶିକ୍ଷା ବିଭାଗ ସଚିବ ଏସଂକ୍ରାନ୍ତରେ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଅନ୍ତି ତେବେ ଆୟକର ଦାଖଲ କରିବା ପାଇଁ ଜିଲ୍ଲାପାଳ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେବେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପାଇବା ପରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଧାନ ଶିକ୍ଷକମାନଙ୍କୁ ଏଭଳି ନିର୍ଦ୍ଦେଶ ଦେଇପାରିବେ। କିନ୍ତୁ ଜଣେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଧାନଶିକ୍ଷକମାନଙ୍କୁ ଏଭଳି ନିର୍ଦ୍ଦେଶ ଜାରି କରିବା ବେଆଇନ ବୋଲି ସେମାନେ କହିଛନ୍ତି। ଜଣେ ପ୍ରଧାନ ଶିକ୍ଷକଙ୍କ କହିବା ଅନୁଯାୟୀ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସ୍ୱାଗତିକା ସ୍ୱାଇଁ ଚଳିତ ସେପଟ୍ମେର ମାସର ନିୟମିତ ଦରମା ପ୍ରଦାନ କରିବା ବେଳେ ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ନିକଟକୁ ପତ୍ର ସଂଖ୍ୟା - ୮୯୮୦(ଗ) /ତା ୧୩/୯/୨୦୨୫ ରିଖରେ ସେପଟ୍ମେର ମାସର ନିୟମିତ ଦରମା ବିଲ୍‌ଫର୍ମ ସହିତ ୧୬ନମ୍ବର ଆୟକର ବିଭାଗ ଫର୍ମର ଅବିକଳ ନକଲ ସଂଲଗ୍ନ କରି ପଠାଇବାକୁ ଏକ ପତ୍ର ଲେଖିଛନ୍ତି। କିନ୍ତୁ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ବିଗତ ବର୍ଷଗୁଡିକରେ କୋଣସି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏଭଳି କୌଣସି ପତ୍ର କରିନଥିବା ଜଣାପଡିଛି। କାରଣ ଶିକ୍ଷା ବିଭାଗ ସଚିବ ବା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଏଭଳି କୌଣସି ନିର୍ଦ୍ଦେଶନାମା ନାହିଁ। ତେଣୁ ପୂର୍ବତନ ଅଧିକାରୀମାନେ ଏଭଳି ବେନିୟମ କାର୍ଯ୍ୟ କରିନଥିବା ବେଳେ ବର୍ତ୍ତମାନର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କାହା ସାହସରେ ଏଭଳି କଲେ ସେମାନେ ପ୍ରଶ୍ନ ଉଠାଇଛନ୍ତି।

# ଅଯୋଧ୍ୟା -ବାରଣାସି ତୀର୍ଥଯାତ୍ରାରୁ ଫେରିଲେ ବରିଷ୍ଠ ନାଗରିକ

କେନ୍ଦ୍ରାପଡ଼ା,୧୬।୯:(ମନ୍ଥନ)ଚଳିତ ମାସ ୧୦ ତାରିଖରେ ଭୁବନେଶ୍ୱର ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଅଯୋଧ୍ୟା -ବାରଣାସୀ ଅଭିମୁଖେ ଯାଇଥିବା କେନ୍ଦ୍ରାପଡ଼ାର ୧୦୮ ଜଣ ବରିଷ୍ଠ ନାଗରିକ ସୋମବାର ସନ୍ଧ୍ୟା ୮ ଟାରେ କେନ୍ଦ୍ରାପଡ଼ାରେ ପହଞ୍ଚିଛନ୍ତି। ଫେରିଲା ପରେ ଜିଲ୍ଲାପାଳ ରଘୁରାମ ଆର. ଆୟର ନିଜେ ଉପସ୍ଥିତ ରହି କଚେରୀ ନିକଟସ୍ଥ ଭାସ୍କର ଟକିଜ ଛକରେ ଭୁବନେଶ୍ୱର ରେଳ ଷ୍ଟେସନରୁ ଏକ ସ୍ୱତନ୍ତ୍ର ବସ ଯୋଗେ ଫେରିଥିବା ସମସ୍ତ ଯାତ୍ରୀଙ୍କୁ ସ୍ୱାଗତ କରିଛନ୍ତି। ଜିଲ୍ଲାପାଳ ବରିଷ୍ଠ ନାଗରିକଙ୍କୁ ପ୍ରଥମେ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହିତ ତୀର୍ଥ ପରିଭ୍ରମଣର ଅନୁଭୂତି ପଚାରିଥିଲେ। ତୀର୍ଥଯାତ୍ରୀଙ୍କ ମୁହଁରେ ହସ ଫୁଟିବା ସହିତ ଅତ୍ୟନ୍ତ ଆନନ୍ଦିତ ଥିବା ଜଣା ପଡୁଥିଲେ। ପରିଭ୍ରମଣ କରି ଅତ୍ୟନ୍ତ ଖୁସି ଥିବା ବରିଷ୍ଠ ନାଗରିକ ମାନେ ବ୍ୟକ୍ତ କରିବା ସହ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି। ଫେରିଥିବା ସମସ୍ତ ଯାତ୍ରୀ କିଭଳି ନିଜ ନିଜ ଘରକୁ ସୁରକ୍ଷିତ ଭାବେ ପହଞ୍ଚିବେ ସେଥିପାଇଁ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତ୍ରିଭୁବନ ଜୟସିଂଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଯୋଗ୍ୟ ଯେ ତୀର୍ଥ ଯାତ୍ରାରେ ଆଳି ବ୍ଲକରୁ ଜଣେ, ଗରଦପୁର ଏବଂ ପଟ୍ଟାମୁଣ୍ଡାଇ ବ୍ଲକରୁ ୩ ଜଣ ଲେଖାଏଁ, ରାଜନଗରରୁ ୪ ଜଣ, ରାଜକନିକାରୁ ୫ ଜଣ, ଡେରାବିଶରୁ ୧୭ ଜଣ, ମାର୍ଶାଘାଇରୁ ୧୮ ଜଣ, ମହାକାଳପଡ଼ାରୁ ୨୦ ଜଣ ଏବଂ କେନ୍ଦ୍ରାପଡ଼ାରୁ ୩୭ ଜଣ ଯାତ୍ରା ଆରମ୍ଭ କରିଥିଲେ। ସେଥିମଧ୍ୟରୁ ୬୬ ଜଣ ପୁରୁଷ ଏବଂ ୪୨ ଜଣ ମହିଳା ଥିଲେ। କେନ୍ଦ୍ରାପଡ଼ା ସମେତ ଜଗତସିଂହପୁର, ଖୋର୍ଦ୍ଧା, କଟକ, ପୁରୀ, ଢେଙ୍କାନାଳ ଜିଲ୍ଲାର ମୋଟ ୭୭୫ ଜଣ ବରିଷ୍ଠ ନାଗରିକ ଏବଂ ୨୫ ଜଣ ଏସ୍କର୍ଟ ଅଫିସର ଯାତ୍ରା କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୦ ସେପଟ୍ମେରରେ ଭୁବନେଶ୍ୱର ରେଳ ଷ୍ଟେସନରୁ ତୀର୍ଥ ଯାତ୍ରା ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# କୋରକୁଣ୍ଡା ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ମାଲକାନଗିରି, ୧୬।୯:(ମନ୍ଥନ)ଆଜି କୋରକୁଣ୍ଡା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜି ମୋଟ ୪୨ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା । ସେଥି ମଧ୍ୟରୁ ୧୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨୯ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ସେହିପରି ୪ ଗୋଟି ରାସନ୍ କାର୍ଡ, ଗୋଟିଏ ବିଜୁଳି ସଂଯୋଗୀକରଣ, ୫ ଗୋଟି ଜମିଜମା ସମ୍ବନ୍ଧୀୟ, ଗୋଟିଏ ଚାକିରୀ ସମ୍ବନ୍ଧୀୟ, ଗୋଟିଏ ପାନୀୟ ଜଳ, ଗୋଟିଏ ସାମାଜିକ ସୁରକ୍ଷା ପେନସନ ଏବଂ ୨୭ ଗୋଟି ରାସ୍ତା ଓ କୋଠାବାଡ଼ି ଓ ଉନ୍ନୟନ କାର୍ଯ୍ୟ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣୀ ହୋଇଥିଲା । ଏହି ଶୁଣାଣୀରେ ରାସନ୍ କାର୍ଡ, ଶ୍ରମ କାର୍ଡ, ଆଧାର କାର୍ଡ ଅପଡେଟ, ସ୍ୱାସ୍ଥ୍ୟ କାର୍ଡ, ସାମାଜିକ ସୁରକ୍ଷା ପେନସନ ଓ ଜଙ୍ଗଲ ଜମି ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ କ୍ୟାମ୍ପ କରାଯାଇ ଅନଲାଇନ୍ ସେବା ଯୋଗାଇ ଦିଆଯାଇଥିଲା ।ଆଜିର ଶିବିରରେ ୬୮ ଜଣ ଶ୍ରମିକ ଙ୍କୁ ଶ୍ରମ କାର୍ଡ ପ୍ରଦାନ କରାଯାଇଥିବା ବେଳେ ୨୬ ଜଣ ଶ୍ରମିକ ଙ୍କର ନୂତନ ଭାବେ ନାମ ପଞ୍ଜିକରଣ କରାଯାଇଛି । ସେହିପରି ୫୭ ଜଣ ଶ୍ରମିକ ଙ୍କର କାର୍ଡ ନବୀକରଣ କରାଯାଇଛି। ସାମାଜିକ ସୁରକ୍ଷା ପେନସନ ଯୋଜନାରେ ୫ ଜଣ ଓ ୪ ଜଣ ହିତାଧିକାରୀଙ୍କର ରାସନ୍ କାର୍ଡ ନିମନ୍ତେ ନାମ ପଞ୍ଜିକରଣ କରାଯାଇଛି । ସେହିପରି ୨୩ ଜଣ ରାସନ୍ କାର୍ଡ ହିତାଧିକାରୀଙ୍କ ଇ କେଓ୍ୱାଇସି ଅପଡେଟ କରାଯାଇଛି । ୧୫ ଜଣଙ୍କ ର ଆଧାର କାର୍ଡ ଅପଡେଟ କରାଯାଇଥିବା ବେଳେ ୫୭ ଜଣ ଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ଜିଲ୍ଲାପାଳଙ୍କ ଏହି ଅଭିନବ ପ୍ରୟାସ ଯୋଗୁଁ ଅନେକ ଗ୍ରାମାଞ୍ଚଳ ହିତାଧୀକାରୀ ତୁରନ୍ତ ଅନଲାଇନ୍ ସେବା ପାଇ ଉପକୃତ ହୋଇ ପାରୁଛନ୍ତି ।ଜନ ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ କୋରକୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ଗସ୍ତ କରି ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତିୟ ଏହା ସହ ବିଦ୍ୟାଳୟରେ ପାଠ ପଢ଼ା କିପରି ଚାଲିଛି ପଚାରିବା ସହ ବିଦ୍ୟାଳୟ ଭିତ୍ତିଭୂମି ବୁଲି ଦେଖିଥିଲେ ଜିଲ୍ଲାପାଳୟ ଦ୍ ସହିତ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଅନ୍ୟାନ୍ୟ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି । ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ବନଖଣ୍ଡ ଅଧିକାରୀ ସାଇ କିରଣ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କୋରକୁଣ୍ଡା ବିଡିଓ, ସହାୟକ ଜିଲ୍ଲାପାଳ ନିର୍ବାଚନ ଅଶୋକ ଚକ୍ରବର୍ତ୍ତୀଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।



# ଓଡିଶା ମୋଟର ଚାଳକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର,୧୬।୯:(ମନ୍ଥନ)ଓଡିଶା ମୋଟର ଚାଳକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଏବଂ ମୋଟର ଚାଳକଙ୍କ ସାଙ୍ଗଠନିକ ଦକ୍ଷତା ବୃଦ୍ଧି ଶିବିର ରବିବାର ସ୍ଥାନୀୟ ସୁଦପଡ଼ା କଲ୍ୟାଣ ପଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟ କ୍ରମ ରେ ମୁଖ୍ୟ ଅତିଥି ଭାବେ ପୋରାଧ୍ୟକ୍ଷା ଲିକା ସାହୁ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସୂଚନା ଅଧିକାରୀ କର୍ମୀ ହେମନ୍ତ କୁମାର ପଣ୍ଡା ଯୋଗଦାନ କରି ଥିଲେ । ଏହି କାର୍ଯ୍ୟକ୍ରମରେ ଡ୍ରାଇଭର କଲ୍ୟାଣ ବୋର୍ଡ଼ ମେମ୍ବର ଅକ୍ଷୟ କୁମାର ନାୟକ, ସାଧାରଣ ସମ୍ପାଦକ ଅରୁଣ ମହାନ୍ତି, ବଲାଙ୍ଗୀର ସଂଘ ସଭାପତି ସତ୍ୟାନନ୍ଦ ପ୍ରଧାନ, କୋଷାଧ୍ୟକ୍ଷ ସୁବ୍ରତ କୁମାର ଯୋଶୀ, ଆୟୋଜକ ବିଶ୍ୱନାଥ ମିଶ୍ର, ନନ୍ଦନ ନାଏକ, ପ୍ରମୋଦ ସାହୁ, କୃଷ୍ଣ ଭାଲେତ, ଭୀଷ୍ମ ତାଣ୍ଡି, ପ୍ରମୋଦ ସାହୁ, ଦୁର୍ଗା ପଟେଲ ଓ ଅନ୍ୟ ମାନେ ଉପସ୍ଥିତ ରହି ସଭା ର ସଫଳ ଆୟୋଜନ କରି ଥିଲେ । କାର୍ଯ୍ୟ କାରିଣୀ ବୈଠକ ରେ ଡ୍ରାଇଭର ମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗ ରେ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ରାଜ୍ୟ ରେ ଡ୍ରାଇଭର କଲ୍ୟାଣ ବୋର୍ଡ଼ ଗଠନ କରାଯାଇଥିବାରୁ ଡ୍ରାଇଭର ମାନେ ଏହାକୁ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ ଏହି ଶିବିର ଡ୍ରାଇଭର ମାନଙ୍କ ଦକ୍ଷତା ବୃଦ୍ଧି ଓ ସେମାନଙ୍କ ସୁରକ୍ଷା ଦିଗ ରେ ବିଶେଷ ଆଲୋଚନା ହୋଇଥିଲା ।ଏଥିରେ ବହୁ ଅଭିଜ୍ଞ ଡ୍ରାଇଭର ଟ୍ରାଫିକ ସମସ୍ୟା, ଡ୍ରାଇଭର ମାନଙ୍କ ଅସୁବିଧା ଓ ଏହାର ନିରାକରଣ ଦିଗ ରେ ନିଆଯିବାକୁ ଥିବା ପଦକ୍ଷେପ ସମ୍ପର୍କ ରେ କହିଥିଲେ ଏହି ଅବସର ରେ ମୃତ ଡ୍ରାଇଭର ଡାକ୍ତର ଜାଲ ଙ୍କ ସ୍ତ୍ରୀ ଙ୍କୁ ୪ ଲକ୍ଷ ଟଙ୍କା ସହାୟତା ଚେକ ପ୍ରଦାନ କରା ଯାଇ ଥିଲା ।





# ଏମ୍ ସି ଏଲ୍ ୧୫ ତମ ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି ବୈଠକ

ଅନୁଗୋଳ, ୧୬।୯:(ମନ୍ଥନ) ମହାନଦୀ କୋଇଲା ଖଣି ସଂସ୍ଥା (ଏମ୍ ସି ଏଲ)ର ୧୫ ତମ ଥଇଥାନଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି ବୈଠକ ଉତ୍ତରାଂଚଳ ରାଜସ୍ୱ କମିଶନର ସଚିନ୍ ରାମଚନ୍ଦ୍ରଯାଦବଙ୍କ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବରକେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସଂସଦ, ସମ୍ବଲପୁର ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ଜମି ଅଧିଗ୍ରହଣବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ସହିତ ଲୋକମାନେ ଯେପରି ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନପାଇପାରିବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ ।ଯ ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ୍ଅଖତର ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । କାର୍ଯ୍ୟସୂଚୀ ଅନୁଯାୟୀ ବୈଠକରେ ମୋଟ ୧୭ଟି ବିଷୟ ଉପରେଆଲୋଚନା ହୋଇଥିଲା । ତାଳଚେର, କଣିହାଁ ଓ ଛେଣ୍ଡିପଦା ଅଞ୍ଚଳରେ ଏମ୍ ସି ଏଲ୍ ପ୍ରକଳ୍ପ ପାଇଁବିସ୍ଥାପିତ ହୋଇଥିବା ଗ୍ରାମବାସୀମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଏବଂ ପ୍ରଭାବିତ ପରିବାର ଓଗ୍ରାମଗୁଡିକର ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ପାଇଁ କଲ୍ୟାଣକାରୀ ଯୋଜନାର କାର୍ଯ୍ୟାନ୍ୱୟନ, ଭିତ୍ତିଭୂମୀବିକାଶ, ଜିବୀକା ସହାୟତା ଏବଂ ଅନ୍ୟାନ୍ୟ ପଦକ୍ଷେପ ସମ୍ପର୍କରେ ବୈଠକରେ ଅଲୋଚନା ହୋଇଥିଲା ।ସେହିପରି ଆର ପି ଡି ଏ ସି ବୈଠକକୁ ନିୟମିତ ବ୍ୟବଧାନରେ ଆୟୋଜନ କରାଯିବାକୁ ମାନ୍ୟବରକେନ୍ଦ୍ରମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ । ବିସ୍ଥାପିତମାନଙ୍କ ଦାବିକୁ ସକାରାତ୍ମକ ଭାବେ ବିଚାରକୁ ନେବା ପାଇଁମାନ୍ୟବର କେନ୍ଦ୍ରମନ୍ତ୍ରୀ ଅଧିକାରୀ ଓ ଏମ୍ ସି ଏଲ୍ କର୍ତ୍ତୃପକ୍ଷକୁ କହିଥିଲେ । ବୈଠକରେ ମାନ୍ୟବରଢେଙ୍କାନାଳ ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣି, ମାନ୍ୟବର ଛେଣ୍ଡିପଦା ବିଧାୟକ ଶ୍ରୀ ଅଗସ୍ତି ବେହେରା,ମାନ୍ୟବର ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ବବିତା ପ୍ରଧାନ,ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଆଇଏ ଏସ୍ ପ୍ରୋବେସନର କସ୍ତୁରୀ ସା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଉଦ । କୁମାର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ , ତାଳଚେର ଉପଜିଲ୍ଲାପାଳ ଶ୍ରୀ ସମୀରକୁମାର ଜେନା, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ମାୟାଧର ବେହେରା, ସ୍ୱତନ୍ତ୍ର ଭୂ- ଅର୍ଜନ ଅଧିକାରୀ ଶ୍ରୀ ପ୍ରତାପହରି ପ୍ରଧାନ, ତାଳଚେର,କଣିହାଁ ଓ ଛେଣ୍ଡିପଦା ପଞ୍ଚାୟତ ସମିତି ଅଧ୍ୟକ୍ଷ, ବିସ୍ଥାପିତ ପରିବାରଙ୍କ ପ୍ରତିନିଧି, ଏମ୍ସି ଏଲ୍ କର୍ତ୍ତୃପକ୍ଷ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟକୁମାର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର

ଗଞ୍ଜାମ,୧୬।୯:(ମନ୍ଥନ) ଗଞ୍ଜାମ ବ୍ଲକ ସାନ ରାମଚନ୍ଦ୍ର ପୁର ପଞ୍ଚାୟତ ସ୍ଥିତ ମଧୁରଚୁଆ। ମଙ୍ଗଳବାର ଗ୍ରୀନ୍ ପିସ ଭିଲେଜ ଫାଉଣ୍ଡେସନ ଓଡିଶା ମଧୁରଚୁଆ। ଏବଂ ଓଡ଼ିଶାର ସର୍ବବୃହତ୍ତ ଚକ୍ଷୁ ଚିକିତ୍ସାଳୟ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଝୋଳ ହିଞ୍ଜିଳିକାଟୁ ଙ୍କ ମିଳିତ ଆନୁକୂଲ୍ୟରେ ଏକ ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର କାର୍ଯ୍ୟକ୍ରମଆୟୋଜିତ ହୋଇଯାଇଛି । ମଧୁରଚୁଆ। ବାତ୍ୟା ଆଶ୍ରୟସ୍ଥଳୀରେ ଉକ୍ତ ଶିବିରକୁ ଗ୍ରୀନ୍ ପିସ ଭିଲେଜ ଫାଉଣ୍ଡେସନ ଓଡିଶାର ସଦସ୍ୟଗଣ ଉପସ୍ଥିତ ହୋଇ ଦ୍ୱୀପପ୍ରଜ୍ୱଳନ ସହ କାର୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ଏହା ସହିତ ଗ୍ରୀନ୍ ପିସ ଭିଲେଜ ଫାଉଣ୍ଡେସନ ଓଡିଶାର ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ବିକାଶ ନାହାକ, ସିଲୁଦତ୍ତ ନାହାକ, ନବକିଶୋର ନାହାକ, ବିଦୂର ନାହାକ ପ୍ରମୁଖ ଉପସ୍ଥିତ



ରହି ଥିଲେ । ମଧୁରଚୁଆ। ଗ୍ରାମର ସମାଜସେବୀ ଓ ଗ୍ରାମବାସୀବୃନ୍ଦ ଶିବିରକୁ ପରିଚାଳନା କରିଥିଲେ । ଏଥିରେ ମୋଟ ୭୮ ଜଣ ଙ୍କର ଚକ୍ଷୁ ପରୀକ୍ଷା କରାଯାଇ ମୋଟ ୩୧ ଜଣଙ୍କୁ ପରଳ ବା ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା । ୨୦ ଜଣ ଙ୍କୁ ଅସ୍ତ୍ର ପଚାର ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ହସ୍ପିଟାଲ୍ କୁ ଯିବାର ବ୍ୟବସ୍ଥା କରାଯାଇଥିବା ବେଳେ ୧୧ ଜଣ ଙ୍କର ରେଟିନା ପରୀକ୍ଷା କରାଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ଚକ୍ଷୁ ରୋଗି,ହସ୍ପିଟାଲ ଷ୍ଟାଫ,ମଧୁରଚୁଆ। ଗ୍ରାମର ର ସମାଜସେବୀ,ଗ୍ରାମବାସୀ ମାନେ ସହଯୋଗ କରିଥିଲେ ।ଶଙ୍କର ଚକ୍ଷୁ ଚିକିତ୍ସାଳୟ ର ଷ୍ଟାଫ୍ ନଳିନୀ କାନ୍ତ ରାଉତ (କ୍ୟାମ୍ପ ମ୍ୟାନେଜର), ମିସ ଦୀପିକା ରାଉତ (ଚିଫ ଅପଟୋମେଟ୍ରିଷ୍ଟ), ପାୟଲ ଗୌଡ଼, ଶୁଭଶ୍ରି ମିଶ୍ର,ବର୍ଷା ଗୌଡ଼ (ଚକ୍ଷୁ ଟେକ୍ନିସିଆନ), ଚକ୍ଷୁ ଶିବିରକୁ ପରିଚାଳନା କରିଥିଲେ।

# ୧୬ ବର୍ଷରୁ କମ କ୍ରିକେଟ୍ ଦଳ ନିମନ୍ତେ ନାମ ପଞ୍ଜୀକରଣ ପ୍ରକ୍ରିୟା

ଅନୁଗୁଳ, ୧୬।୯:(ମନ୍ଥନ)ଆସନ୍ତା ୨୬ ତାରିଖରେ ଓଡ଼ିଶା କ୍ରିକେଟ୍ସଂଘ ଆନୁକୂଲ୍ୟରେ ହେବାକୁ ଥିବା ୧୬ ବର୍ଷରୁ କମ କ୍ରିକେଟ୍ ପ୍ରତିଯୋଗିତା ନିମନ୍ତେ ଜିଲ୍ଲା କ୍ରିକେଟ୍ ସଂଘପକ୍ଷରୁ ଖେଳାଳି ଚୟନ କରାଯିବ । ଏହି ପ୍ରକ୍ରିୟା ଆସନ୍ତାତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ କଦମ ପଡ଼ିଆ। ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଇଚ୍ଛୁକଖେଳାଳିମାନେ ଆସନ୍ତା ୧୭ ଓ ୧୮ ତାରିଖ ଦିନ ସକାଳ ୯ଟାରୁ ମଧ୍ୟାହ୍ନ ୧.୩୦ ଓ ଅପରାହ୍ନ ୩ ଟାରୁ ଅପରାହ୍ନ ୫ଟା ମଧରେ କଦମ ପଡ଼ିଆ। ସ୍ଥିତ ଅନୁଗୁଳ ଜିଲ୍ଲା କ୍ରିକେଟ ସଂଘ କାର୍ଯ୍ୟାଳୟରେ ନିଜ ନାମ ପଞ୍ଜୀକରଣ କରିପାରିବେ । ଏଥି ନିମନ୍ତେ ଖେଳାଳିମାନେ ନିଜର ଜନ୍ମଗତ ପ୍ରମାଣପତ୍ର, ଆଧାର କାର୍ଡ(ସମସ୍ତ ଅରିଜିନାଲ) ଓ ନିଜର ଦୁଇଟି ପାସପୋର୍ଟ ସାଇଜ ଫଟୋ ଆଣିବା ପାଇଁ କ୍ରିକେଟ୍ ସଂଘର ସଂପାଦକ ସାଗରନାଥ ମିଶ୍ର ସୂଚନା ଦେଇଛନ୍ତି ।

# ଜାଳେଣି ଗ୍ୟାସର ଅଭାବ ରହିବ ନାହିଁ : ପ୍ରେମଲତା ଗ୍ୟାସ ଏଜେନ୍ସି

କୋରାପୁଟ,୧୬।୯:(ମନ୍ଥନ)ଆଉ ଆଗାମି ଦିନରେ ଜାଳେଣି ଗ୍ୟାସର ସମସ୍ୟା ଲୋକଙ୍କ ରହିବ ନାହିଁ, ଗଳି ଗଳିରେ ରହିବ ଗ୍ୟାସ ବିତରକ କେନ୍ଦ୍ର ବୋଲି ଭାରତ ସରକାରଙ୍କ ନିର୍ଦ୍ଦେଶ ନାମା ଜାରି ହୋଇଥିବା ବେଳେ ସ୍ଥାନୀୟ ଏଜେନ୍ସି ପ୍ରେମଲତା ତାହାକୁ ସୂଚାରୁ ରୁପେ ପାଳନ କରିବା ନେଇ ଏକ ହୁଇପି ଜାରି ରଖିଛନ୍ତି । ସ୍ଥାନୀୟ ସହରରେ ଗଳି ଗଳିରେ ବିତରକ କେନ୍ଦ୍ର ଏଚପି ସାଥି ନାମରେ ଖୋଲିବାରେ ପ୍ରୟାସ କରାଯାଉଥିବା ନେଇ ଏଜେନ୍ସି ମାଲିକ ସିଲୁ ସାହୁ କହିଛନ୍ତି । ଏମିତିକି ସେମିଳିଗୁଡା , ସୁନାବେଡା ସହରର ବିଭିନ୍ନ ସ୍ଥାନରେ କିଛି ମାତ୍ରରେ ଖୋଲା ଯାଇଥିବା ବେଳେ ବାକି ରହିଥିବା ସ୍ଥାନକୁ ଖୁବ ଶିଘ୍ର ପୂରଣ କରିବା ନେଇ ପ୍ରୟାସ ଜାରି ରହିଥିବା କହିଛନ୍ତି । ପ୍ରେମଲତା ଗ୍ୟାସ ଏଜେନ୍ସି ର ହିତାଧିକାରି ଙ୍କ ସଂଖ୍ୟା ୨୫ ହଜାର ଥିବା ବେଳେ ପ୍ରତିଦିନ ଗ୍ୟାସ ସିଲିଣ୍ଡର ର ଆଦାନ ପ୍ରଦାନ ପ୍ରାୟ ୩ ଶହ କୁ ନେଇ ଏଜେନ୍ସି ଲୋକଙ୍କ ସେବାରେ ସବୁ ବେଳେ ଲାଗି ରହୁଥିବା ଓ କିଭଳି ହିତାଧିକାରି ସୁବିଧାରେ ଜାଳେଣି ଗ୍ୟାସ ସୁବିଧାରେ ପାଇପାରିବେ ତାହା ଅନବରତ ପ୍ରୟାସ ଜାରି ରଖିଥିବା ନେଇ ସୂଚନା ଦେଇଛନ୍ତି । ଭାରତ ସରକାରଙ୍କ 'ଏଚପି ସଖି' ଯୋଜନାରେ ପ୍ରତ୍ୟେକ ଓ୍ୱାର୍ଡରେ ଏକ ସ୍ୱଂୟ ସହାୟକ ଗୋଷ୍ଠି ହେଉ କିମ୍ବା ବ୍ୟକ୍ତି ଗତ ମହିଳାଙ୍କ ନାମରେ ବିତରକ କେନ୍ଦ୍ରମାନ ଦିଆଯିବା ନେଇ ମୁନିସପାଲଟିର ସହାୟତା କୁ ନେଇ ଏକ ଚିଠି ମାଧ୍ୟମରେ ସହଯୋଗ ମଗାଯାଇଥିବା ମଧ୍ୟ କହିଥିଲେ ।

# ପିପିଲିରେ ରାବଣ ପୋଡ଼ି ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ପିପିଲି,୧୬।୯:(ମନ୍ଥନ) ପିପିଲି ଇନ୍ଦିରା ମଇଦାନରେ ଠାରେ ଚଳିତ ବର୍ଷ ୧୧ତମ ରାବଣ ପୋଡ଼ି ମହୋତ୍ସବ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ପିପିଲିର ସଚେତନ ନାଗରିକ ମଞ୍ଚ ସହଯୋଗରେ ହେବାକୁ ଥିବା ପିପିଲି ରାବଣ ପୋଡି ମହୋତ୍ସବ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛିୟ ପ୍ରସ୍ତୁତ ବୈଠକଟି ଇନ୍ଦିରା ମଇଦାନସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟିର ଅଧ୍ୟକ୍ଷ ଆଇନଜୀବୀ ସୁରେଶ କୁମାର ରଥ ସଭାପତିତ୍ୱ କରିଥିଲେ। ଏଥିରେ ସଙ୍ଗଠନର ଉପଦେଷ୍ଟା ଭଗବାନ ସେଠୀ, ବରିଷ୍ଠ ସଦସ୍ୟ ବିଘ୍ନେଶ ଦାସ,



ଗୌରାଙ୍ଗ ଚରଣ ମହାନ୍ତି, ସୁଦାମ ଖୁଣ୍ଟିଆ, ଲାଲା ବ୍ରଜ ବିହାରୀ ପ୍ରସାଦ ରାୟ, ପ୍ରମିଳା ପଣ୍ଡା, ବିଭୂତି ବେହେରା, ସୁରେନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ମତ ରଖିଥିଲେୟ ସେହି ସଂନ୍ଧ୍ୟାରେ ଓଡ଼ିଶୀ, ସମ୍ବଲପୁରୀ, ଗୋଟିପୁଅ ନୃତ୍ୟ ପରିବେଷଣ ସହ ଭଜନ ସମାରୋହ କରାଯିବ ଏବଂ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି । ଜନସମାଗମକୁ ନିୟନ୍ତ୍ରଣ କରାଯିବା ସହ ଗାଡ଼ି ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି ।

# ପ୍ରବାସୀ ଶ୍ରମିକ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୧୬।୯:(ମନ୍ଥନ)ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଭଣ୍ଡାରିପୋଖରୀ ବ୍ଲକ ଅଧିନସ୍ଥ ନରେଡ଼ା ଗ୍ରାମ ପଞ୍ଚାୟତ ତଥା ଆଖୁଆପଦା ଛକ ହରପାର୍ବତୀ ଅନୁଷ୍ଠାନ ସଭାଗୃହରେ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଲୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ଉକ୍ତ କାର୍ଯ୍ୟକ୍ରମରେ ପ୍ରବାସୀ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ପାଇଁ ସଚେତନଶୀଳ ତଥା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ୍ ଓ ମୌଳିକ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୬ଜଣ ଶ୍ରମିକଙ୍କୁ ଶ୍ରମକାର୍ଡ଼ ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ସହକାରୀ ଜିଲ୍ଲା ଶ୍ରମ ଅଧିକାରୀ ପ୍ରତ୍ୟୁସ କୁମାର ବେହେରା, ଡ଼. ତାପସ କୁମାର ମହାନ୍ତି, ସହକାରୀ ପ୍ରତିପକ୍ଷ ଅଧିବକ୍ତା, ପ୍ରବାସୀ ଶ୍ରମିକ, ନିର୍ମାଣ ଶ୍ରମିକ ଓ ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ, ସମସ୍ୟାର ସମାଧାନ ତଥା ଦୁର୍ଘଟଣା ଶ୍ରମିକଙ୍କ ସମସ୍ୟା ଉପରେ ବିଚାର ବିମର୍ଶ ଓ ଉପଦେଶମାନ ପ୍ରଦାନ କରିଥିଲେ ।ଏଥି ସହ ଶ୍ରମିକଙ୍କ ସମାଧାନ କ୍ଷେତ୍ରରେ ପିଏଲ୍ଭି ହରେକୃଷ୍ଣ ନାୟକ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ ।

# ନବରଙ୍ଗପୁର ଜିଲ୍ଲା ରେଏକ୍ ପେଡ୍ ମା କେ ନାମ ସାମୂହିକ ବୃକ୍ଷ ଚାରା ରୋପଣ

ନବରଙ୍ଗପୁର, ୧୬।୯:(ମନ୍ଥନ)ପରିବେଶର ସୁରକ୍ଷା ପାଇଁ କେନ୍ଦ୍ର ସରକାର ଦ୍ୱାରା ଗତ ବର୍ଷ ଠୁ ଆରମ୍ଭ ହୋଇଥିବା ଏକ ପେଡ ମା କେ ନାମ ଅଭିଯାନର ଦ୍ୱିତୀୟ ସଂସ୍କରଣ ରେ ରାଜ୍ୟରେ ଗୋଟିଏ ଦିନରେ ୭୫ ଲକ୍ଷ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆସନ୍ତା କାଲି ୧୭.୯.୨୦୨୫ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ଦ୍ୱାରା ବିହୀତ ପଦକ୍ଷେପ ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ଆସନ୍ତା କାଲି ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ,ଗ୍ରାମ ପଂଚାୟତ, ବ୍ଲକ,ସରକାରୀ / ବେସରକାରୀ କାର୍ଯ୍ୟାଳୟ ଓ ବିଭିନ୍ନ ସ୍ଥାନରେ ଶିକ୍ଷକ,ଶିକ୍ଷୟତ୍ରୀ,ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ,ବନ ସଂରକ୍ଷଣ ସମିତି ସଭ୍ୟ,ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଭ୍ୟ, ମହିଳା ଓ ଯୁବ ବର୍ଗ,ଜନ ପ୍ରତିନିଧି,ସରକାରୀ କର୍ମଚାରୀ ,ଜନ ସାଧାରଣ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ସାମିଲ ହେବେ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ରାଜ ବିଭାଗ ଦ୍‌ରା ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ପାଇଁ ୫୦୦ ଚାରା ହିସାବରେ ୯୪,୫୦୦ ବୃକ୍ଷ ଚାରା, ବନ ଓ ପରିବେଶ ବିଭାଗ ଦ୍ୱାରା ୮୦,୦୦୦ ଚାରା,ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ବିଦ୍ୟାଳୟ ମାନଂକ ପାଇଁ ୪୫,୬୮୫ ଚାରା, ଆଇ ଟି ଡି ଏ ଦ୍ୱାରା ୬୪୪୦ ଚାରା,ମେଗା ଉଠା ଜଳସେଚନ ଦ୍ୱାରା ୧୦,୦୦୦ ଚାରା,ସି ଆର୍ ପି ଏଫ୍ ୧୨ ବାଟାଲିୟନ ଦ୍ୱାରା ୫୦୦୦ ଚାରା ,ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ବିଦ୍ୟାଳୟ ମାନଂକ ପାଇଁ ୨୦୦୦ ଚାରା,ଅଗ୍ରଗାମୀ



ଏନ୍ ଜି ଓ ଦ୍ୱାରା ୪୫୮୫ ଚାରା,ଉଦ୍ୟାନ ବିଭାଗ ଦ୍ୱାରା ୧୦୦୦୦ ଚାରା ,ମୃତ୍ତିକା ସଂରକ୍ଷଣ ଦ୍ୱାରା ୫୦୦୦ ଚାରା ଏଭଳି ମୋଟ ୨,୬୩,୨୧୦ ଚାରା ରୋପଣ ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏ ସମସ୍ତ ବୃକ୍ଷ ଚାରା ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଉଦ୍ୟାନ ବିଭାଗ ଦ୍‌ରା ବଣ୍ଟନ କରାଯାଇଛି ।ଏହି କାର୍ଯ୍ୟକ୍ରମ ସଫଳ ରୂପାୟନ ପାଇଁ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଙ୍କ ଅଧକ୍ଷତାରେ ଜିଲ୍ଲା ପରିଷଦ ସି ଡି ଓ,ଡି ଏଫ୍ ଓ, ଉଦ୍ୟାନ ଉପ ନିର୍ଦ୍ଦେଶକ,ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ପି ଏ,ଆଇ ଟି ଡି ଏ,ଡି ଡ଼ବ୍ଲୁ ଓ,ଜିଲ୍ଲା ଶିକ୍ଷା ଅଧିକାରୀ, ଡି ଏସ ଡବ୍ଲୁ ଓ,ମେଗା ଉଠା ଜଳସେଚନ ଯନ୍ତ୍ରୀ, ଡି ଆଇ ପି ଆର୍ ଓ ,ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ,ସମସ୍ତ ବି ଡି ଓ ଙ୍କୁ ନେଇ ବୈଠକ,ମେରି ଲାଇଫ ପୋର୍ଟାଲ ରେ ବୃକ୍ଷ ରୋପଣ ର ଜିଓ ଟ୍ୟାଗ ଫଟୋ ଅପଲୋଡ଼ ର ତାଲିମ,ମାନ୍ୟବର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଙ୍କ ସହ ଜିଲ୍ଲାପାଳଙ୍କ ଭର୍ଚୁଆଲ ବୈଠକ,ଜିଲ୍ଲାପାଳଙ୍କ ବି ଡି ଓ ମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଫଳ ଓ ଔଷଧୀୟ ଗୁଣ ଗଛ ଆମ୍ବ,ପଣସ,କାଜୁ,ହରିଡା, ବାହାଡ଼ା, ଅଁଳା,କରଞ୍ଜ,ତେନ୍ତୁଳି, ନିମ,ଅର୍ଜୁନ ଭଳି ଅନେକ ଚାରା ରୋପଣ କରାଯିବ । ସୂର୍ଯ୍ୟୋଦୟ ରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବୟଗଛ ଗୁଡ଼ିକ ଯେଭଳି ବଞ୍ଚି ବ ତାର ରକ୍ଷାଣବେକ୍ଷଣ,ନିୟମିତ ତଦାରଖ ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ କରାଯିବ। ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତେ ଏହି ମହାନ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆହ୍ୱାନ କରିଛନ୍ତି । ମେରୀ ଲାଇଫ ପୋର୍ଟାଲ ଓ ବିଭିନ୍ନ ସାମାଜିକ ଗଣ ମାଧମ ରେ ଚାରା ରୋପଣ ଫଟୋ, ବୃକ୍ଷ ରୋପଣ ସେଲଫି ଫଟୋ ଅପଲୋଡ଼ କରିବାକୁ ନିବେଦନ କରିଛନ୍ତି। ଏହି ଅବସରରେ ଆଜି ଅନୁଷ୍ଠିତ ଗଣମାଧମ ସମ୍ମିଳନୀରେ ଜିଲ୍ଲାପାଳ ସମସ୍ତ ସାମ୍ବାଦିକ ମାନଙ୍କୁ ଏହାର ବହୁଳ ପ୍ରଚାର ପ୍ରସାର ଓ ଏହି କାର୍ଯ୍ୟକ୍ରମ ରେ ସାମିଲ ହେବା ଅନୁରୋଧ କରିଛନ୍ତି ।

# ତାରାକୋଟରେ ମହାପୁରୁଷ ମହମ୍ମଦଙ୍କ ସ୍ମୃତିସଭା ସମାରୋହ ଉଦଯାପିତ

କୋରେଇ, ୧୬।୯:(ମନ୍ଥନ)କୋରେଇ ବ୍ଲକ ଅନ୍ତର୍ଗତ ତାରାକୋଟ ଅହମଦିୟା ମୁସଲିମ ସମ୍ପ୍ରଦାୟ ଆନୁକୁଲ୍ୟରେ ହଜରତ ମହମ୍ମଦ ସଲ୍ଲମ୍ଙ୍କ ଜୀବନୀ ଉପରେ ଆଧାରିତ ଏକ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ସଭାପତିତ୍ୱ ମାନ୍ୟବର ଶେଖ୍ ରିୟାଜଉଦ୍ଦିନ ସାହେବ କରିଥିଲେ । ମଞ୍ଚାସିନ ରୂପେ ମୌଲାନା ନଓ୍ୱେଦୁଲଫତାଃ ସାହେବ୍ ଦାଇ ଏ ଖୁସୁସି ଓଡ଼ିଶା, ମୌଲାନା ମିର ଅବଦୁଲ ହଫିଜ୍ ସାହେବ ମିଶନାରୀ ଇନ୍ ଚାର୍ଜ ଜିଲ୍ଲା ଭଦ୍ରକ ଓ ଯାଜପୁର ଏବଂ ମୌଲାନା ଶେଖ ହାରୁନ ରଶିଦ



ସାହେବ ଅମିର ଜିଲ୍ଲା କଟକ,କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଯୋଗଦେଇଥିଲେ । ସର୍ବ ପ୍ରଥମେ ପବିତ୍ର କୋରାନ ପାଠ କରାଗଲା । ଉକ୍ତ କାର୍ଯ୍ୟକ୍ରମରେ ଯୁବକ ମାନେ ସୁମଧୁର ନଜମ (ଧାର୍ମିକ ଗିତ) ପଢି ଶୁଣାଇଥିଲେ । ହଜରତ ମହମ୍ମଦ ସଲ୍ଲମ୍ଙ୍କ ଆଦର୍ଶଜୀବନୀ ଉପରେ ଆଧାରିତ ତାଙ୍କର ବିଭିନ୍ନପ୍ରକାରର ପବିତ୍ରଗୁଣ ବର୍ଣ୍ଣନା କରିଥିଲେ । ସେମାନେ କହିଲେ ଏବେ ସମାଜରେ ଏହିଭଳି ସଂସ୍କାର ଆପଣାଇବାର ଆବଶ୍ୟକତା ରହିଛି । ଏହି ସଭାରେ କଟକ, ବାଲେଶ୍ୱର, ଭଦ୍ରକ, ଖୋର୍ଦ୍ଧା ଏବଂ ଯାଜପୁର ଜିଲ୍ଲାର ଅନେକ ସ୍ଥାନରୁ ଅହମଦିୟା ମୁସଲିମ ସମ୍ପ୍ରଦାୟର ସଦସ୍ୟମାନେ ଯୋଗଦେଇଥିଲେ ।

# ବଡ଼ ବଜାର ବ୍ୟବସାୟୀ ସଙ୍ଘ ପକ୍ଷରୁ ଦୁର୍ଗାପୂଜା ଲାଗି ଶୁଭଖୁଣ୍ଟି ସ୍ଥାପନ

ଛତ୍ରପୁର, ୧୬।୯:(ମନ୍ଥନ)ଆଉ କେଇଟା ଦିନ ପରେ ଧରାବତରଣ କରିବେ ଜଗତ ଜନନୀ ଦଶଭୁଜା ମା ଦୁର୍ଗା । ଏଥିପାଇଁ ସବୁଠି ଆରମ୍ଭ ହୋଇଗଲାଣି ପ୍ରସ୍ତୁତି । ଶକ୍ତି ପୀଠ ମାନଙ୍କରେ ମା ଙ୍କ ଶୋଡ଼ସ ପୂଜା ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ମେଢ଼ ନିର୍ମାଣ କରାଯିବା ଲାଗି ସଭିଏଁ ପ୍ରସ୍ତୁତ ହୋଇ ସାରିଲେଣି । କେଉଁଠି କେଉଁଠି ମାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଚାଲିଥିବା ବେଳେ ଆଉ କେତେକ ସ୍ଥାନରେ ମାଙ୍କ ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ କରାଯାଉଛି । ଆଉ ଏଥିରୁ ବାଦ ପଡିନି ଗଞ୍ଜାମ ଜିଲ୍ଲା ଛତ୍ରପୁର ସହର । ସହରର ବଡ଼ ବଜାର ବ୍ୟବସାୟୀ ସଙ୍ଘ ପକ୍ଷରୁ ମଙ୍ଗଳବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଥିବା ଦେଖିବାକୁ ମିଳିଛି । ପଣ୍ଡିତ ମନୋଜ କୁମାର ଶତପଥି ଙ୍କ ପୌରାହିତରେ ସଙ୍ଘର ସଭାପତି ସଂଜିତ କୁମାର ରାଉଳ ଙ୍କ ସମେତ ବହୁ ସଦସ୍ୟ ମାନେ ଏକତ୍ରିତ ହୋଇ ମା ଙ୍କ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରିଥିଲେ ।

# କେନ୍ଦ୍ରାପଡା ମହାବିଦ୍ୟାଳୟରେ ବିଶ୍ୱ ଆଶୁଚିକିତ୍ସା ଦିବସ ପାଳିତ

କେନ୍ଦ୍ରାପଡ଼ା,୧୬।୯:(ମନ୍ଥନ)କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁବରେଡକ୍ରସ ୟୁନିଟ ପକ୍ଷରୁ ବିଶ୍ୱ ଆଶୁଚିକିତ୍ସା ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟ ଯୁବରେଡକ୍ରସର ପରାମର୍ଶଦାତା ତଥା ଜିଲ୍ଲା ସମ୍ପାଦକ ଅଧ୍ୟାପକ ବିକାଶ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଚଳିତବର୍ଷର ବିଷୟବସ୍ତୁ 'ଆଶୁ ଚିକିତ୍ସା ଓ ଜଳବାୟୁ ପରିବର୍ତ୍ତନ' ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଆଇ.କ୍ୟୁ.ଏ.ସି. ସଂଯୋଜିକା ଡ. ଦିପ୍ତୀ ରାୟ ଏବଂ ଏନସିସି ଅଫିସର(ବାଳକ ବିଭାଗ)



ଲେଫ୍ଟନାଣ୍ଟ ରଜନୀକାନ୍ତ ତ୍ରିପାଠୀ ଯୋଗଦେଇ ବିଷୟବସ୍ତୁ ଉପରେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବରେଡକ୍ରସର ୧୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଆଗାମୀ ଦିନରେ ମହାବିଦ୍ୟାଳୟରେ ଏକ ଜିଲ୍ଲା ସ୍ତରୀୟ ଆଶୁଚିକିତ୍ସା ପ୍ରଶିକ୍ଷଣ ଶିବିର ଆୟୋଜନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଯୁବରେଡକ୍ରସର ସ୍ୱେଚ୍ଛାସେବୀ ମନୋଜ କୁମାର ଲେଙ୍କା, ପ୍ରତିଭା ରାୟ, ଆଶୁତୋଷ ମାଝୀ, ସସ୍ମିତା ସାହୁ, ଭବାନିଶଙ୍କର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

# ଚଳିତ ବର୍ଷ ୪ ଟି କେନ୍ଦ୍ର ରେଯର ହବିଷ୍ୟାଳୀ ମା ମାନଙ୍କ ରହଣି ବ୍ୟବସ୍ଥା

ପୁରୀ,୧୬।୯:(ମନ୍ଥନ)ଚଳିତ ବର୍ଷ ର ହବିଷ ବ୍ରତ ଅକ୍ଟୋବର ମାସ ୭ ତାରିଖ ଠାରୁ ଆରମ୍ଭ ହୋଇ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ଚାଲିବ । କେବଳ ଅନଲାଇନ ମାଧ୍ୟମରେ ପଞ୍ଜିକରଣ କରିଥିବା ହବିଷ୍ୟାଳୀ ମା ମାନଙ୍କୁ ଧାର୍ଯ୍ୟ କରାଯାଇଥିବା ୪ ଗୋଟି ରହଣି କେନ୍ଦ୍ର ରେ ରଖାଯିବ । ଅନଲାଇନ ପଞ୍ଜିକରଣ ବିନା କାହାକୁ ମଧ ହବିଷ୍ୟାଳୀ କେନ୍ଦ୍ର ମାନଙ୍କରେ ରହଣି ସୁଯୋଗ ମିଳିବ ନାହିଁ ବୋଲି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସୂଚନା ଦେଇଛନ୍ତି । ଆଜି ସର୍କିଟ ହାଉସ ଠାରେ ହବିଷ୍ୟାଳୀ ବ୍ରତ ବା ରାଈଦାମୋଦର ବ୍ରତ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନ ଙ୍କୁ ବିଷଦ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ପରିଡା ଚଳିତ ବର୍ଷ ବୃନ୍ଦାବତୀ ନିବାସ ,ବଗଲା ଧର୍ମଶାଳା ,ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଲୱେ ଷ୍ଟେସନ ଆଶ୍ରୟ ସ୍ଥଳ ଠାରେ ହବିଷ୍ୟାଳୀ ମା ମାନଙ୍କର ରହଣି ର ବ୍ୟବସ୍ଥା ହୋଇଛି ବୋଲି କହିଥିଲେ । ହବିଷ୍ୟାଳୀ ଯୋଜନା ଆଧାର ରେ ୭୦ ବର୍ଷ ବୟସ୍କା ପର୍ଯ୍ୟନ୍ତ ବିଧବା ମା ଓ ୫୦ ରୁ ୭୦ ବର୍ଷ ବୟସ୍କା ବିବାହିତା ମହିଳା ମାନେ ଏହି ବ୍ରତ ପାଇଁ ଆବେଦନ ଅନଲାଇନ https://edistrct.odisha.gov.in ମାଧ୍ୟମରେ ଚଳିତ ମାସ ୧୯ ତାରିଖ ଦିବା ୧୦ ଘଟିକା ଠାରୁ ପଞ୍ଜିକରଣ ରେ ସାମିଲ ହୋଇ ପାରିବେ । ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା,ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ,ଗମନାଗମନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ, ପାଲା ଇତ୍ୟାଦି ବ୍ୟବସ୍ଥା, ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା, ପରିମଳ, ପାନୀୟ ଜଳ, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ସମସ୍ତ ବ୍ୟବସ୍ଥା କରାଯାଇଛି । ଏହାକୁ ସୁନିୟନ୍ତ୍ରିତ କରିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଙ୍କୁ ଦାୟିତ୍ୱ ଦିଆଯାଇଛି । ଏହାକୁ ତଦାରଖ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦିଆଯାଇଛି । ମା ମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱେଚ୍ଛାସେବୀ ମାନଙ୍କ ସହଯୋଗ ନିଆଯିବାର ବ୍ୟବସ୍ଥା ହୋଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ପଞ୍ଜିକରଣ କରିଥିବା ମା ମାନଙ୍କ ସୁଖଦ ରହଣୀ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା



ପାଇଁ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଛି । ଅଣ ପଞ୍ଜିକୃତ ବ୍ୟକ୍ତି ମାନେ କେନ୍ଦ୍ର ମାନଙ୍କୁ ଆସି ଅଯଥା ଗହଳି ନ କରିବା କିମ୍ବା ରହଣି ପାଇଁ ଅନୁରୋଧ ନ କରିବାକୁ ଜିଲ୍ଲାପାଳ ଅନୁରୋଧ କରିବା ସହ ଏହି ପବିତ୍ର କାର୍ଯ୍ୟରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ହେମନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ର ଡିଆଇଓ ବିଶ୍ୱନାଥ ପଣ୍ଡା ଓ ଅତିରିକ୍ତ ଡିଆଇଓ ଦୁର୍ଗା ପ୍ରସାଦ ଜେନା ଙ୍କୁ ଅନଲାଇନ ପଞ୍ଜିକରଣ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି ।

# ଘୁମୁସର ଜିଲ୍ଲା ଦାବିରେ ବୈଠକ

ବୁଗୁଡ଼ା,୧୬।୯:(ମନ୍ଥନ)ଘୁମୁସର ଜିଲ୍ଲା ଦାବିରେ ସୋମବାର ଦିନ ଏକ ବୈଠକ ସ୍ଥାନୀୟ ଡାକ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାକ୍ତ ଅଧକ୍ଷ ଚିତ୍ତ ରଞ୍ଜନ ଦାସଙ୍କ ଆହ୍ୱାନ କ୍ରମେ ମହନ୍ତ ଭକ୍ତରାମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ଘୁମୁସର ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ସଭାପତି ସୋମନାଥ ନାୟକ ,ରଘୁନାଥ ସାହୁ, ବୁଗୁଡ଼ା ଓକିଲ ସଂଘ ସଭାପତି ଅମର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଘୁମୁସର ଜିଲ୍ଲା ଗଠନ ପାଇଁ ବାରମ୍ବାର ଦାବି ହୋଇଆସୁଥିଲେ ହେଁ ପୂର୍ବ ସରକାର ଏହାକୁ ଗୁରୁତ୍ୱ ଦେଇ ନଥିବା ବେଳେ ବର୍ତ୍ତମାନ ବିଜେପି ସରକାର ଏହାକୁ ଗୁରୁତ୍ୱ ଦେଇ ଯଥାଶୀଘ୍ର ନୂତନ ଜିଲ୍ଲା ଭାବେ ଘୋଷଣା କରିବାକୁ ଏକ ଦାବିପତ୍ର ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା ।ଏହି ବୈଠକରେ ଗୋବିନ୍ଦ ଚନ୍ଦ୍ର ଲେଙ୍କା, ରବୀନ୍ଦ୍ର ନାଥ ଆଚାର୍ଯ୍ୟ, ରବି ନାରାୟଣ ସାମନ୍ତ, ସତ୍ୟନାରାୟ ଦାଶ, ଓକିଲ ପ୍ରଭାତ ଜେନା, ସୁକାନ୍ତ କୁମାର ଶତପଥୀ, ସତ୍ୟ ନାରାୟଣ ମିଶ୍ର, ସିମାଞ୍ଚଳ ନନ୍ଦଙ୍କ ସମେତ ପ୍ରମୋଦ ନନ୍ଦ,ଉମାକାନ୍ତ ପାତ୍ର, ପ୍ରଫୁଲ୍ଲଡାକୁଆ, ବି.ସନ୍ତୋଷ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ବୁଧବାର ୧୭ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
WEDNESDAY 17 SEPTEMBER, 2025, BHUBANESWAR



‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

## ଏକ ପେଡ୍ ମା’ କେ ନାମ

ଏକ ପେଡ୍ ମା’ କେ ନାମ ଅଭିଯାନ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୨୦୨୪ ବିଶ୍ୱ ପରିବେଶ ଦିବସରେ ଆରମ୍ଭ କରାଯାଇଥିବା ଏକ ଦେଶବ୍ୟାପୀ ବୃକ୍ଷରୋପଣ ଅଭିଯାନ। ଏହି ପ୍ରୟାସର ଲକ୍ଷ୍ୟ ପରିବେଶ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଏବଂ ମାତୃତ୍ୱକୁ ଶ୍ରଦ୍ଧାଞ୍ଜଳି ଦେବା। ବିଷୟବସ୍ତୁ - ବହୁତ ଅଂଶଗ୍ରହଣ : ଏହି ଅଭିଯାନ ଅଧୀନରେ ସାରା ଭାରତରେ ୮୦ କୋଟିରୁ ଅଧିକ ଚାରା ରୋପଣ କରାଯାଇଥିଲା, ଯାହା ବ୍ୟାପକ ଜନ ଅଂଶଗ୍ରହଣ ଏବଂ ସମ୍ପୃକ୍ତିକୁ ପ୍ରଦର୍ଶନ କରିଥିଲା। ପରିବେଶିକ ଲାଭ : ଏହି ପ୍ରୟାସର ଲକ୍ଷ୍ୟ ସବୁଜ ଆଚ୍ଛାଦନ ବୃଦ୍ଧି କରିବା, କାର୍ବନ ପାଦଚିହ୍ନ ହ୍ରାସ କରିବା ଏବଂ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା। ସାମାଜିକ ପ୍ରଭାବ: ସରକାରୀ ସଂସ୍ଥା, ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସମ୍ପ୍ରଦାୟ ସମେତ ବହୁ ଅଂଶୀଦାରଙ୍କୁ ସାମିଲ କରି, ଏହି ଅଭିଯାନ ସାମୂହିକ ଦାୟିତ୍ୱ ଏବଂ ମାଲିକାନା ଭାବନାକୁ ପ୍ରୋତ୍ସାହିତ କରେ। ଉଦ୍ଦେଶ୍ୟ - ପରିବେଶିକ ସ୍ଥାୟିତ୍ୱକୁ ପ୍ରୋତ୍ସାହିତ କରିବା : ବଡ ପରିମାଣର ବୃକ୍ଷରୋପଣ ଅଭିଯାନକୁ ଉତ୍ସାହିତ କରି ଏବଂ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରି। ସାମୁଦାୟିକ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବା - ଏହି ଅଭିଯାନର ସ୍ଥାନୀୟ ସମ୍ପ୍ରଦାୟ, ସ୍କୁଲ ଏବଂ ସଂଗଠନଗୁଡିକୁ ସାମିଲ କରି। ମାତୃତ୍ୱକୁ ସମ୍ମାନ : ଜୀବନକୁ ପୋଷଣ କରିବାରେ ମା’ଙ୍କ ନାମରେ ଗଛ ଲଗାଇ ପ୍ରତୀକାତ୍ମକ ଭାବରେ ଗଛ ଲଗାଇ, ଜୀବନକୁ ପୋଷଣ କରିବାରେ ସେମାନଙ୍କର ଗୁରୁତ୍ୱକୁ ଉଜ୍ଜ୍ୱଳ କରି। ପର୍ଯ୍ୟାୟ ୨ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ, ‘ଏକ ପେଡ୍ ମା କେ ନାମ ୨.୦’ ୨୦୨୫ ବିଶ୍ୱ ପରିବେଶ ଦିବସରେ ଆରମ୍ଭ କରାଯାଇଥିଲା, ଯେଉଁଥିରେ ୫ ଜୁନ୍ ରୁ ୩୦ ସେପ୍ଟେମ୍ବର, ୨୦୨୫ ମଧ୍ୟରେ ସାରା ଭାରତରେ ୧୦କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି। ଏହି ପର୍ଯ୍ୟାୟ ପରିବେଶ ସଂରକ୍ଷଣ ଏବଂ ସାମୁଦାୟିକ ସମ୍ପୃକ୍ତିକୁ ଆହୁରି ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରଭାବ-ସବୁଜ ଆବରଣ ବୃଦ୍ଧି - ଏହି ଅଭିଯାନ ସାରା ଭାରତରେ ସବୁଜ ଆବରଣ ବୃଦ୍ଧି କରିବାରେ ସହାୟକ ହୋଇଛି, ବିଶେଷକରି ସହରାଚଂଳ ଏବଂ ଗ୍ରାମାଚଂଳରେ। ପରିବେଶ ସଚେତନତା - ଏହି ପଦକ୍ଷେପ ପରିବେଶ ସଂରକ୍ଷଣ ଏବଂ ସ୍ଥାୟିତ୍ୱର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି କରିଛି। ସମ୍ପ୍ରଦାୟ ବିକାଶ - ଏହି ଅଭିଯାନ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଏବଂ ସାମାଜିକ ଦାୟିତ୍ୱବୋଧର ଭାବନାକୁ ପ୍ରୋତ୍ସାହିତ କରିଛି। ଗୁରୁତ୍ୱ - ସାଂସ୍କୃତିକ ଭାବନାକୁ ଜଳବାୟୁ କାର୍ଯ୍ୟ ସହିତ ମିଶ୍ରଣ କରେ - ଏହି ଅଭିଯାନ ସାଂସ୍କୃତିକ ଭାବନାକୁ ଜଳବାୟୁ କାର୍ଯ୍ୟ ସହିତ ସମାନ କରିଥାଏ, ଜୀବନର ପୋଷଣ ଏବଂ ସୁରକ୍ଷାର ପ୍ରତୀକ। ତୃଣମୂଳସ୍ତରର ଅଂଶଗ୍ରହଣକୁ ସୁଦୃଢ଼ କରେ, ଏହି ପଦକ୍ଷେପ ପରିବେଶଗତ ସ୍ଥିରତାରେ ତୃଣମୂଳସ୍ତରର ଅଂଶଗ୍ରହଣକୁ ସୁଦୃଢ଼ କରେ ଏବଂ ଜଳବାୟୁ ପରିବର୍ତ୍ତନ ବିରୁଦ୍ଧରେ ବିଶ୍ୱ ପ୍ରୟାସରେ ଭାରତର ଅବଦାନକୁ ବୃଦ୍ଧି କରେ। ନାଗରିକ ସମ୍ପର୍କକୁ ସୁଦୃଢ଼ କରେ : ଏହି ଅଭିଯାନ ବ୍ୟକ୍ତିଗତ, ଭାବପ୍ରବଣ ଦୃଷ୍ଟିକୋଣ ମାଧ୍ୟମରେ ସବୁଜ ଅଭିଯାନରେ ନାଗରିକଙ୍କ ସମ୍ପର୍କକୁ ସୁଦୃଢ଼ କରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଅବସରରେ ସେପ୍ଟେମ୍ବର ୧୭ରେ ଏକ ବିଶାଳ ବୃକ୍ଷରୋପଣ ଅଭିଯାନ ଓଡିଶାରେ ‘ଏକ ପେଡ୍ ମା କେ ନାମ’ ଅଭିଯାନ ଗତିଶୀଳ ହେଉଛି। ମୁଖ୍ୟ ବିଶେଷତ୍ୱ : ୭୫ ଲକ୍ଷ ଚାରା-ଓଡିଶା ଗୋଟିଏ ଦିନରେ ରାଜ୍ୟ ସାରା ୭୫ଲକ୍ଷ ଚାରା ରୋପଣ କରିବାକୁ ଲକ୍ଷ୍ୟ ରଖିଛି, ଯାହା ଏକ ବିଶ୍ୱ ରେକର୍ଡ ସ୍ଥାପନ କରିବାର ସମ୍ଭାବନା ରହିଛି। ଲକ୍ଷ୍ୟ ସରକାର ଚଳିତ ବର୍ଷ ୭.୫ କୋଟି ଚାରା ରୋପଣ କରିବାକୁ ଲକ୍ଷ୍ୟ ରଖିଛି, ଗତ ବର୍ଷର ସଫଳତା ଉପରେ ଆଧାର କରି ଏହର ୬.୭୨ କୋଟି ଚାରା ରୋପଣ କରି ଏହାର ଲକ୍ଷ୍ୟ ଅତିକ୍ରମ କରିଛି। ଭାଗୀଦାରୀ - ଏହି ଅଭିଯାନ ସରକାରୀ ବିଭାଗ, ପିଏସୟୁ, ଏନଜିଓ, ଯୁବ ସଂଘ, ସ୍ୱେଚ୍ଛାସେବୀ ସଂଗଠନ, ପଂଚାୟତିରାଜ ପ୍ରତିଷ୍ଠାନ, ସ୍କୁଲ, କଲେଜ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମେତ ବିଭିନ୍ନ ଅଂଶୀଦାରଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରେ। ଉଦ୍ଦେଶ୍ୟ - ପରିବେଶ ସଂରକ୍ଷଣ : ସାମୂହିକ ବୃକ୍ଷରେପାଣ ଏବଂ ପରିବେଶ ଅନୁକୂଳ ଅଭ୍ୟାସ ମାଧ୍ୟମରେ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା। ସମ୍ପ୍ରଦାୟିକ କାର୍ଯ୍ୟପନ୍ଥା - ନାଗରିକ ସରକାରୀ ସଂସ୍ଥା ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସାମୂହିକ ଦାୟିତ୍ୱ ଏବଂ ମାଲିକାନା ବୃଦ୍ଧି କରିବା। ମାତୃତ୍ୱକୁ ସମ୍ମାନ କରନ୍ତୁ: ଜୀବନକୁ ପୋଷଣ କରିବାରେ ମାତୃତ୍ୱର ଗୁରତ୍ୱକୁ ପ୍ରତିପାଦନ କରି ପ୍ରତୀକାତ୍ମକ ଭାବରେ ଗଛ ଲଗାନ୍ତୁ। କାର୍ଯ୍ୟକାରିତା : ପ୍ରଜାତି ଚୟନ ଓ ସୁପାରିଶ କରାଯାଇଥିବା ଗଛ ପ୍ରଜାତିଗୁଡିକ ମଧ୍ୟରେ ନିମ, କରଞ୍ଜା, ତେନ୍ତୁଳି, ଅର୍ଜୁନ, ହରିଡା, ବାହାଡା, ଜାକଫ୍ରୁଟ, ତାଳ, ଚିତ୍ର, କୃଷ୍ଣଚୂଡା, ପିପଲ, ଅଶୋକ, ଜାମୁନ, କଦମ୍ବ, ଆମଳା ଏବଂ ଅନ୍ୟାନ୍ୟ ସ୍ଥାନୀୟ ଜଳବାୟୁ ପରିସ୍ଥିତି ପାଇଁ ଉପଯୁକ୍ତ। ରୋପଣ ପରବର୍ତ୍ତୀ ଯତ୍ନ : ଗଛଗୁଡିକର ବଂଚିବା ଏବଂ ବୃଦ୍ଧି ସୁନିଶ୍ଚିତ କରିବା ପାଇଁ ଗଛଗୁଡିକର ଯତ୍ନ ଏବଂ ସୁରକ୍ଷା ଉପରେ ଗୁରୁତ୍ୱ।

# ଭଗବାନ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ

### ଅଭୟ କୁମାର ଦାସ

ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟିକର୍ତ୍ତା। ଓଡ଼ିଶାର କଳାକାରମାନେ ବିଶ୍ୱକର୍ମାଙ୍କୁ ଏକ ସ୍ୱତନ୍ତ୍ର ରୂପ ଦେଇଛନ୍ତି। କିମ୍ବଦନ୍ତୀ କହେ, ସ୍ୱୟଂ ଶ୍ରୀଜଗନ୍ନାଥଙ୍କୁ ବିଶ୍ୱକର୍ମା ନିର୍ମାଣ କରିଥିଲେ। ଲକ୍ଷ୍ମୀ ପୁରାଣରୁ ଜଣାଯାଏ, ବିଶ୍ୱକର୍ମାଙ୍କ ପୁର ହେଉଛି ବୈକୁଣ୍ଠପୁର। ଶ୍ରୀଜଗନ୍ନାଥ ମହାପ୍ରଭୁ ଚଣ୍ଡାଳୁଣୀ କହି ଲକ୍ଷ୍ମୀ ଠାକୁରାଣୀଙ୍କୁ ମନ୍ଦିରରୁ ବାହାର କରିଦେବା ପରେ ମା’ବିଶ୍ୱକର୍ମାଙ୍କୁ ନିବେଦନ କରିଥବଲେ ମନ୍ଦିରଟିଏ ତୋଳିଦେବା ପାଇଁ। ମା’ଙ୍କ ଆଜ୍ଞା ପାଇ ବିଶ୍ୱକର୍ମା ବୈକୁଣ୍ଠ ସମାନ ନଅର ନିର୍ମାଣ କରିଥିଲେ। ଭାଗବତ ଅନୁସାରେ, ଶ୍ରୀକୃଷ୍ଣଙ୍କୁ ନିଜ ଦୁଃଖ ଜଣାଇବାକୁ ସୁଦାମା ଦ୍ୱାରକା ଯାଇଥିଲେ। କିନ୍ତୁ ମନକଥା ପ୍ରକାଶ କରିନପାରି ଘରକୁ ଫେରିଥିଲେ। ହେଲେ ଅନ୍ତର୍ଯ୍ୟାମୀ ପ୍ରଭୁ ସବୁ ଜାଣି ବିଶ୍ୱକର୍ମାଙ୍କୁ ଆଜ୍ଞା ଦେଇଥିଲେ ପ୍ରିୟ ସଖା ସୁଦାମାଙ୍କ ପାଇଁ ପ୍ରସାଦା ନିର୍ମାଣ କରି ଧନ୍ୟଧାନ୍ୟ ଗୋପଲକ୍ଷ୍ମୀରେ ପୂର୍ଣ୍ଣ କରିବା ପାଇଁ। ଦ୍ୱାରକାସ୍ଥିତ ଶ୍ରୀକୃଷ୍ଣଙ୍କ ପୁର ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ବୋଲି ଭାଗବତରୁ ଜଣାଯାଏ। ଆଶ୍ୱିନ ସଂକ୍ରମଣ ଦିନ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୁଏ। ଦେଶର ଅଗ୍ରଗତି ସଙ୍ଗେ ସଙ୍ଗେ ଶିଳ୍ପର ବିକାଶ ଫଳରେ ଆଧୁନିକ ଯୁଗରେ ବିଶ୍ୱକର୍ମା ପୂଜା ବହୁଳ ପ୍ରସାରିତ ହୋଇଛି। କଳକାରଖାନା, ଶିଳ୍ପାୟନଗୁଡ଼ିକରେ ମୂର୍ତ୍ତି ପୂଜା ବେଶ ଧୂମଧାମରେ ହେଉଛି।

ଭଗବାନ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ କଥା ଆଲୋଚନା କଲାବେଳେ ସର୍ବପ୍ରଥମେ ସ୍ମରଣକୁ ଆସୁଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ରାଜା ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥ ମନ୍ଦିର ନିର୍ମାଣ କରିବା ପରେ ବାଙ୍କି ମୁହାଣରୁ ସଂଗ୍ରହ କରାଯାଇଥିବା ଦାରୁରେ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରିବା ପାଇଁ ବଢ଼େଇ ଖୋଜୁଥିଲେ। ଏହି ସମୟରେ ଜଣେ ବୁଢ଼ା ବଢ଼େଇ ଆସି ପହଞ୍ଚି ଥିଲେ। ସେ ଯେ ମୂର୍ତ୍ତି ନିର୍ମାଣ କରିପାରିବେ ରାଜା ରାଣୀ ଏ ବିଶ୍ୱାସ କରିପାରିଲେ ନାହିଁ। ପରିଶେଷରେ ବୁଢ଼ା ବଢ଼େଇକୁ ନିର୍ମାଣର ଦାୟିତ୍ୱ ଦିଆଗଲା। ବୁଢ଼ା ବଢ଼େଇ ସର୍ତ୍ତ ରଖିଲେ ୨୧ଦିନ ପର୍ଯ୍ୟନ୍ତ ମନ୍ଦିର ଦ୍ୱାର ଫିଟିବ ନାହିଁ। ସେ ଉପବାସ କରି ମୂର୍ତ୍ତି ନିର୍ମାଣ କରିବେ। ଏଥିରେ ରାଜା ରାଜି ହୋଇ ମନ୍ଦିର ଦ୍ୱାର ବନ୍ଦ ରଖିଲେ। ପ୍ରତ୍ୟେକ ଦିନ ରାଜା ଭିତରର ଠକ୍ ଠକ୍ ଶବ୍ଦ ଶୁଣିବାର ବ୍ୟବସ୍ଥା କରିଥାନ୍ତି। ହଠାତ୍ ଆଉ ଶବ୍ଦ ନଶୁଭିବାରୁ ଗୁଣ୍ଡିଚା ରାଣୀ ଧୈର୍ଯ୍ୟ ଧରି ରହିପାରିଲେ ନାହିଁ। ସେ ଭାବିଲେ ବୁଢ଼ା ବଢ଼େଇ ମୃତ୍ୟୁ ବରଣ କରିଛନ୍ତି। ଗୁଣ୍ଡିଚାରାଣୀଙ୍କ ଅନୁରୋଦରୁ ଦ୍ୱାର ଉନ୍ମୁକ୍ତ କରାଗଲା। ଦେଖାଗଲା ଯେ ବୁଢ଼ା ବଢ଼େଇ ନାହାନ୍ତି - ଅଛି କେବଳ ଦରଗଢ଼ା ଜଗନ୍ନାଥ ମୂର୍ତ୍ତି। ଏଥିରେ ରାଜା ରାଣୀ ଘୋର ଚିନ୍ତାରେ ପଡ଼ିବାରୁ ଶୂନ୍ୟବାଣୀ ହେଲା ଯେ ମୋର ଯେଉଁ ରୂପରେ ଆବିର୍ଭାବ ହେବାର ଇଚ୍ଛା ସେହି ରୂପରେ ହିଁ ଆବିର୍ଭୂତ ହୋଇଛି। ତେଣୁ ଏଥିରେ ଶୋଚନା କରିବାର କିଛି ନାହିଁ। ଏହି ବୁଢ଼ା ବଢ଼େଇ ଥିଲେ ସ୍ୱୟଂ କାରିଗର ବିଶ୍ୱକର୍ମା।

ସେହିପରି ମା’ଲକ୍ଷ୍ମୀଙ୍କ ଗୃହ ମଧ୍ୟ ବିଶ୍ୱକର୍ମା ନିର୍ମାଣ କରିଥିଲେ। ଲକ୍ଷ୍ମୀ ପୁରାଣରୁ ମଧ୍ୟ ଜଣାଯାଏ ଯେ ବିଶ୍ୱକର୍ମାଙ୍କ ପୁର ହେଉଛି ବୈକୁଣ୍ଠପୁର। ଶ୍ରୀୟାଚଣ୍ଡାଳୁଣୀ ଘରକୁ ଜଗତ ଜନନୀ ମା’ଠାକୁରାଣୀ ଯାଇଥିଲେ ବୋଲି ବଳଭଦ୍ରଙ୍କ ପ୍ରରୋଚନାରେ ଯେତେବେଳେ ଜଗନ୍ନାଥ ତାଙ୍କୁ ମନ୍ଦିରକୁ ବାହାର କରିଦେଲେ ସେତେବେଳେ ମାଆ ଲକ୍ଷ୍ମୀ ବାପ ଘରକୁ ନଯାଇ ବିଶ୍ୱକର୍ମାଙ୍କୁ ସ୍ମରଣ କରି ନିବେଦନ କରିଥିଲେ ଗୋଟିଏ ଘର ନିର୍ମାଣ ପାଇଁ। ଏହି ବିଶ୍ୱକର୍ମା ବୈକୁଣ୍ଠରୁ ଅବତରଣ କରି ମା’ଙ୍କ ବୈକୁଣ୍ଠ ସମାନ ନଗର ନିର୍ମାଣ କରିଥିଲେ। ଭକ୍ତ ସୁଦାମାଙ୍କ ଭବ୍ୟ ବାସଭବନ ନିର୍ମାଣ ମଧ୍ୟ ବିଶ୍ୱକର୍ମାଙ୍କ ଦ୍ୱାରା ସମ୍ଭବ ହୋଇଥିଲା। ଭାଗବତରୁ ଜଣାଯାଏ ଯେ ଯେତେବେଳେ ଭକ୍ତ ସୁଦାମା ଖୁଦ ଭଜା ହାତରେ ଧରି ଦ୍ୱାରକାର ରାଜା କୃଷ୍ଣଙ୍କୁ ସାକ୍ଷାତ କରିବା ପାଇଁ ଯାଇଥିଲେ। ସେତେବେଳେ



କୃଷ୍ଣ ଆନନ୍ଦରେ କୁଣ୍ଢାଇ ପକାଇଥିଲେ। ସୁଦାମା ନିଜର ମନକଥା କୃଷ୍ଣଙ୍କ ପାଖରେ ପ୍ରକାଶ କରିନଥିଲେ ମଧ୍ୟ ଅନ୍ତର୍ଯ୍ୟାମୀଙ୍କୁ କେଉଁ କଥା ଅଗୋଚର। ସଙ୍ଗେ ସଙ୍ଗେ ଦେବ ଦେବ ବିଶ୍ୱକର୍ମାଙ୍କୁ ଆଜ୍ଞା ଦେଇଥିଲେ ସୁଦାମା ପ୍ରାସାଦ ନିର୍ମାଣ କରି ଧନ ଧାନ୍ୟ ଗୋପଲକ୍ଷ୍ମୀରେ ଭରପୁର କରିପବା ଲାଗି। ଦ୍ୱାରକା ଭୁବନରେ ଥିବା କୃଷ୍ଣଙ୍କପୁର ମଧ୍ୟ ଏହି ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମିତ ବୋଲି ଭଗବତରୁ ଜଣାଯାଏ। ଭଗବାନ ବିଶ୍ୱକର୍ମା ଇନ୍ଦ୍ରପୁରୀ, ଯମପୁରୀ, ବରୁଣପୁରୀ, କୁବେରପୁରୀ, ପାଣ୍ଡବପୁରୀ, ସୁଦାମାପୁରୀ, ଶିବମଣ୍ଡଳପୁରୀ ଆଦି ନିର୍ମାଣ କରିଥିଲେ। ପୁଷ୍ପକ ବିମାନ ନିର୍ମାଣ ତଥା ସମସ୍ତ ଦେବୀଙ୍କ ଭବନ ଏବଂ ସେମାନଙ୍କ ଦୈନିକ ଉପଯୋଗୀ ବସ୍ତୁ ବିଶ୍ୱକର୍ମାଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। କର୍ଣ୍ଣଙ୍କ କୁଣ୍ଡଳ, ବିଷ୍ଣୁ ଭଗବାନଙ୍କ ସୁଦର୍ଶନ ଚକ୍ର, ଶଙ୍କର ଭଗବାନଙ୍କ ତ୍ରିଶୂଳ ଓ ଯମରାଜଙ୍କ କାଳଦଣ୍ଡ ଇତ୍ୟାଦି ନିର୍ମାଣ କରିଥିଲେ ଭଗବାନ ବିଶ୍ୱକର୍ମା।

ଅନେକ ହୁଏତ ଜାଣି ନଥିବେ ଭଗବାନ ବିଶ୍ୱକର୍ମାଙ୍କ ଯୋଗୁ ସୂର୍ଯ୍ୟ କିରଣର ସୃଷ୍ଟି। ଜୀବଜଗତକୁ ତିଷ୍ଠି ରଖିବାରେ ସହାୟକ ହେଉଥିବା ସୂର୍ଯ୍ୟ କିରଣ ମଧ୍ୟ ଭଗବାନ ବିଶ୍ୱକର୍ମାଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା। ରାଜବଲ୍ଲଭ ବାସ୍ତୁଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି। ଏହି ବର୍ଣ୍ଣନା ଅନ୍ୟ ଗ୍ରନ୍ଥରେ ମଧ୍ୟ ଦେଖିବାକୁ ମିଳେ। ବିଶ୍ୱକର୍ମାଙ୍କୁ କମ୍ବାସୁତ୍ର, ପୁସ୍ତକ ଓ ଜ୍ଞାନସୂତ୍ର ଧାରକ। ହଂସ ଉପରେ ଆରୁଢ଼, ସର୍ବଦୃଷ୍ଟିଧାରକ, ଶୁଭ ମୁକୁଟ ଓ ବୃଦ୍ଧକାୟ ବୋଲି କୁହାଯାଏ। ବିଶ୍ୱର ସର୍ବପ୍ରଥମ ଟେକ୍‌ନିକ୍ ଗ୍ରନ୍ଥ ବିଶ୍ୱକର୍ମୀୟ ଗ୍ରନ୍ଥ ବୋଲି ମନାଯାଏ। ବିଭିନ୍ନ ଗ୍ରନ୍ଥ ମଧ୍ୟରେ ବିଶ୍ୱକର୍ମୀୟ ଗ୍ରନ୍ଥ ବହୁତ ପ୍ରାଚୀନ ମନାଯାଏ। ଏହି ଗ୍ରନ୍ଥରେ ବାସ୍ତୁବିଦ୍ୟା, ରଥର ବାହାନ, ମାନବ ଓ ଦେବବାସ୍ତୁ ବିଦ୍ୟା ଗଣିତର ସୂତ୍ର ଏକା ସାଙ୍ଗରେ ରହିଛି। ଏହା ସମସ୍ତ ପ୍ରାମାଣିକ ଓ ପ୍ରାସଙ୍ଗିକ।

ଆମ ଧର୍ମଶାସ୍ତ୍ର ତଥା ଗ୍ରନ୍ଥୋରେ ବିଶ୍ୱକର୍ମାଙ୍କ ପାଞ୍ଚ ସ୍ୱରୂପ ଅବା ଅବତାରରେ ବର୍ଣ୍ଣନା ରହିଛି। ବିରାଟ ବିଶ୍ୱକର୍ମା : ସୃଷ୍ଟି ରଚେତା। ଧର୍ମବଂଶୀ ବିଶ୍ୱକର୍ମା : ମହାନ ଶିଳ୍ପ ବିଜ୍ଞାନ ବିଧାତା ପ୍ରଭାତ ପୁତ୍ର। ଅଗ୍ନିବଂଶୀ ବିଶ୍ୱକର୍ମା : ଆଦି ବିଜ୍ଞାନ ବିଧାତା ବସୁ ପୁତ୍ର। ସୁଧନ୍ୱା ବିଶ୍ୱକର୍ମା : ମହାନ ଶିଳ୍ପାଚାର୍ଯ୍ୟ ବିଜ୍ଞାନ ଜନ୍ମଦାତା ଋଷି ଅଥର୍ବାଙ୍କ ପୁତ୍ର। ଭୃଗୁବଂଶୀ ବିଶ୍ୱକର୍ମା : ଉତ୍କୃଷ୍ଟ ଶିଳ୍ପ ବିଜ୍ଞାନାଚାର୍ଯ୍ୟ ଶୁକ୍ରାଚାର୍ଯ୍ୟଙ୍କ ପୁତ୍ର। ପଞ୍ଚମୁଖ ବିଶ୍ୱକର୍ମା : କନ୍ଦପୁରାଣ ଅନୁସାରେ ବ୍ରହ୍ମା ସ୍ୱରୂପ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚମୁଖ। ତାଙ୍କର ପାଞ୍ଚମୁଖ ଯାହା ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଓ ଋଷିଙ୍କ ମନ୍ତ୍ର ଦ୍ୱାରା ଉତ୍ପନ୍ନ ହୋଇଛି। ତାଙ୍କର ନାମ ହେଉଛି ମନୁ, ମୟ, ତ୍ୱଷ୍ଟା, ଶିଳ୍ପୀ ଓ ଦେବଜ୍ଞ। ଏମାନଙ୍କୁ ମଧ୍ୟ ପାଞ୍ଚପୁତ୍ର କୁହାଯାଏ। ଋଷି ମନୁ ବିଶ୍ୱକର୍ମା : ଏହାଙ୍କୁ ସାନଗ ଗୋତ୍ରର ବୋଲି କୁହାଯାଏ। ଲୁହାର କାମର କାରିଗରୀ ଅଟନ୍ତି। ଏମାନଙ୍କ ବଂଶଜ ଲୋହକାର ରୂପେ ଜଣାପଡ଼ିଥିଲେ। ସନାତନ ଋଷି ମୟ : ଏମାନଙ୍କୁ ସନାତନ ଗୋତ୍ରର କୁହାଯାଏ। ଏମାନେ ବଢ଼େଇ କାମର କାରିଗରୀ ସୃଷ୍ଟି କରିଥିଲେ। ଏମାନଙ୍କ ବଂଶଜଙ୍କୁ କାଷ୍ଠକାର ରୂପେ ମନାଯାଏ। ଅହଭୁନ ଋଷି ତ୍ୱଷ୍ଟା : ଏମାନଙ୍କ ଅନ୍ୟ ନାମ ତ୍ୱଷ୍ଟା। ଏମାନଙ୍କ ଗୋତ୍ର ଅହଂଭନ। ଏମାନଙ୍କ ବଂଶଜଙ୍କୁ ତାମ୍ରକ ରୂପେ ମନାଯାଏ। ଏମାନେ ତମ୍ବାର କାରିଗରୀ ଭାବେ ଜଣାଶୁଣା ହେଲେ। ପ୍ରୟତ୍ର ଋଷି ଶିଳ୍ପୀ : ଏମାନଙ୍କ ଅନ୍ୟ ନାମ ଶିଳ୍ପୀ, ଯାହାର ଗୋତ୍ର ପ୍ରୟତ୍ର। ଏମାନଙ୍କ ବଂଶଜ ଶିଳ୍ପକଳାର ଅଧିଷ୍ଠାତା ଅଟନ୍ତି। ଏମାନଙ୍କ ବଂଶଜଙ୍କୁ ମୂର୍ତ୍ତିକାର ବୋଲି ମନାଯାଏ। ଦେବଜ୍ଞ ଋଷି : ଏମାନଙ୍କ ଗୋତ୍ର ସୁର୍ପଣ। ଏମାନଙ୍କ ବଂଶଜଙ୍କୁ ସ୍ୱର୍ଣ୍ଣକାର ବୋଲି ମନାଯାଏ। ସ୍ୱର୍ଣ୍ଣ ଧାତୁରେ ଏମାନେ କାମ କରନ୍ତି। ପ୍ରାଚୀନ ଗ୍ରନ୍ଥ ଉପନିଷଦ ଏବଂ ପୁରାଣ ଆଦି ଅବଲୋକନ କଲେ ଜଣାପଡ଼େ ବିଶ୍ୱକର୍ମା ହେଉଛନ୍ତି ଶ୍ରେଷ୍ଠ ଶିଳ୍ପୀ। ଆଦିକାଳରେ ବିଶ୍ୱକର୍ମା ତାଙ୍କର ବିଶିଷ୍ଟ ଶିଳ୍ପ ଜ୍ଞାନ ଏବଂ ବିଜ୍ଞାନ ଗୁଣ ଯୋଗୁଁ ଦେବତା ଓ ମାନବ ଦ୍ୱାରା ପୂଜିତ। ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟି କର୍ତ୍ତା।

ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭
E-mail : abhaya123das@gmail.com

# ଶକ୍ତିପୀଠରେ ଷୋଳପୂଜା

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆଶ୍ୱିନ ମାସ ପ୍ରବେଶରେ ଆରମ୍ଭ ହୋଇଯାଏ ପାର୍ବଣ ଋତୁ । ଜଗଜ୍ଜନନୀ ମା’ ଆସିବେ ଧରାକୁ । ଶକ୍ତିପୀଠ ବା ଦେବପୀଠରେ ଆଶ୍ୱିନ କୃଷ୍ଣ ଅଷ୍ଟମୀ ଅର୍ଥାତ୍ ମୂଳାଷ୍ଟମୀ ବା ଦ୍ୱିତିବାହାନ ଓଷା ଠାରୁ ମା’ଙ୍କର ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହୁଏ । ପୁରୀର ବିମଳା, କୋଣାର୍କର ରାମଚଣ୍ଡୀ, କଟକ ଚଣ୍ଡୀ, ଗଡ଼ଚଣ୍ଡୀ, ମା’ଶାରଳା, ବାଣପୁରର ଭଗବତୀ, କାକଟପୁରର ମଙ୍ଗଳା, ବାଙ୍କୀର ଚର୍ଚ୍ଚିକା, ବଡ଼ମ୍ବାର ଉଗ୍ରତାରିକା, ଯାଜପୁରର ବିରଜା, ଗଞ୍ଜାମର ତାରାତାରିଣୀ, ନାରାୟଣୀ ଆଦି ସମସ୍ତ ଦେବୀପୀଠରେ ଶାରଦୀୟ ପୂଜା ଉତ୍ସବର ସଂକଳ୍ପ କରାଯାଏ ଏହି ଦିନ । ଦେବୀଙ୍କର ଆଦ୍ୟଘଟ ନିମ୍ଭଜନ ଏବଂ ପରେ କଳସ ସ୍ଥାପନ କରାଯାଏ । ସବୁ ଦେବୀପୀଠରେ ଷୋଡ଼ଶ ଉପଚାର ପୂଜା ସହ ଦେବୀଙ୍କର ଭିନ୍ନ ଭିନ୍ନ ବେଶ ମଧ୍ୟ କରାଯାଏ । ମାତ୍ର ମହିଷାମର୍ଦ୍ଦିନୀ ମା’ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ଉତ୍ସବ ଅନୁଷ୍ଠିତ ହୁଏ ଆଶ୍ୱିନ ଶୁକ୍ଳ ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ।

ଇଂରାଜୀ ୧୯୪୮ ମସିହା ପାଖରୁ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରତିବର୍ଷ ବିଜୟା ଉପଲକ୍ଷେ ଆଶୀର୍ବାଣୀ ଦେଉଥିଲେ। ଏହି ଆଶୀର୍ବାଣୀ ମାଧ୍ୟମରେ ଶାରଦୀୟ ପୂଜାର ରହସ୍ୟ ଓ ଜଗନ୍ମାତାଙ୍କର ପ୍ରକୃତ ସ୍ୱରୂପ ସମ୍ବନ୍ଧରେ ବହୁ ତଥ୍ୟ ବ୍ୟକ୍ତ କରିଛନ୍ତି ଯୁଗପୁରୁଷ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର। ମହାମାୟା ସମ୍ବନ୍ଧରେ ଜ୍ଞାନ-ତାପସ-ପ୍ରବୀଣ ଭକ୍ତବୃନ୍ଦ ବିଭିନ୍ନ ଆଲୋଚନା କରୁ କରୁ ଦେଖାଯାଉଥିଲା ଶ୍ରୀ ଶ୍ରୀ ଠାକୁର ନୀରବ, ଧ୍ୟାନ ଗମ୍ଭୀର ଓ ଊର୍ଦ୍ଧ୍ୱନିମିଳୀତ ନୟନରେ ସମାଧିସ୍ଥ ହୋଇଯାଉଥିଲେ। ଅର୍ଥାତ୍ ସେତେବେଳେ ହିଁ ମହାମାୟା ସମ୍ପୃକ୍ତ ଭାବରାଶି ପ୍ରଭୁଙ୍କର ଚିଦ୍ ଜଗତରେ ତରଙ୍ଗ ସଂଚାରିତ କରି ଶ୍ରୀମୁଖରୁ ଝରଣାର ସ୍ରୋତ ଭଳି ନିର୍ଗତ ହେଉଥିଲା ଅପୂର୍ବ କମନୀୟ ଭାବ, ଭାଷା, ଛନ୍ଦ ଓ ତାଳର ଅନୁସରଣ ନେଇ।

ଯୁଗାବତାର ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଜଗଜ୍ଜନନୀ ମା’ଦୁର୍ଗାଙ୍କର ପୂଜା ଉତ୍ସବରେ କହିଛନ୍ତି - ଏହି ଦଶହରାରେ ମୋର ଐକାନ୍ତିକ ପ୍ରାର୍ଥନା ଜଗଜ୍ଜନନୀ ମା’ଙ୍କ ଶ୍ରୀଚରଣରେ - ତୁମ୍ଭେମାନେ ସୁଖରେ ସୁଯୋଗ୍ୟତାର ସହିତ ପରିବାର ପରିବେଶ ନେଇ ସୁଦୀର୍ଘ ଜୀବନଲାଭ କର। ଜୀବନର ଜେଲ୍ଲା ହିଁ ହେଉଛି ଯୋଗ୍ୟତା, ଯାହା ମନୁଷ୍ୟକୁ ବିବର୍ଦ୍ଧନରେ ବିସ୍ତୃତ କରି ତୋଳେ ତାର ସମସ୍ତ ବ୍ୟକ୍ତିତ୍ୱକୁ ନେଇ। ତେଣୁ ପ୍ରତି ପ୍ରତ୍ୟେକଙ୍କୁ ସୁଯୋଗ୍ୟତାରେ ସୁବିସ୍ତାର ଲାଭ କରିବାକୁ ହେବ, ଉଦ୍ଦେଶ୍ୟ ଓ ଚାହିଦାରେ ଶୀଘ୍ର ପହଞ୍ଚିବାକୁ ହେବ, ପ୍ରସ୍ତୁତିର ପରାକ୍ରମୀ ପ୍ରଦୀପ୍ତି ନେଇ ପ୍ରତ୍ୟେକ ପରିବାରକୁ ସଂହତ କରି ତୋଳିବାକୁ ହେବ ଏକ ଆଦର୍ଶରେ, ଏକପ୍ରାଣତାରେ, ପରିବେଶକୁ ସୁସଂହତକରି ତୋଳିବାକୁ ହେବ ସେହି ଏକ ଆଦର୍ଶରେ ଏକ ପ୍ରାଣତାର ନିବିଡ଼ ଆଲିଙ୍ଗନ ଭିତର ଦେଇ ସାନୁକମ୍ପୀ ସହଯୋଗିତାରେ, ପରସ୍ପର ପରସ୍ପରକୁ ସମୁନ୍ନତ କରି ତୋଳିବାକୁ ହେବ, ଜୀବନରେ, ଯୋଗ୍ୟତାରେ, ଜୌଲୁସରେ, ଅଭ୍ୟୁଦୟୀ ସମ୍ବର୍ଦ୍ଧନାରେ, ବୈଶିଷ୍ଟ୍ୟ ଓ ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ସୁନିୟନ୍ତ୍ରିତ କରି। ଆମ୍ଭମାନଙ୍କର ସମସ୍ତ ହୃଦୟ ଯେଭଳି ସୁକେନ୍ଦ୍ରିକ ଇଷ୍ଟାନୁଗ ତପସ୍ୟାରେ ଅଚ୍ୟୁତ ହୋଇ ସମସ୍ତ କିଛିର ସମନ୍ୱୟୀ ସାମଞ୍ଜସ୍ୟ ଭିତର ଦେଇ ପରମପିତାଙ୍କ ଶ୍ରୀଚରଣରେ ସାର୍ଥକ ହୋଇ ଉଠିପାରେ। ଆମ୍ଭମାନଙ୍କର ସମୁନ୍ନତ ଯୋଗ୍ୟତାର ସେବା ସନ୍ଦୀପ୍ତ, କର୍ମ-ଅନୁଚୟୀ ଶୌର୍ଯ୍ୟ ସମ୍ପଦର ଅର୍ଘ୍ୟ ନେଇ ସର୍ବତୋଭାବରେ ଯେଭଳି କହି କରିପାରୁ - ଆମ୍ଭେମାନେ ଅମୃତନିଷ୍ୟନ୍ଦୀ, ଅମୃତର ପୁତ୍ର, ଅମୃତର ସହଜ ପରିବେଷକ। ପୁଣି କୁହେ ତୁମ୍ଭେମାନେ ଜଗଜ୍ଜନନୀଙ୍କର କର୍ମପ୍ରାଣ ସୁକେନ୍ଦ୍ରିକ ହୋଇରୁହ, ସର୍ବକର୍ମକୁ ସାର୍ଥକ କରି ଉଠାଅ ପରମପିତାଙ୍କ ପାଖରେ, ସୁଖ ଓ ସୁଦୀର୍ଘଜୀବୀ ହୋଇ ଯୋଗ୍ୟତାର ପୂଜା ଅର୍ଘ୍ୟରେ ପରିବାର-ପରିବେଶ ସହ ବଞ୍ଚିରୁହ, ବୃଦ୍ଧି ତତ୍ପର ହୋଇ ଚାଲ - ଏହା ମୋର ଏକାନ୍ତ ପ୍ରାର୍ଥନା - ସେହି ଏକାନ୍ତର ଚରଣ ପ୍ରାନ୍ତରେ।

ଦେବୀ ଦୁର୍ଗା କେବଳ ଦୁଷ୍ଟ ଶକ୍ତିର ସଂହାରିଣୀ ଶକ୍ତି ନୁହନ୍ତି, ସୃଷ୍ଟିର ପାଳନକର୍ତ୍ତ୍ରୀ ମଧ୍ୟ । ତେଣୁ ତାଙ୍କୁ ଯଥାର୍ଥରେ କୁହାଯାଇଛି ଶାକମ୍ଭରୀ । ଅର୍ଥାତ୍ ସେ ହେଉଛନ୍ତି ଶସ୍ୟ ପାଳିକା । ଯେଉଁ ଦୁର୍ଗା ଅସୁରଙ୍କ ନିଧନ ଲାଗି ବିବସନା, ନରମୁଣ୍ଡମାଳିନୀ, ଖଡ଼୍‌ଗ ଧାରିଣୀ କାଳୀ ମୂର୍ତ୍ତି ସାଜିଲେ, ସେ ପୁଣି ସୃଷ୍ଟି ପାଳନ ପାଇଁ ମାତୃମୂର୍ତ୍ତି ଶାକମ୍ଭରୀ ରୂପ ଧାରଣା କରନ୍ତି । ‘ଦେବୀ ମହାତ୍ମ୍ୟ’ରେ ମା’ କହିଛନ୍ତି ‘ଅନାବୃଷ୍ଟି ସମୟରେ ମୋ ଶରୀରରୁ ନିର୍ଗତ ପ୍ରାଣ ସଞ୍ଜୀବନୀ ଶସ୍ୟସମୂହ ଦ୍ୱାରା ମୁଁ ଜଗତବାସୀଙ୍କ ପୋଷଣ ଦାୟିତ୍ୱ ନେବି ଏବଂ ଶାକମ୍ଭରୀ ନାମରେ ବିଖ୍ୟାତ ହେବି । ବର୍ଷାଋତୁ ପରେ ଚତୁର୍ଦ୍ଦିଗରେ ଶସ୍ୟର ସମ୍ଭାର ଦେଖି ଶସ୍ୟର ସମୃଦ୍ଧି ପାଇଁ ମା’ଦୁର୍ଗାଙ୍କ କୃତଜ୍ଞତା ଜଣାଇବା ସକାଶେ ଦୁର୍ଗାପୂଜାର ପ୍ରବର୍ତ୍ତନ ହୋଇଥିବା ଅନୁମାନ କରାଯାଏ । ଦେବୀ ମହିଷାମର୍ଦ୍ଦିନୀ ରୂପେ ପୂଜା ପାଇବା ପୂର୍ବରୁ ଶସ୍ୟର ଅଧିଷ୍ଠାତ୍ରୀ ଧରିତ୍ରୀ ଦେବୀ ରୂପେ ପୂଜା ପାଉଥିବାର ମଧ୍ୟ ବିଶ୍ୱାସ କରାଯାଏ । ଶାରଦୀୟ ଦୁର୍ଗା ପୂଜାରେ କଦଳୀ ପତ୍ର, ବେଲପତ୍ର ଆଦି ନବପତ୍ରିକାରେ ଦେବୀଙ୍କର ପୂଜା ହେବାର ବିଧି ରହିଛି ।

ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଶ୍ରୀ ଗୁରୁ କଳ୍ପତରୁ ଶରଣ

### ଶ୍ରୀଗୁରୁ ଆଶ୍ରିତ ଅତୀଶ

ବାବା ତାଙ୍କ ଏହି ହଟ ଯୋଗୁ ତାଙ୍କୁ ଶୁଦ୍ଧ ଭାବରେ ସଂସ୍କୃତ ଭାଗବତ ପଢ଼ି ବାୟାକୁ ଶୁଣାଇଲେ ଦେହ ଭଲ ହୋଇଯିବ। ସେହି ଅନୁସାରେ ଭାଗବତ ସପ୍ତାହ ଅନୁଷ୍ଠିତ ହେଲା ଯାହାଦ୍ୱାରା ବାବା ସମ୍ପୂର୍ଣ୍ଣ ଭଲ ହୋଇଗଲେ। କହିବାକୁଗଲେ ଭାଗବତ ପ୍ରତି ନିବିଡ଼ ଯୋଗୁ ନିଜେ ଭାଗବତମୟ ହୋଇ ଯାଇଥିଲେ।

ଭକ୍ତ କଳ୍ପତରୁ : ଭଗବାନ ଯେପରି ଭକ୍ତର ସକାଳ ମନୋବାଞ୍ଛା ପୂର୍ଣ୍ଣ କରନ୍ତି ସେହିପରି ଭଗବାନଙ୍କୁ ହୃଦୟରେ ଧାରଣ କରିଥିବା ଭକ୍ତମାନେ ଅନ୍ୟର ଅଭିଳାଷ ପୂର୍ଣ୍ଣ କରିଥାନ୍ତି। ତାଙ୍କୁ ଯିଏ ଯେତେ ଅସୁବିଧା ସୁବିଧାରେ ଡାକିଛି ଯେତେ ଦୂରରୁ ସେ ପାଖରେ ପହଞ୍ଚିଛନ୍ତି ସମୁ ସମୟରେ ଆଜି ମଧ୍ୟ। ତାଛାଡ଼ ସେ ବୈଷ୍ଣବ ବା ଭକ୍ତ ଶେଖର ହୋଇଥିବାରୁ ଅନେକ ଶରୀରୀ ବା ଆଶରୀରୀ ଉଚ୍ଚକୋଟିର ଭକ୍ତ ମହାତ୍ମା ମାନଙ୍କ ନିୟମିତ ଓ ଶୁଭାଗମାନ ହେଉଥିଲା। ଏହି ସଭିଙ୍କୁ ଭଗବାନଙ୍କ ପ୍ରିୟଜନ ଭାବି ସେମାନଙ୍କ ସମାଦର କରୁଥିଲେ। ସଂକ୍ଷପାରେ କହିଲେ ଯେ ଭକ୍ତ-ଭକ୍ତିମୟ ଓ ତାଙ୍କ ପାଇଁ ବିଶ୍ୱ ମଧ୍ୟ ଭକ୍ତ - ଭକ୍ତିମୟ। ତେଣୁ ସେ ନିଜେ ହେଉଛନ୍ତି କଳ୍ପତରୁ। ଗୁରୁ କଳ୍ପତରୁ : ‘ମୁଁ ହିଁ ବସଇ ଗୁରୁଦେହେ, ମୋ ତହିଁ ଗୁରୁ ଭିନ୍ନ ନୁହେଁ।’ ଭକ୍ତି ଗ୍ରନ୍ଥରେ ଗୁରୁଙ୍କୁ ଭଗବାନଙ୍କ ସହିତ ତୁଳନା କରାଯାଇଛି। ଭଗବାନ ସମଷ୍ଟି ଜୀବର କଲ୍ୟାଣ ନିମନ୍ତେ ଶ୍ରୀ ରାମ ଶ୍ରୀକୃଷ୍ଣ ଅବତାର ରୂପରେ ଆସିଥାନ୍ତି ଓ ବ୍ୟଷ୍ଟି ଜୀବନର ଉଦ୍ଧାର ପାଇଁ ଅନନ୍ତ ଶକ୍ତିର ଆଧାର ଶ୍ରୀଭଗବାନ କରୁଣାଶକ୍ତି ହିଁ ମୂର୍ତ୍ତିମାନ ହୋଇ ଗୁରୁ ରୂପରେ ଆସିଥାନ୍ତି ଧରାପୃଷ୍ଠକୁ। ନାମଚାର୍ଯ୍ୟ ଶ୍ରୀ ବାୟାବାବାଙ୍କ ସମଗ୍ର ଲୀଳାରେ ପ୍ରକଟଲୀଳା ଓ ଅପ୍ରକଟ ଲୀଳାରେ କରୁଣା ଭରି ରହିଛି। ଅନେକ ଲୀଳା ରହିଛି ତାଙ୍କ ଜୀବନୀ ପାଠକଲେ ଜଣାପଡ଼ିବ। ଠାକୁର ହରିଦାସଙ୍କ ପରି ସେ ମଧ୍ୟ ନାମସିଦ୍ଧ ଥିଲେ ସାରା ଜୀବନ ନାମ ଓ ଜଗନ୍ନାଥଙ୍କୁ ନିଜର ପ୍ରାଣପ୍ରିୟ କରିଥିଲେ ଦେହତ୍ୟାଗ ପୂର୍ବରୁ କଟକ କଳ୍ପତରୁ ଆଶ୍ରମରେ ଶ୍ରୀ ସିଦ୍ଧ ବଳଦେବଙ୍କ ପରି ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କରି ତାଙ୍କୁ ମନ୍ଦିରରେ ସ୍ଥାପନ କରି ସେବା ପୂଜାର ବ୍ୟବସ୍ଥା କରିଥିଲେ। ସେ ଯୋଗୁଁ ତାଙ୍କ ନିତ୍ୟ ସ୍ଥିତି ମଧ୍ୟ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ।

ସିଦ୍ଧବକୁଳବନ ନିବାସୀ ନାମଚାର୍ଯ୍ୟ ହରିଦାସ ଠାକୁରଙ୍କ ପରି ତାଙ୍କର ଭାଦ୍ରବ ମାସ ଶୁକ୍ଳପକ୍ଷ ଅନନ୍ତଚତୁର୍ଦ୍ଦଶୀ ତିଥିରେ ବ୍ରହ୍ମମୁହୂର୍ତ୍ତରେ ଇଷ୍ଟ ନାମ ଉଚ୍ଚାରଣ କରି ଦେହତ୍ୟାଗ କରିଥିଲେ। ଜୟ ବାୟା ଜୟ ବାୟା।

ଦୂରଭାଷ : ୬୩୭୧୫୮୦୫୨୪

# ‘ସ୍ୱାସ୍ଥ୍ୟପ୍ରଦ ଜୀବନ ପାଇଁ ପ୍ରେରଣା’

### ଡାକ୍ତର ଗୁରୁପଦ ମିଶ୍ର

ପ୍ରତିବର୍ଷ ସେପ୍ଟେମ୍ବର ୧୫ ତାରିଖକୁ ବିଶ୍ୱ ଲିମ୍ଫୋମା ସଚେତନତା ଦିବସ ରୂପେ ସମଗ୍ର ବିଶ୍ୱରେ ପାଳନ କରାଯାଏ। ଲିମ୍ଫୋମା (ଦ୍ରୁତ ବୃଦ୍ଧି ପାଉଥିବା କର୍କଟର ଏକ ସାଧାରଣ ରୂପ) ପ୍ରତି ଲୋକଙ୍କୁ ସଚେତନ କରିବା ଏହି ଦିବସର ଉଦ୍ଦେଶ୍ୟ। ୨୦୦୪ରେ ବିଶ୍ୱର ପ୍ରାୟ ୪୪ଟି ଦେଶରେ କାର୍ଯ୍ୟରତ ଏକ ଅଣ ଲାଭକାରୀ ସଂସ୍ଥା ଲିମ୍ଫୋମା କୋଲିସନର ୬୬ଟି ଲିମ୍ଫୋମା ରୋଗୀ ସଂଗଠନରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା। ତା ପରଠାରୁ ବିଶ୍ୱ ଲିମ୍ଫୋମା ଦିବସ ଅନ୍ତର୍ଜାତୀୟ ସ୍ତରରେ ପାଳିତ ହେଉଛି। ଏହି ବିଶ୍ୱସ୍ତରୀୟ ଅଭିଯାନ ଡାକ୍ତର, ନର୍ସ, ରୋଗୀ ସମର୍ଥନକାରୀ ସଂସ୍ଥା, ରୋଗୀ ଓ ସେମାନଙ୍କ ପରିବାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ, ଯାହା ଲିମ୍ଫୋମା ବିଷୟରେ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ପ୍ରଦାନ କରେ। ଏହି ରୋଗ କ୍ଷେତ୍ରରେ ବଡ଼ ସମସ୍ୟା ହେଉଛି ପୀଡ଼ିତ ଜଣଙ୍କ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ବ୍ୟାପକତା ଓ ଭୟାବହତା ସମ୍ପର୍କରେ ସୂଚୀତ ନହୋଇପାରିବାରୁ ପରବର୍ତ୍ତୀ ସମୟରେ ଏହା ସ୍ୱାସ୍ଥ୍ୟଗତ ଜଟିଳତା ଓ ଶରୀରର ଅନ୍ୟ ଅଙ୍ଗ ସହିତ ପରିପାର୍ଶ୍ୱିକ ପ୍ରତିକ୍ରିୟା ଜନିତ ଅନ୍ୟ କିଛି ରୋଗର କାରଣ ମଧ୍ୟ ହୋଇଥାଏ। ଲିମ୍ଫୋମାର ଲକ୍ଷଣ ଓ ବିଶ୍ୱସ୍ତରରେ ଲକ୍ଷାଧିକ ଲୋକଙ୍କ ଉପରେ ତା’ର ପ୍ରଭାବ ସମ୍ପର୍କରେ ମଧ୍ୟ ସୂଚନା ଦିଏ। ବିଶ୍ୱରେ ୧୦ଲକ୍ଷରୁ ଅଧିକ ଲୋକ ଲିମ୍ଫୋମାରେ ପୀଡ଼ିତ ଏବଂ ପ୍ରତି ଦିନ ୧ ହଜାରରୁ ଅଧିକଙ୍କ ଠାରେ କର୍କଟ ଚିହ୍ନଟ କରାଯାଉଛି। ଆଜିକାଲି ଅତ୍ୟାଧୁନିକ ଚିକିତ୍ସା ଓ ବ୍ୟାପକ ଜନସଚେତନତା ସହ କେନ୍ଦ୍ର ସରକାର ଏହି ଗୁରୁତର ରୋଗ ପାଇଁ ଆବଶ୍ୟକୀୟ ହେଉଥିବା ଔଷଧର ମୂଲ୍ୟ ବଜାର ଦରରେ ଖୁବ୍ କମ୍ କରିଦେଇଥିବାରୁ ରୋଗୀମାନେ ଅନେକ ଉପକାର ପାଉଛନ୍ତି। ତେବେ ଏଯାବତ୍ ବିଶ୍ୱର ଅନେକ ଦେଶରେ ଏହି ଜଟିଳ ଓ ମାରାତ୍ମକ ରୋଗର ମୂଳ ନିଦାନ ଓ ନିରାକରଣର ବ୍ୟବସ୍ଥା ବ୍ୟାପକ ହୋଇପାରିନାହିଁ। ତେବେ ଏହି ରୋଗକୁ ନେଇ ଭୟଭୀତ ହେବାର ସେପରି କିଛି କାରଣ ନାହିଁ ବରଂ ପ୍ରାଥମିକ ପର୍ଯ୍ୟାୟରୁ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା ଦ୍ୱାରା ଏହାର ଉପଶମ ଓ ଆରୋଗ୍ୟ ସମ୍ଭବ ହୋଇପାରିବ। ଅନେକ ବେସରକାରୀ ସଙ୍ଗଠନ ଏହି ରୋଗ ପୀଡ଼ିତମାନଙ୍କ ପାଇଁ ଅନେକ ଦାତବ୍ୟ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ସୁଷମ ଖାଦ୍ୟ ଖାଆନ୍ତୁ, ନିରୋଗ ରହିବା ପାଇଁ ଦୃଢ଼ ମାନସିକତା ରଖନ୍ତୁ, ପ୍ରଫୁଲ୍ଲିତ ରହିବା ସହ ସ୍ୱାସ୍ଥ୍ୟ ସମ୍ପର୍କିତ ଦେଶୀ ଚିକିତ୍ସା ବା ଗୁଜବକୁ ଗୁରୁତ୍ୱ ନେଦେଇ କିଛି ରୁଟିନ ବନ୍ଧା ସୁଅଭ୍ୟାସ ଆପଣାନ୍ତୁ ଯେପରି ନିୟମିତ ଯୋଗପ୍ରାଣାୟମ, ଯଥା ସମ୍ଭବ ନିରାମିଷ ଖାଦ୍ୟ ଠାରୁ ଦୂରେଇବା ଓ ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ଦୂରଇବା। ନିଜେ ସଚେତନ ହେବା ସହ ଏକ ସ୍ୱାସ୍ଥ୍ୟପ୍ରଦ ଜୀବନ ପାଇଁ ଅନ୍ୟ ମାନଙ୍କୁ ପ୍ରେରଣା ଯୋଗାଇବା ଏହି ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟ ହେଉ।

ଭେଷଜ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
E-mail : gurupadamishra614@gmail.com



# ଚୋରାମଦ ଜବତ, ୫ଗିରଫ

କେନ୍ଦ୍ରାପଡ଼ା,୧୬।୯:(ମନ୍ଥନ)ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ, ଆଳି, ରାଜକନିକା ଓ ମହାକାଳପଡ଼ା ଥାନା ଅଧିନିସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଦଧିବାବନପୁର ଗ୍ରାମର ଉପେନ୍ଦ୍ର ମଳିକ(୩୨)ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ଗଜରାଜପୁର ଗ୍ରାମର ଗୁରୁଚରଣ ପରିଡା(୪୧)ଙ୍କ ଠାରୁ ୧୮ ଲିଟର ବିଦେଶୀ ମଦ, ତିଖିରୀ ଗ୍ରାମର ଆଶିଷ ବେହେରା(୨୫)ଙ୍କ ଠାରୁ ୫୬୦ ଲିଟର ଦେଶୀ ରନ୍ଧା ମଦ, ମାଲଢ଼ିଆ ଗ୍ରାମର ଆଲୋକ ସ୍ୱାଇଁ(୪୮)ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, କୁଅଁରପୁର ଗ୍ରାମର ଯଦୁମଣି ମୁର୍ମୁ(୪୩)ଙ୍କ ଠାରୁ ୨୧ ଲିଟର ଦେଶୀ ମଦ ଜବତ କରାଯାଇ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ସମୁଦାୟ ୬୬୧ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ମଦ ଜବତ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧୀକ୍ଷକ



ବିପ୍ର ଚରଣ ମଣ୍ଡଳ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ, ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ରଙ୍କ ସମେତ୍ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

# କାର୍ଯ୍ୟରତ ସାମ୍ବାଦିକ ପ୍ରକୋଷ୍ଠ ଉଦଘାଟିତ

ପାରାଦୀପ,୧୬।୯:(ମନ୍ଥନ) ବୁଧବାରଠାରୁ ପାରାଦୀପ ସହରରେ ଅନୁଷ୍ଠିତ ହେବାକୁ ଯାଉଛି ଦେବଶିଳ୍ପୀ ବିଶ୍ୱକର୍ମାଙ୍କର ପୂଜା ଉତ୍ସବ। ପାରାଦୀପ ସମେତ ଜଗତସିଂହପୁର, କେନ୍ଦ୍ରାପଡା, ଯାଜପୁର, କଟକ, ପୁରୀ ଜିଲ୍ଲା ସମେତ ବିଭିନ୍ନ ସ୍ଥାନରୁ ଦର୍ଶକମାନେ ଦେବଶିଳ୍ପୀଙ୍କ ପୂଜାଉତ୍ସବରେ ସାମିଲ ହେବାକୁ ଆସିଥାନ୍ତି । ଲକ୍ଷଲକ୍ଷ ସଂଖ୍ୟାରେ ଦର୍ଶକ ବନ୍ଦର ସହର ପାରାଦୀପକୁ ଆସିଥାନ୍ତି। ଏଥି ସହିତ ବିଭିନ୍ନ ସ୍ଥାନରୁ ବିଭିନ୍ନ ଗଣମାଧମର ପ୍ରତିନିଧିମାନେ ପାରାଦୀପ ଆସିଥାନ୍ତି। ସେମାନେବି ପାରାଦୀପ ବିଶ୍ୱକର୍ମା ପୂଜାର ଖବର ସଂଗ୍ରହ ପାଇଁ ଆସିଥାନ୍ତି




। ପାରାଦୀପର ଗଣମାଧମ ପ୍ରତିନିଧିମାନେ ପ୍ରବଳ ଜନଗହଳି ମଧ୍ୟରେ ନିଜ ଘରକୁ ଯାଇ ଖବର ପଠାଇବାରେ ବହୁ ଅସୁବିଧା ହୋଇଥାଏ । ପାରାଦୀପ କାର୍ଯ୍ୟରତ ସାମ୍ବାଦିକମାନେ ଏହି ବିଶ୍ୱକର୍ମା ପୂଜାରେ ଖବର ପଠାଇବାର ସମସ୍ୟାକୁ ବାରମ୍ବାର ସାମ୍ନା କରିବା ପରେ ଏକ ପ୍ରକୋଷ୍ଠ କରିବା ପାଇଁ ଉଦ୍ୟମ କରିଥିଲେ । ଗତ ତିନି ବର୍ଷ ଧରି ପାରାଦୀପ କମଳା ସିନେମା ହଲ୍ ନିକଟରେ ଏକ ପ୍ରକୋଷ୍ଠ ଆରମ୍ଭ ହୋଇଥିଲା। ପ୍ରତିବର୍ଷ ବିଶ୍ୱକର୍ମା ପୂଜା ସମୟରେ ଏହି କାର୍ଯ୍ୟାଳୟ କାର୍ଯ୍ୟ କରିଥାଏ । ସାମ୍ବାଦିକମାନେ ଅନାୟସରେ ଏଠାରେ ବସି ଖବର ପଠାଇଥାନ୍ତି । ବିଶ୍ୱକର୍ମା ପୂଜା ଅବ୍ୟବାହିତ ପୂର୍ବରୁ ମଙ୍ଗଳବାର ସଂନ୍ଧ୍ୟାରେ ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଇଫକୋ ପ୍ରଶାସନିକ ଅଧିକାରୀ ତଥା ଲୋକସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ଯୋଗ ଦେଇ ଚଳିତ ବର୍ଷ ନିମନ୍ତେ ସାମ୍ବାଦିକ ପ୍ରକୋଷ୍ଠକୁ ଉଦଘାଟନ କରିଥିଲେ । ପାରାଦୀପ ତଥା ବାହାରୁ ଆସୁଥିବା ଦର୍ଶକମାନଙ୍କ ନିମନ୍ତେ ଏହି ସାମ୍ବାଦିକ ପ୍ରକୋଷ୍ଠ ବହୁ ଉପଯୋଗୀ ହୋଇ ପାରିଥିବା ନେଇ ଅତିଥିମାନେ ମତବ୍ୟକ୍ତ କରିବା ସହିତ କାର୍ଯ୍ୟରତ ସାମ୍ବାଦିକମାନଙ୍କ ଉକ୍ତି ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଶେଖର ଆଚାର୍ଯ୍ୟ, ସଂଜୟ କୁମାର ମିଶ୍ର, ଅରୁଣ ଓଝା,ବଟକୃଷ୍ଣ ଦାସ, ସୁଧାଂଶୁ ନାୟକ, ରତ୍ନାକର ଜେନା, ସନ୍ତୋଷ ଭାରତୀ, ମନୋଜ ଦାସ, ସଂଘମିତ୍ରା ସ୍ୱାଇଁ, ମନୋଜ ସାହୁ ପ୍ରମୁଖ ଯୋଗ ଦେଇ ସାମ୍ବାଦିକ ପ୍ରକୋଷ୍ଠ ଉଦଘାଟନୀ ସମାରୋହକୁ ପରିଚାଳନା କରିଥିଲେ।

# ବଲାଙ୍ଗିର ର ଓଡିଶୀ ନୃତ୍ୟଶିଳ୍ପୀ ତ୍ରିଶା ଠାକୁର ସୁଦୂର ଦୁବାଇ ରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ପ୍ରଶଂସିତ ଓ ସମ୍ମାନିତ ହେଲେ

ବଲାଙ୍ଗିର ,୧୬।୯:(ମନ୍ଥନ) କଳା ସାହିତ୍ୟ ,ସଂସ୍କୃତି କୁ ନେଇ ବଲାଙ୍ଗିର ଜିଲ୍ଲା ବେଶ ପରିଚିତ ରହିଥିବା ବେଳେ ଏଠିକାର କଳାକାର ଙ୍କ ଲୋକପ୍ରିୟତା ଏବେ ଅନେକ ଗୁଣା ରେ ବଢ଼ିବାକୁ ଲାଗିଛି। ସବୁବେଳେ ଏଠିକାର ଯୁବ କୁନି କୁନି କଳାକାର ଚର୍ଚ୍ଚା ରେ ରହି ଆ।ସୁଛନ୍ତି । ପୂର୍ବରୁ ବଲାଙ୍ଗିର ମାଟି ପାଇଁ ଅନେକ ସୁଯୋଗ୍ୟ ସନ୍ତାନ ସୁନାମ ସହ ଗର୍ବ ଓ ଗୌରବ ଆ।ଣି ସାରିଥିବା ବେଳେ ଏବେ ଠିକ ସେହିପରି ଜଣେ ଯୁବ କୁନି କଳାକାର ତଥା କୁନି ପ୍ରତିଭା ବଲାଙ୍ଗିର ସହର ସ୍ଥିତ ରୁଗଡିପଡା ନିବାସୀ ରଞ୍ଜନ କୁମାର ଠାକୁର ଓ ରୀତା ଠାକୁର ଙ୍କ ଝିଅ ତ୍ରିଶା ଠାକୁର ଓଡ଼ିଶୀ ନୃତ୍ୟ ପରିବେଷଣ କରିବାପାଇଁ ସୁଦୂର ବଲାଙ୍ଗୀର ରୁ ଦୁବାଇ ଯାତ୍ରା କରି ସେଠାରେ ନିଜର ଓଡିଶୀ ନୃତ୍ୟ ପରିବେଷଣ କରି ପ୍ରଶଂସିତ ହୋଇ ସମ୍ମାନିତ ହୋଇଛନ୍ତି । ଓଡ଼ିଶା ତଥା ବଲାଙ୍ଗିର ପାଇଁ ଏହା ଏକ ଗର୍ବ ଓ ଗୌରବ ଯ ସେ ନିଜ ମାଟି ବଲାଙ୍ଗିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଶେଷରେ ସେ ଭାବ ବିହ୍ୱଳ ହୋଇ କହିଛନ୍ତି ଯେ ଏ ସଫଳତା ପଛରେ ମୋର ବାପା ଓ ମାଁ ଙ୍କୁ ଶ୍ରେୟ ଦେଇଥିବା ବେଳେ ସମସ୍ତ ଗୁରୁଜନ ଓ ବଡ ମାନଙ୍କ ପ୍ରେରଣା ଓ ଆ।ଶୀର୍ବାଦ ଯୋଗୁଁ ସମ୍ଭବ ହୋଇଛି ବୋଲି କୋହଭରା କଣ୍ଠରେ କହିଥିଲେ । ଶେଷରେ ସେ ଏହା ମଧ୍ୟ କହିଥିଲେ ଯେ ଯଦି ଆ।ଗକୁ ମୋତେ ବିଦେଶରେ ମୋର ଓଡ଼ିଶା ନୃତ୍ୟ ପରିବେଷଣ କରିବା ପାଇଁ ସୁଯୋଗ ମିଳେ ତା ହେଲେ ମୁଁ ମୋର ରାଜ୍ୟ ତଥା ଦେଶ ପାଇଁ ଅନେକ ସୁନାମ ଆ।ଣିପାରିବି ।

# ଲଗାଣ ବର୍ଷା ଫଳରେ ଧାନ ଗଛରେ ପୋକ, ଚାଷୀ ମୁଣ୍ଡରେ ଚଡକ

ପଟ୍ଟାମୁଣ୍ଡାଇ,୧୬।୯:(ମନ୍ଥନ)ପଟ୍ଟାମୁଣ୍ଡାଇ ଅଞ୍ଚଳ ଏକ ପ୍ରାକୃତିକ ବିପର୍ଯ୍ୟସ୍ତ କବଳିତ ଅଂଚଳ ଓ ପ୍ରତ୍ୟେକ ବର୍ଷ ଏ ଅଂଚଳର ଚାଷୀ ମାନେ ବିପର୍ଯ୍ୟୟର ସାଥୀ ପାଲଟିଛନ୍ତି। ଚଳିତବର୍ଷ ଲଗାଣ ବର୍ଷା ଲାଗିରହିଥିବାରୁ, ଭେଡା ଅଂଚଳର ଧାନଗଛରେ ପ୍ରବଳ ପୋକଲାଗି ଧାନ ଗଛ ମରିବାକୁ ବସିଲାଣି । ଫଳରେ ଧାର କରଜକରି ଚାଷ କରିଥିବା ଚାଷିମାନଙ୍କ ମୁଣ୍ଡରେ ଚଡ଼କ ପଡିଛି ।ଧୋୟା ଅଂଚଳର ଚାଷିମାନଙ୍କ ଦୁର୍ଦ୍ଦଶା କହିଲେ ନସରେ, ଲଗାତାର ୪ଥର ବନ୍ୟା ଯୋଗୁଁ ବ୍ୟାପକ ଫସଲହାନୀ ଘଟିଛି । ଯାହାଫଳରେ ଚାଷୀମାନେ ସର୍ବସ୍ୱାନ୍ତ ହୋଇଛନ୍ତି । ଉନ୍ନତମାନର ବିହନ ଅଭାବ ଯୋଗୁଁ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ିଥିବାବେଳେ ସାରର ଉତ୍କଟ ଅଭାବ ଓ କଳା ବଜାରୀ ଚାଷୀଙ୍କ ଆ।ଖିରେ ଲୁହ ଆ।ଣି ଦେଇଛ। ବିହନ, ସାର ଓ କୀଟନାଶକ କ୍ରୟ କରିବାରେ ଚାଷୀମାନେ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି ।ସମ୍ପ୍ରତି ବହୁ ଆ।ଶା ନେଇ ଧାନ ଚାଷ କରିଥିବା ଚାଷୀମାନେ ପୁଣି ଚିନ୍ତା ରେ ପଡିଛନ୍ତି ଓଏବେ ଧାନ ଗଛରେ ରୋଗ ପୋକ ଆ।ର୍ବିଭାବକୁ ନେଇ ଚାଷୀ ହରଡ଼ ଘଣାରେ ପଡି କଳବଳ ହେଉଛି । ରୁଅ। ବେଉସା ସାରି ୨ୟ ପର୍ଯ୍ୟାୟ ସାର ଦେବା ବେଳକୁ ଧାନ ଗଛରେ ରୋଗ ପୋକଦେଖାଦେଇଛି। ସମ୍ପ୍ରତି ଧାନ ଗଛ ରେ ଗର୍ଣ୍ଣି ରୋଗ,ପତ୍ରପୋଡ଼ା ରୋଗ ଆ।ଦି ବିଭିନ୍ନ ରୋଗପୋକ ଯୋଗୁଁ ଧାନ ଗଛ ସବୁ ନଷ୍ଟ ହେବାକୁଲାଗିଛି । ଚାଷୀମାନେ ଧାର କରଜ କରି ବିହନ, ସାର ଓ କୀଟନାଶକ ଔଷଧ କିଣି ଚାଷ କରିଥିଲେ ମଧ୍ୟ ଧାନ ଫସଲ ଅବସ୍ଥା ଦେଖି ସଂପୂର୍ଣ୍ଣ ଭାଙ୍ଗି ପଡିଛି ଓ ଚାଷ ଓ ଚାଷୀଙ୍କ ସଂକଟ ବେଳେ କୃଷି ବିଭାଗ ନିଦ୍ରା ବିଷ୍ଣୁ ସାଜି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି । ପଟ୍ଟାମୁଣ୍ଡାଇର କୌଣସି କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରି ଚାଷୀ ମାନଙ୍କୁ ଫସଲ ରକ୍ଷା ପାଇଁ ଉଚିତ ପରାମର୍ଶ ଓ ସହାୟତା ପ୍ରଦାନ କରିବା ଦେଖାଯାଉନାହିଁ । ଏଥି ପାଇଁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ରାଜ୍ୟ ସରକାର ଓ କୃଷି ବିଭାଗ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବୀ ହେଉଛି ।

# ଏ.ଇଏଫ ମାର୍କେଟ ସ୍ଥାୟି ଲକ୍ଷ୍ମିପୂଜା ମଣ୍ଡପ ସ୍ଥାପିତ

କୋରାପୁଟ,୧୬।୯:(ମନ୍ଥନ)ସୁନାବେଡା ଏ.ଇ.ଏଫ ମାର୍କେଟରେ ଏକ ସ୍ଥାୟି ଲକ୍ଷ୍ମି ପୁଜା ମଣ୍ଡପ ସ୍ଥାପିତ କରାଯାଇଛି, ତାହାର ନୂତନ ଗୃହକୁ ପୂଜା ଅର୍ଚ୍ଚନା କରାଯାଇଥିଲା।ମାର୍କେଟ ବାସିଙ୍କ ଦୀର୍ଘ ଦିନର ଅଭିଳାଶ ସ୍ଥାପିତ ସ୍ଥାୟି ଲକ୍ଷ୍ମି ପୂଜା ରେ ପୂରଣ ହେଲା। କାର୍ମେଟ କମିଟିର ସଭାପତି ନିରଂଜନ ପ୍ରଧାନ ଙ୍କ ବହୁ ଚେଷ୍ଟାରେ ବିଳମ୍ବ ରେ ହେଲେ ମଧ୍ୟ ସ୍ଥାପିତ ହେବାରେ ସଫଳ ହେଲା। ମାର୍କେଟ କମିଟିର ଦୀର୍ଘ ଦିନ ହେଲା ସଭାପତି ଦାୟିତ୍ୱରେ ରହି ସବୁ କାର୍ଯ୍ୟ ସୂଚାରୁ ରୁପେ ତୁଲାଉଥିବା ବେଳେ ଦୀର୍ଘ ଭର୍ଷ ହେଲା ଲକ୍ଷ୍ମି ପୂଜା ମଣ୍ଡପ ଅସ୍ଥାୟି ଭାବରେ ଏକ ଭଡା ଦୋକାନ ଚାଲି ଆସୁଥିଲା। କିଂୁ ସମୟର ପରିବର୍ତନକୁ ନେଇ ପୂର୍ବତନ ବିଧାୟକଙ୍କ କିଛି ଆର୍ଥିକ ସହାୟତା ଓ ବାହାରୁ ଅନ୍ୟାନ୍ୟ ସଂସ୍ଥାଙ୍କ ସହ ଯୋଗରେ ଏହା ସଂପର୍ଣ୍ଣ ହୋଇ ପାରିଥିବା ଜଣା ଯାଇଛି। ଏହି ମଣ୍ଡପ ନିର୍ମାଣ ଦ୍ୱାରା ସମସ୍ତ ମାର୍କେଟ ଦୋକାନ ବାଲା ଖୁସି ଥିବା ଜଣା ପଡିଛି। ସଭାପତିଙ୍କ ଅପୂର୍ବ ଚେଷ୍ଟା ପ୍ରବଳ ମନୋବଳ ସକାଶେ ଆଜି ମାର୍କେଟ ରେ ସ୍ଥାୟି ଲକ୍ଷ୍ମି ପୂଜା ମଣ୍ଡପ ଟି ଠିଆ ହୋଇ ପାରି ଥିବା ନେଇ ସମସ୍ତେ ଧନ୍ୟ ବାଦ ଦେଇଥିବା ଜଣା ପଡିଛି। ଉଦ୍ଘାଟନ ସମୟରେ ସଭାପତି ସାଙ୍ଗକୁ କମିଟିର ଉପସଭାପତି- ରବିନ୍ଦ୍ର କୁମାର ଖଟେଇ ,ସଂପାଦକ- ଏ. ସୁନିଲ, କୁମାର ନରେନ୍ଦ୍ର କୁମାର ସାହୁ, ସରତ ସେଠୀ, ବାବୁଲି, ଧମେନ୍ଦ୍ର ସିଂ, ନାରାୟଣ ପଣ୍ଡା, ଅବନୀ କୁମାର ପାଢୀ, ଶ୍ୟାମ ଟାକିରି, ଶିବ ଶଙ୍କର ନାୟକ, ସହଦେବ ସେଠୀ , ସହଦେବ ସେଠୀ, ରମେଶ ସିଓ, ବାବୁଲି କୁମାର ସିଓ, ମିଟୁ, ସଂଜୟ ଡାକୁଆ, ବିନୋଦ ଡାକୁଆ, ରବିନ୍ଦ୍ର ନାୟକ ଙ୍କ ସହିତ ମାର୍କେଟ କମିଟିର ଅନ୍ୟାନ୍ୟ କର୍ମକତାମାନେ ମଧ୍ୟ ଉପସ୍ଥିତ ରହିଥିଲେ।

# ପୋଖରୀ ପାଲିଟିଛି ୩୨୬ ନମ୍ବର ଜାତୀୟ ରାଜପଥ



ମାଲକାନଗିରି,୧୬।୯:(ମନ୍ଥନ)ମାଲକାନଗିରି ଜିଲ୍ଲାରେ ସଡକ ଦୁର୍ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି । ଜିଲ୍ଲାରେ ଯେଉଁ ବ୍ଲକ କୁ ପରିଦର୍ଶନ କରିବେ ପ୍ରତ୍ୟେକ ବ୍ଲକ ରେ ରାସ୍ତା କାଦୁଅ ପୋଚ ପୋଚ ସହ ପାଣି ଜମିବାର ଚିତ୍ର ଦେଖାଯାଉଛି । ଇଏ ତ ଗଲା ବ୍ଲକ ଏବଂ ଗ୍ରାମାଞ୍ଚଳ କଥା ବିଶେଷ କରି ଯଦି ଦେଖିବେ ମାଲକାନଗିରି ଜିଲ୍ଲାର ଜାତୀୟ ରାଜପଥର ଦୃଶ୍ୟ ଯାହାକି ୩୨୬ ନମ୍ବର ଜାତୀୟ ରାଜପଥ ମାଲକାନଗିରି ଠାରୁ ଆ।ରମ୍ଭ କରି ସୀମାନ୍ତ ମୋଟୁ ପର୍ଯ୍ୟନ୍ତ ଯେଉଁଠି ଦେଖିବେ ସେଇଠି ବଡ ବଡ ଗାତ ରାଜ ରାସ୍ତା ମଝିରେ ସୃଷ୍ଟି ହୋଇ ପାଣି ଜମିଛି ଏବଂ କୃତିମ ପୋଖରୀ ଭଳି ଦେଖା ଦେଉଛି । ମାଲକାନଗିରି ଠାରୁ ଆ।ରମ୍ଭ କରି ସୀମାନ୍ତ ମୋଟୁ ପର୍ଯ୍ୟନ୍ତ ପାଖା ପାଖି ୧୦୦ କିଲୋମିଟର ରୁ ଉର୍ଦ୍ଧ୍ୱ ଦୂରତା ବିଶିଷ୍ଟ ଏହି ରାଜ ରାସ୍ତା ର ମଝିରେ ବଡ଼ ବଡ଼ ଗାତ ସବୁ ସୃଷ୍ଟି ହୋଇ ରାଜ ରାସ୍ତା ମଝିରେ କୁତ୍ରିମ ବନ୍ଧ ପାଲଟି ଯାଇଛି । ସେଥିମଧ୍ୟରୁ ରାଜରାସ୍ତା କୁ ଲାଗିରହିଥିବା କିଛି ଗାଁ ଗୁଡିକ ହେଲା କାଲିମେଲା ବ୍ଲକର ଏମ୍. ଭି-୬୪ ଗ୍ରାମର ମଶାଣି ସମ୍ମୁଖରେ ରୁ ଆ।ରମ୍ଭ କରି ଗାଁ ଶେଷ ଦୁର୍ଗା ମଣ୍ଡପ ନିକଟରେ, କାଙ୍ଗୁରୁକୋଣ୍ଡା ଛକ ନିକଟରେ, ଏମ ଭି ୭୪ ଗାଁ ନିକଟରେ, ଏମ ଭି ୯୬ ମସାଣି ନିକଟରେ, ଏମ. ପି. ଭି- ୧୨୭ ଗାଁ ନିକଟରେ, ଏମ. ଭି -୭୯ ସମ୍ମୁଖ ରେ ଏବଂ ଏମ. ଭି -୭୯ ଥାନା ପାର ହେଲା ଲଛିପେଟା ନିକଟରେ, ଏମ ଭି- ୭୯ ଗାଁ ମସାଣି ନିକଟରେ, ମହାରାଜପଲ୍ଲୀ ରାଜସ୍ୱ ବିଭାଗ କାର୍ଯ୍ୟଳୟ ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟଳୟ ନିକଟରେ, ଏମ .ପି. ଭି -୮୧ ଗ୍ରାମ ପ୍ରବେଶ ପୂର୍ବୁ, ଓ ଗାଁ ମଝିରେ ରେ କୋଇକୋଣ୍ଡା ଗାଁ ଛକ ନିକଟରେ, ଏମ. ଭି -୮୮ ଗାଁ ପ୍ରବେଶ ପୂର୍ ରୁ ଏବଂ ଏମ ଭି ୮୮ ଗାଁ ନିକଟରେ ଥିବା ପଲୁର ପୋଲିସ ଫାଣ୍ଡି ସମ୍ମୁଖ ରେ, ଏମ ପି ଭି ୧୨୮ ଗାଁ ଛକ ସମ୍ମୁଖୀ ରେ, ଏମ. ପି. ଭି ୫୬, ପୁଷ୍ପୁଗୁଡା ନ ଏବଂ ପୁଷ୍ପୁଗୁଡା ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ।ସ ସମ୍ମୁଖୀ ରେ, ତାଣ୍ଡିମେଟଲା ଏମ. ଭି- ୭୮ ଛକ, କମଳାପୁର ଛକ , ମୁରଲିଗୁଡା ଗାଁ ନିକଟରେ, କୋତାଗୁଡା ଗାଁ ପ୍ରବେଶ ପୂର୍ବରୁ ଓ ପରେ ବାରିବାଞ୍ଚା ଗାଁ ଛକ ଏବଂ ମୋଟୁ ଓ ପୋଡ଼ଶୀ ରାଜ୍ୟ ଆ।ନ୍ଧ୍ର ର କାଲେର କୁ ସଂଯୋଗ କରୁଥିବା ଛକ ନିକଟରେ ଅବସ୍ଥା କହିଲେ ନଚଳେ ଯାହାକୁ ନେଇ ଏହି ରାଜ ରାସ୍ତା ରେ ଯାତାୟାତ କରୁଥିବା ପାଦ ଚଲା କରୁଥିବା ସାଧାରଣ ଜନତା ଠାରୁ ଆ।ରମ୍ଭ କରି ସାଇକେଲ ଚାଳକ, ମଟର ସାଇକେଲ ଚାଳକ, ତିନି ଛକିଅ। ଅଟ ଚାଳକ, ଚାରି ଛକିଅ। କାର, ବୋଲେରୋ, ପିକ ଅପ ଭ୍ୟାନ, ଟ୍ରକ, ଟ୍ରଲର, ଓ ବିଭିନ୍ନ ଘରୋଇ, ଓ ସରକାରୀ ଯାତ୍ରୀ ବାହୀ ବସ, ଆ।ମ୍ବୁଲାନ୍ସ, ଏବଂ ବିଭିନ୍ନ ସମୟ ରେ ଏହି ରାଜ ରାସ୍ତା ରେ ଯାତାୟତ କରିଥିବା ବିଭିନ୍ନ ବିଭାଗୀୟ ସରକାରୀ ଅଧିକାରୀ ସମେତ ସାଧାରଣ ଜନସାଧାରଣ ଏହି ୩୨୬ ନମ୍ବର ଜାତୀୟ ରାଜରାସ୍ତା ଉପରେ ବନ୍ଧ ଭଳିଅ। ଦେଖା ଯାଉଥିବା ରାସ୍ତା ମଝିରେ ଗାତ ଗୁଡ଼ିକୁ ନେଇ ଏହି ବାଟ ଦେଇ ଯାତାୟାତ ରେ ନାକେ ଦମ ହେଉଛନ୍ତି । ପ୍ରତିଦିନ ଏହି ବାଟ ଦେଇ ଯାତାୟତ କରୁଥିବା ପୋଡ଼ଶୀ ରାଜ୍ୟ ଆ।ନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ, ମହାରାଷ୍ଟ ପ୍ରମୁଖ ରାଜ୍ୟ ରୁ ବିଭିନ୍ନ ମାଲ ବୋଝେଇ ଟ୍ରକ ଟ୍ରଲର ଡ୍ରାଇଭର ମାନେ ଏବଂ ଯାତ୍ରୀ ବାହୀ ବସ ଗୁଡିକ ର ଡ୍ରାଇଭର ମାନେ ରାସ୍ତା ଖରାପ ଥିବା ସକାଶେ ଅସନ୍ତୋଷ ପ୍ରକାଶ କରିବା ସହିତ ଯାତ୍ରୀ ଜରୁରୀ କାଳୀନ ସମୟରେ ନିର୍ଦ୍ଧାରିତ ସମୟ ଠାରୁ ବିଳମ୍ବରେ ପହଞ୍ଚିବାକୁ ନେଇ କ୍ଷବ ପ୍ରକାଶ କରି ତୁରନ୍ତ ରାସ୍ତା ମରାମତି ନିମନ୍ତେ ଦାବି କରିଛନ୍ତି ।

# ଖରିଫ୍ ଧାନ ଚାଷରେ ଚାଷୀମାନଙ୍କୁ ସାରର ସୁଷମ ବଂଟନର ଠିକ୍ ଠାକ୍ ଚାଲିଛି କି ନାହିଁ ନେଇ ସମୀକ୍ଷା ବୈଠକ

ଢେଙ୍କାନାଳ,୧୬।୯:(ମନ୍ଥନ)ଚଳିତ ବର୍ଷ ଖରିଫ୍ ଧାନ ଚାଷ ପାଇଁ ୬ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାରର ଆବଶ୍ୟକ ଥିଲାବେଳେ ବର୍ତମାନ ସୁଦ୍ଧା ୫ ହଜାର ୨ଶହ ମେଟ୍ରିକ୍ ଟନ୍ ସାର ଆସିଛି। ଡିଏପି ସାର ୪ ହଜାର ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୪ ହଜାର ୨୯୬ ମେଟ୍ରିକ୍ ଟନ୍ ସାର ଆସିଛି। ଏନପିକେ ସାର ୩ ହଜାର ୫ ଶହ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୩ ହଜାର ୨୫୪ ମେଟ୍ରିକ୍ ଟନ୍ ସାର ଆସିଛି। ଏମ ଓ ପି ସାର ୧୩ ଶହ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୩୯୦ ମେଟ୍ରିକ୍ ଟନ୍ ଆସିଛି। ଆଗକୁ ଯୁଦ୍ଧକାଳୀନ ଭିତିରେ ସାରର ଆମଦାନୀ କରାଯାଇ ଚାଷୀ ମାନଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି। ଚାଷୀମାନଙ୍କୁ ସାର ସୁଶମ ବଂଟନରେ ଯେଉଁମାନେ ବିଶୃଙ୍ଖଳା କରିବେ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ସଭାପତି ମହେଶ୍ୱର ସାହୁ ଚେତାବନୀ ଦେଇଛନ୍ତି। ଢେଙ୍କାନାଳ ଜିଲ୍ଲାରେ ସାରର ସୁଶମ ବଂଟନ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଜିଲ୍ଲାରେ ୨୦ ଜଣ ହେଲସେଲର ଡିଲର ମାନଙ୍କ ମାଧମରେ ୮୦ ଟି ସେବା ସମବାୟ ସମିତି ଓ ଲାଇସେନ୍ସ ପ୍ରାପ୍ତ ୨୯୩ ଜଣ ଡିଲର ମାନଙ୍କ ମାଧମରେ ସାର ବଂଟନ କରାଯାଉଛି। ସାର ସୁଶମ ବଂଟନ କରିବାରେ ବିଶୃଙ୍ଖଳା ସୃଷ୍ଟି କରିଥିବା ୭୦ ଜଣ ଡିଲର ଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ବେଳେ ୨ ଜଣଙ୍କ ଲାଇସେନ୍ସକୁ ବାଜ୍ୟାପ୍ତି କରାଯାଇଛି। ଜଣଙ୍କ ବିରୁଦ୍ଧରେ ଥାନାରେ ପ୍ରଶାସନ ପକ୍ଷରୁ କେସ୍ ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ରାଜ୍ୟ ସଭାପତି ଶ୍ରୀ ସାହୁ କହିଛନ୍ତି। ସାର ବଂଟନରେ ଯେଉଁ ମାନେ ବିଶୃଙ୍ଖଳା କରିବେ କିମ୍ବା ଅସାଧୁ ଉପାୟ ଅବଲମ୍ବନ କରିବେ ସେମାନଙ୍କ ବିରୁଦ୍ଧରେ ରାଜ୍ୟ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ରାଜ୍ୟ ସଭାପତି ଶ୍ରୀ ସାହୁ କହିଛନ୍ତି। ଏହି ଆଲୋଚନା ସମୟରେ ଢେଙ୍କାନାଳ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ସହଦେବ ପୃଷ୍ଟି, ବରିଷ୍ଠ ନେତା ବିଷ୍ଣୁପ୍ରସାଦ ଲେଙ୍କା, ମଧୁସୁଦନ ଜେନା, ବିକାଶ କୁମାର ସାହୁ, ସଚିଦାନଁଦ ସାମଲ, ଧ୍ରୁବ ଚରଣ ସ୍ୱାଇଁ, ଧ୍ରୁବ ଚରଣ ରାଉତ, ପ୍ରତାପ ନାଥ, ରଣଜିତ ବିଶାଳ, ଲକ୍ଷ୍ମୀଧର ରାଉତ, ଜ୍ଞାନ ରଞ୍ଜନ ନାୟକ, ଜିତେନ୍ଦ୍ର ପଟ୍ଟନାୟକ, ଅଭିମନ୍ୟୁ ବେହେରା, ସୁଶାନ୍ତ କୁମାର ସାହୁ, ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦାନ କରିଥିଲେ। ତତ୍‌ସହିତ ଢେଙ୍କାନାଳ ଜିଲ୍ଲା କୃଷି ବିଭାଗର ପଦାରବିନ୍ଦ ସାହୁ, ସୁଶ୍ରୀ ଶୃତିରେଖା ମହାପାତ୍ର, ସୁଶ୍ରୀ ବନଜା ନାୟକ ପ୍ରମୁଖଙ୍କ ସମେତ ବହୁ କୃଷି ଅଧିକାରୀ ଉପସ୍ଥିତ ଥିଲେ।

# ବଡଚଣା ବ୍ଲକ୍ ଅଧିନ ବିଭିନ୍ନ ପଞ୍ଚାୟତ ର ଗ୍ରାମ୍ୟ ପୋଖରୀ ଗୁଡ଼ିକର ନିଲାମ ଠପ୍

ବଡ଼ଚଣା,୧୬।୯:(ମନ୍ଥନ)ନିଲାମ ହୋଇ ପାରୁନାହିଁ ବଡଚଣା ବ୍ଲକ୍ ଅଧିନ ବିଭିନ୍ନ ପଞ୍ଚାୟତ ରେ ଥିବା ଗ୍ରାମ୍ୟ ପୋଖରୀ ଓ ଜଳାଶୟ। ପ୍ରାୟ ପୋଖରୀ ଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ଥିବା ବେଳେ, ଅପରିଷ୍କାର ଓ ପ୍ରଦୂଷଣ ବଢ଼ାଉଛି । ପୂର୍ବରୁ ବିଜେଡି ସରକାର ଅମଳରେ ରେ ରାଜ୍ୟ ର ମହିଳା ମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ପାଇଁ ଗ୍ରାମାଞ୍ଚଳ ର ମହିଳା ମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଟି ମାଧମରେ ୩ ବର୍ଷିଅ। ନିଲାମ ଦିଅ। ଯାଉ ଥିଲା , ସେଥିରେ ସ୍ୱୟ ସହାୟିକା ସଂଘର ମହିଳା ମାନେ ଉପକୃତ ହେଉଥିଲେ,କିନ୍ତୁ ଏବେ ରାଜ୍ୟରେ ସରକାର୍ ର ପଟ୍ଟ ପରିବର୍ତ୍ତନ ପରେ ସେହି ନିଲାମ ପକ୍ରିଅ। ସମ୍ପୂର୍ଣ୍ଣ ଠପ୍ କରି ଦିଅ। ଯାଇଛି, ଫଳରେ ପୋଖରୀ ଗୁଡିକରେ ଦଳ ଭର୍ତ୍ତି ହୋଇ ପରିତ୍ୟକ୍ତ ଓ ଦୂଷିତ ଅବସ୍ଥାରେ ପଡ଼ି ରହିଛି । ପୋଖରୀ ଗୁଡ଼ିକ ରେ ଲକ୍ଷ ଲକ୍ଷ ଟଙ୍କାର ମାଛ ଚାଷ ହୋଇ ଥିବା ବେଳେ କେତେକ ପୋଖରୀରେ ଅପରିଷ୍କାର ଓ ରକ୍ଷଣା ବେକ୍ଷଣ କରାଯାଉ ନ ଥିବା ରୁ ମାଛ ମରି ଯାଉ ଥିବା ଦେଖିବାକୁ ମିଳିଛି । ଏ ଭଳି ଅଭିଯୋଗ ହେଉଛି ବଡଚଣା ବ୍ଲକ୍ ଅଧିନ ଖଇରା ପଞ୍ଚାୟତରେ , ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଟି ଗୁଡ଼ିକ ମାଧମରେ



ଖଇରା ପଞ୍ଚାୟତ ର ମୋଟ ୧୨ ପୋଖରୀ କୁ ମହିଳା ମାନଙ୍କୁ ଆ।ର୍ଥିକ ସ୍ୱାବଲମ୍ବୀ ଲାଗି ପ୍ରଦାନ କରାଯାଇ ଥିଲା, ବର୍ତ୍ତମାନ ବ୍ଲକ୍ ପ୍ରଶାସନ ପକ୍ଷରୁ ସେହି ନିଲାମ ପ୍ରକ୍ରିୟା କରାଯାଉ ନ ଥିବାରୁ ପଞ୍ଚାୟତ ର ସ୍ୱୟଂ ସହାୟିକା ମହିଳା ମାନେ ବହୁ ଅସୁବିଧାର ସମ୍ମୁଖିନ ହେଉ ଛନ୍ତି, ସର୍ବୋପରି ଗାଁ ଗହଳିରା ସାଧାରଣ ଲୋକେ ଅପରିଷ୍କାର ଦଳ ଓ ଦୂଷିତ ପାଣି ଲାଗି ବ୍ୟବହାର ଉପଯୋଗୀ କରି ପାରୁ ନାହାଁନ୍ତି । ପଞ୍ଚାୟତ ର ଜୟ ରାମ ପୋଖରୀ ଓ କୁସର୍କ ,ଚମ୍ପି ତରା,ଓ ଫୁଲ ଗାଡିଅ।,କନେକେଶ୍ୱର ପୋଖରୀ ସମ୍ପୂର୍ଣ୍ଣ ଦୂଷିତ ଦୃଶ୍ୟ, ହାଟୁଅ। ପୋଖରୀ ର ଅବସ୍ଥା ମଧ୍ୟ ଖାଲି ଚିଙ୍ଗୁଡ଼ିଅ। ଓ ନାଗ ଦଳ ରେ ଅପରିଷ୍କାର ଓ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି । ସେହି ଆ।ୟ ଏବେ ପଞ୍ଚାୟତ ର ବିଭିନ୍ନ ଉନ୍ନତି ଓ ଜାନୀ ଯାତ୍ରାରେ ଆ।ଉ ଲାଗି ପାରୁ ନାହିଁ , ପଞ୍ଚାୟତର ରାଜସ୍ୱ ବଢୁ ନ ଥିବା ବେଳେ ଜିଲ୍ଲା ପ୍ରଶାସନ ଏହି ନିଲାମ ପ୍ରକ୍ରିୟା କରିବା ଲାଗି ସରସ୍ତୀ ସ୍ୱୟଂ ସହାୟିକା ଗୋଷ୍ଠୀ, ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀ, ତଥା ଗ୍ରାମର ମୁରବୀ ପ୍ରସନ୍ନ କୁମାର ଦାସ, ସାରଦା ଭୋଇ ପ୍ରମୁଖ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ।

# ଏ.ଇଏଫ ମାର୍କେଟ ସ୍ଥାୟି ଲକ୍ଷ୍ମିପୂଜା ମଣ୍ଡପ ସ୍ଥାପିତ

କୋରାପୁଟ,୧୬।୯:(ମନ୍ଥନ) ସୁନାବେଡା ଏ.ଇ.ଏଫ ମାର୍କେଟରେ ଏକ ସ୍ଥାୟି ଲକ୍ଷ୍ମି ପୁଜା ମଣ୍ଡପ ସ୍ଥାପିତ କରାଯାଇଛି, ତାହାର ନୂତନ ଗୃହକୁ ପୂଜା ଅର୍ଚ୍ଚନା କରାଯାଇଥିଲା।ମାର୍କେଟ ବାସିଙ୍କ ଦୀର୍ଘ ଦିନର ଅଭିଳାଶ ସ୍ଥାପିତ ସ୍ଥାୟି ଲକ୍ଷ୍ମି ପୂଜା ରେ ପୂରଣ ହେଲା। କାର୍ମେଟ କମିଟିର ସଭାପତି ନିରଂଜନ ପ୍ରଧାନ ଙ୍କ ବହୁ ଚେଷ୍ଟାରେ ବିଳମ୍ବ ରେ ହେଲେ ମଧ୍ୟ ସ୍ଥାପିତ ହେବାରେ ସଫଳ ହେଲା। ମାର୍କେଟ କମିଟିର ଦୀର୍ଘ ଦିନ ହେଲା ସଭାପତି ଦାୟିତ୍ୱରେ ରହି ସବୁ କାର୍ଯ୍ୟ ସୂଚାରୁ ରୁପେ ତୁଲାଉଥିବା ବେଳେ ଦୀର୍ଘ ଭର୍ଷ ହେଲା ଲକ୍ଷ୍ମି ପୂଜା ମଣ୍ଡପ ଅସ୍ଥାୟି ଭାବରେ ଏକ ଭଡା ଦୋକାନ ଚାଲି ଆସୁଥିଲା। କିଂୁ ସମୟର ପରିବର୍ତନକୁ ନେଇ ପୂର୍ବତନ ବିଧାୟକଙ୍କ କିଛି ଆର୍ଥିକ ସହାୟତା ଓ ବାହାରୁ ଅନ୍ୟାନ୍ୟ ସଂସ୍ଥାଙ୍କ ସହ ଯୋଗରେ ଏହା ସଂପର୍ଣ୍ଣ ହୋଇ ପାରିଥିବା ଜଣା ଯାଇଛି। ଏହି ମଣ୍ଡପ ନିର୍ମାଣ ଦ୍ୱାରା ସମସ୍ତ ମାର୍କେଟ ଦୋକାନ ବାଲା ଖୁସି ଥିବା ଜଣା ପଡିଛି। ସଭାପତିଙ୍କ ଅପୂର୍ବ ଚେଷ୍ଟା ପ୍ରବଳ ମନୋବଳ ସକାଶେ ଆଜି ମାର୍କେଟ ରେ ସ୍ଥାୟି ଲକ୍ଷ୍ମି ପୂଜା ମଣ୍ଡପ ଟି ଠିଆ ହୋଇ ପାରି ଥିବା ନେଇ ସମସ୍ତେ ଧନ୍ୟ ବାଦ ଦେଇଥିବା ଜଣା ପଡିଛି। ଉଦଘାଟନ ସମୟରେ ସଭାପତି ସାଙ୍ଗକୁ କମିଟିର ଉପସଭାପତି- ରବିନ୍ଦ୍ର କୁମାର ଖଟେଇ ,ସଂପାଦକ- ଏ. ସୁନିଲ, କୁମାର ନରେନ୍ଦ୍ର କୁମାର ସାହୁ, ସରତ ସେଠୀ, ବାବୁଲି, ଧମେନ୍ଦ୍ର ସିଂ, ନାରାୟଣ ପଣ୍ଡା, ଅବନୀ କୁମାର ପାଢୀ, ଶ୍ୟାମ ଟାକିରି, ଶିବ ଶଙ୍କର ନାୟକ, ସହଦେବ ସେଠୀ , ସହଦେବ ସେଠୀ, ରମେଶ ସିଓ, ବାବୁଲି କୁମାର ସିଓ, ମିଟୁ, ସଂଜୟ ଡାକୁଆ, ବିନୋଦ ଡାକୁଆ, ରବିନ୍ଦ୍ର ନାୟକ ଙ୍କ ସହିତ ମାର୍କେଟ କମିଟିର ଅନ୍ୟାନ୍ୟ କର୍ମକତାମାନେ ମଧ୍ୟ ଉପସ୍ଥିତ ରହିଥିଲେ।

# ଛତ୍ରପୁର ପ୍ରେସ କ୍ଲବର କର୍ମକର୍ତ୍ତା ନିର୍ବାଚନ

ଛତ୍ରପୁର,୧୬।୯:(ମନ୍ଥନ)ଛତ୍ରପୁର ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ଲାଗି ଶୁକ୍ରବାର ନିର୍ବାଚନ ଶେଷ ହୋଇଛି । ସଭାପତି ଭାବେ ସରୋଜ ସାମଲ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ଅଜିତ କୁମାର ସ୍ୱାଇଁ ନିର୍ବାଚିତ ହୋଇଛନ୍ତି । ସେହିପରି ଉପସଭାପତି ଭାବେ ପ୍ରଦୀପ କୁମାର ସାହୁ, ସହ- ସମ୍ପାଦକ ଭାବେ ସନ୍ତୋଷ କୁମାର ସାହୁ ଓ କୋଷାଧ୍ୟକ୍ଷ ଭାବେ ଖିରୋଦ ଚନ୍ଦ୍ର ସାହୁ ନିର୍ବାଚିତ ହୋଇଛନ୍ତି । ଛତ୍ରପୁର ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ଚୟନ ଲାଗି ଅନୁଷ୍ଠିତ ଏହି ନିର୍ବାଚନରେ ୨୩ ଜଣ ସଦସ୍ୟ ମତଦାନ କରିଥିଲେ । ସଭାପତି ପଦବୀ ପାଇଁ ୨ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସରୋଜ ସାମଲ ୧୨ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିଲେ । ସମ୍ପାଦକ ପଦବୀ ପାଇଁ ମଧ୍ୟ ଦୁଇ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଅଜିତ କୁମାର ସ୍ୱାଇଁ ୧୫ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିଲେ । କୋଷାଧ୍ୟକ୍ଷ ପଦବୀ ପାଇଁ ଜଣେ ମାତ୍ର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଖିରୋଦ ଚନ୍ଦ୍ର ସାହୁ ନିର୍ଦ୍ୱନ୍ଦ୍ୱ ରେ ନିର୍ବାଚିତ ହୋଇଥିଲେ । ସହ ସମ୍ପାଦକ ଓ ଉପ ସଭାପତି ପଦବୀ ପାଇଁ ୨ ଜଣ ଲେଖାଏଁ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଉଭୟେ ଉଭୟେ ସମାନ ସମାନ ଭୋଟ ପାଇଥିବାରୁ ଉଭୟଙ୍କୁ ଏକ ବର୍ଷ ଲେଖାଏଁ ପଦବୀ ପ୍ରଦାନ କରାଯାଇଛି । ଏଥିଲାଗି ଧର୍ମ ଗୁଳା କରାଯାଇଥିବା ବେଳେ ଉପସଭାପତି ଭାବେ ପ୍ରଦୀପ କୁମାର ସାହୁ ଓ ସହ ସମ୍ପାଦକ ଭାବେ ସନ୍ତୋଷ କୁମାର ସାହୁ ଚଳିତ ପ୍ରଥମ ବର୍ଷ ପଦବୀରେ ରହିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଉପସଭାପତି କେ. ସତ୍ୟ ନାରାୟଣ ରେଡ୍ଡୀ ଓ ସହ- ସମ୍ପାଦକ ଦେବଦତ୍ତ ପଣ୍ଡା ଆ।ସନ୍ତା ବର୍ଷ ନିମନ୍ତେ ଦାୟିତ୍ୱ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଅ।ଯାଇଥିଲା ।



## ଶିଳ୍ପ ବିଭାଗର ଗ୍ରାଉଣ୍ଡ ବ୍ରେକିଂ କାର୍ଯ୍ୟକ୍ରମ

## ଭାରତ ମସଲାର କର୍ନଫ୍ଲୋର୍ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନା କଲେ ମୁଖ୍ୟମନ୍ତ୍ରୀ

# ୫୦ ହଜାର ମେଟ୍ରିକ ଟନ ମକା ଖର୍ଦ୍ଦୀ କରିବୁ : ପରିଚାଳନା ନିର୍ଦ୍ଦେଶକ

କଟକ,୧୬।୯(ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଓ୍ୟୁଏଟି ସ୍ଥିତ କନ୍ଭେନସନ ସେଣ୍ଟର ଠାରେ ଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୧୨ଟି ଜିଲ୍ଲାରେ ସମୁଦାୟ ୨୭ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ କଟକ ଜିଲ୍ଲାର ମସଲା ଓ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଥିବା ଭାରତ ମସଲା କମ୍ପାନୀର ଏକ ନୂତନ ୟୁନିଟର ଭିତ୍ତିପ୍ରସ୍ତର ସ୍ଥାପନା କରିଛନ୍ତି। କୃଷି ଓ କୃଷକ ମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଆସୁଥିବା ଭାରତ ମସଲା କମ୍ପାନୀ ମକା ଚାଷୀ ମାନଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିବାକୁ ଯାଉଛି। ଏହା ଦ୍ୱାରା ଓଡ଼ିଶାର ଶିଳ୍ପ ଇତିହାସରେ କମ୍ପାନୀ ଆଉ ଏକ ସ୍ୱର୍ଣ୍ଣିମ ଇତିହାସ ଅଧ୍ୟାୟ ଯୋଡିଛି। ଆମ ରାଜ୍ୟରେ ଗଞ୍ଜାମ, କୋରାପୁଟ, ରାୟଗଡ଼ା। ମାଲକାନଗିରି, କଳାହାଣ୍ଡି, ଭଳି ଜିଲ୍ଲା ଗୁଡ଼ିକ ମକା ଉତ୍ପାଦନ ପାଇଁ ଅନୁକୂଳ ହୋଇଥଲା ବେଳେ ଏହାର ଅଭାବୀ ବିକ୍ରୀ ସାଙ୍ଗକୁ ଚାଷୀମାନେ ମଧ୍ୟ ଚାଷ ପାଇଁ ଉପଯୁକ୍ତ ସହଯୋଗ ପାଇ ପାରୁ ନାହାନ୍ତି। ଫଳରେ ଉତ୍ପାଦନ ମଧ୍ୟ କମ ହେଉଛି। ଏହି ଅସୁବିଧାକୁ ଉପଲବ୍ଧ କରି ସରକାରଙ୍କ ସହଯୋଗରେ ଆମ କମ୍ପାନୀ ୫୦ ହଜାର ମେଟ୍ରିକ ଟନ ମକା ଚାଷୀଙ୍କ ଠାରୁ ସିଧାସଳଖ ଖର୍ଦୀ କରିବାକୁ ଯୋଜନା ରଖିଛି ବୋଲି ଭାରତ ମସଲା କମ୍ପାନିର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି। ରାଜ୍ୟରେ ମାତ୍ର ଦୁଇରୁ ତିନି ମେଟ୍ରିକ ଟନ ବର୍ତ୍ତମାନ ମକା ଅମଳ ହେଉଥିବାବେଳେ ଆମର ଆବଶ୍ୟକତା ଚାଷୀଙ୍କୁ ଚାଷ କରିବାକୁ ଯଥେଷ୍ଟ ମନୋବଳ ବୃଦ୍ଧି କରାଇବ।




ଏପରିକି ଆମ କମ୍ପାନୀ ଯେତିକି ପରିମାଣରେ କର୍ନଫ୍ଲୋର ଉତ୍ପାଦନ କରିବ ତାହା ଆମ ରଜ୍ୟରେ ଆବଶ୍ୟକତାରୁ ଯଥେଷ୍ଟ ଅଧିକ ହେବ ବୋଲି ଶ୍ରୀ ପଣ୍ଡା ଦୃଢୋକ୍ତି ପ୍ରକାଶ କରିଛନ୍ତି। ପୁର୍ବରୁ କମ୍ପାନୀ ଲଙ୍କା, ହଳଦୀ ,ଅଦା ଓ ଟମାଟୋ ଚାଷ କରୁଥିବା ଚାଷୀ ମାନଙ୍କୁ ସହଯୋଗର ହାତ ବଢେଇ ଅଭାବୀ ବିକ୍ରୀ କୁ ଏଡ଼ାଇବା ସହ ମିଡିଲମ୍ୟାନ୍ ପ୍ରଥାକୁ ଅନେକାଂଶରେ ରୋକି ପାରିଥିବା ସେ କହିଥିଲେ।ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ , ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା,ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ , ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ଏବଂ ଦକ୍ଷତା ବିକାଶ ବିଭାଗର କମିଶନର ତଥା ସଚିବ ଶ୍ରୀ ଭୁପେନ୍ଦ୍ର ସିଂ ପୁନିଆ ଉପସ୍ଥିତିରେ ଭାରତ ମସଲା କମ୍ପାନିର କର୍ନଫ୍ଲୋର୍ ୟୁନିଟ୍ ର ଶିଳାନ୍ୟାସ କରାଯାଇଛି। ଶିଳ୍ପ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଭାରତ ମସଲା କମ୍ପାନିର ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡାଙ୍କ ସହ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମାଝୀ ଏହି ଗ୍ରାଉଣ୍ଡ ବ୍ରେକିଙ୍ଗ ମହୋତ୍ସବରେ ଶିଳ୍ପ ସଂକ୍ରାନ୍ତୀୟ ଅନେକ ପ୍ରସଙ୍ଗରେ ପଚାରି ବୁଝିଥିଲେ।ଏହି ଅବସରରେ ବାରଙ୍ଗସ୍ଥିତ ରାମଦାସ ପୁର ଭାରତ ମସଲା କମ୍ପାନୀ ପରିସରରେ ତହସିଲଦାର ଡ଼କ୍ଟର ତୁଷାର ଜ୍ୟୋତି ରଞ୍ଜନ, ଡିପାର ଏଆଇଇ ସ୍ୱପ୍ନା ଦାସ,ପରିଚାଳନା ନିର୍ଦ୍ଦେଶକ ଶୁଶାନ୍ତ କୁମାର ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ ପଣ୍ଡା,ଦିଗନ୍ତ ପଣ୍ଡା, ଏସ ଏନ ମିଲେନିୟମ, ଆଶୁତୋଷ ପଣ୍ଡା ,ଜିଏମ ଅଶ୍ୱିନୀ ଦାସ, ଜିଏମ୍ ଅପରେସନ ଅରୁଣ ନାୟକ,ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ ପ୍ରମୂଖ ଭର୍ଚୁଆଲ ମୋଡରେ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ୬୮ଟି ଅଙ୍ଗନବାଡି କେନ୍ଦ୍ରର ଉଦଘାଟନ କଲେ ଉପ ମୁଖ୍ୟମନ୍ତ୍ରୀ



ପୁରୀ ୧୬/୯ (ନି.ପ୍ର) : ପୁରୀ ଜିଲ୍ଲାର ୬୮ ଗୋଟି ଅଙ୍ଗନବାଡି କେନ୍ଦ୍ର କୁ ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା।ଆଜି ପୂର୍ବାହ୍ନରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଏହାକୁ ଉଦଘାଟନ କରି ଏହି ନିଜସ୍ୱ ବିଲ୍ଡିଂ ଦ୍ୱାରା ମହିଳା ଓ ଶିଶୁ ବିକାଶ ର କାର୍ଯ୍ୟ ଅଧିକ କ୍ରିୟାଶୀଳ ହୋଇ ପାରିବ ବୋଲି କହିଥିଲେ।ଶିଶୁ ମାନଙ୍କ ପାଇଁ ସୁସ୍ଥ ଓ ସୁରକ୍ଷିତ ଭବିଷ୍ୟତ ନିର୍ମାଣ ପାଇଁ ଏହା ସହାୟକ ହେବା ସହ ସେମାନଙ୍କ ବୌଦ୍ଧିକ ବିକାଶ କୁ ଅଧିକ ଋଦ୍ଧିମନ୍ତ କରିବ ବୋଲି ସେ ମତ ଦେଇଥିଲେ।ମହିଳା ଓ ଶିଶୁ ବିକାଶ ବିଭାଗର କର୍ମଚାରୀ ମାନେ ସେମାନଙ୍କ ଉତ୍କୃଷ୍ଟ ସେବା ଦେଇ ପିଲା ମାନଙ୍କୁ ଉନ୍ନତ ଶିକ୍ଷା ଓ ଚରିତ୍ର ଗଠନରେ ସହଯୋଗ କରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।ଜିଲ୍ଲାର ମୋଟ ୨୫୯୯ ଅଙ୍ଗନବାଡି କେନ୍ଦ୍ର ମଧ୍ୟରୁ ପୂର୍ବରୁ ୧୫୦୭ ଟି ନିଜସ୍ୱ ଗୃହ ଥିବା ବେଳେ ଏବେ ସେଥିରେ ନିଜସ୍ୱ ଭାବେ ୬୮ ଟି ସାମିଲ ହୋଇଛି।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ପ୍ରୋଗ୍ରାମ ଅଫିସର ଚନ୍ଦ୍ର ପ୍ରଭା ଦେଇ,ପୋଷଣର ଜିଲ୍ଲା ସଂଯୋଜକ ସସ୍ମିତା କର୍ମକାର,ସମସ୍ତ ସିଡିପିଓ ପ୍ରମୁଖ ଯୋଗ ଦେଇଥିଲେ।

## IDA ଆଗ୍ରାର 'ଡେଣ୍ଟିଷ୍ଟଙ୍କ ସବୁଠାରୁ ବିଶ୍ୱସ୍ତ ବ୍ରାଣ୍ଡ' ଭାବେ ଡାବର ରେଡ୍ ପେଷ୍ଟ ସମ୍ମାନିତ

ଭୁବନେଶ୍ୱର, ୧୬।୯ (ନି.ପ୍ର) : ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ମୁଖ ପରିଷ୍କାରତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଚିନ୍ତାଧାରାକୁ କେନ୍ଦ୍ର କରି ସମ୍ପ୍ରତି ଦନ୍ତ ଚିକିତ୍ସା ବିଷୟରେ ଏକ ସ୍ୱତନ୍ତ୍ର ସେମିନାର ଆୟୋଜିତ ହୋଇଥିଲା, ଯେଉଁଥିରେ ସାରା ଭାରତରୁ ୩୦୦ ରୁ ଅଧିକ ଦନ୍ତ ଚିକିତ୍ସକ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ, ଡାବର ରେଡ୍ ପେଷ୍ଟକୁ ଇଣ୍ଡିଆନ୍ ଡେଣ୍ଟାଲ୍ ଆସୋସିଏସନ୍ (IDA)-ଆଗ୍ରାରୁ "ଡେଣ୍ଟିଷ୍ଟଙ୍କ ସବୁଠାରୁ ବିଶ୍ୱସ୍ତ ବ୍ରାଣ୍ଡ"ପୁରସ୍କାରରେ ସମ୍ମାନିତ କରାଯାଇଛି। ଓଇଆଗ୍ରା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦନ୍ତ ବିଶେଷଜ୍ଞମାନେମୁଖ ପରିଷ୍କାରତା ସମ୍ବନ୍ଧୀୟ ନୂତନ ଧାରା, କୌଶଳ ଏବଂ ପ୍ରାକୃତିକ ତଥା ଆୟୁର୍ବେଦିକ ଉପାଦାନର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଡାବର ରେଡ୍ ପେଷ୍ଟକୁ ଏହି ପୁରସ୍କାରରେ ସମ୍ମାନିତ କରାଯିବା ପାରମ୍ପରିକ ଆୟୁର୍ବେଦ ଏବଂ ଆଧୁନିକ ବିଜ୍ଞାନ ଉପରେ ଆଧାରିତ ପ୍ରଭାବଶାଳୀ ଏବଂ ନିର୍ଭରଯୋଗ୍ୟ ଓରାଲ୍ କେୟାରର ସମାଧାନ ପ୍ରଦାନ କରିବା ପାଇଁ ଡାବରର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ଅବସରରେ, ଡାବର ଇଣ୍ଡିଆ ଲିମିଟେଡ୍‌ର ଓରାଲ୍ କେୟାର ମାର୍କେଟିଂ ମୁଖ୍ୟ ଶ୍ରୀ



ପ୍ରଶାନ୍ତ ଅଗ୍ରୱାଲ କହିଥିଲେ, "ଇଣ୍ଡିଆନ୍ ଡେଣ୍ଟାଲ୍ ଆସୋସିଏସନ୍‌ରୁ ଏହି ପ୍ରତିଷ୍ଠିତ ପୁରସ୍କାର ପାଇବାରେ ଆମେ ଗର୍ବିତ। ଏହା ଡାବର ରେଡ୍ ପେଷ୍ଟ ଉପରେ ଡ଼େଣ୍ଟିଷ୍ଟଙ୍କ ବିଶ୍ୱାସକୁ ପୁନଃ ସ୍ଥାପିତ କରେ ଏବଂ ଆମର ଗ୍ରାହକମାନଙ୍କୁ ସର୍ବୋତ୍ତମ ଓରାଲ୍ କେୟାର ଦେବାରେ ଆମର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। ଆୟୁର୍ବେଦିକ ଔଷଧି ଏବଂ ଆଧୁନିକ ବିଜ୍ଞାନର ଅନନ୍ୟ ମିଶ୍ରଣରେ ପ୍ରସ୍ତୁତ, କ୍ଲିନିକାଲି ପ୍ରମାଣିତ ଡାବର ରେଡ୍ ପେଷ୍ଟ ୧୦ଟି ଦନ୍ତ ସମସ୍ୟାରୁ ସୁରକ୍ଷା ପ୍ରଦାନ କରିଥାଏ ।" ଡାବର ରେଡ୍ ପେଷ୍ଟ୧୩ ଟି ଆୟୁର୍ବେଦିକ ଔଷଧି – ଯଥା ଲବଙ୍ଗ, ପୁଦିନା, ଶୁଣ୍ଠି, କର୍ପୂର ଏବଂ ତୋମର – ସହିତ ପ୍ରସ୍ତୁତ, ଯାହା ପ୍ରାୟ ୧୦ ପ୍ରକାରର ଦାନ୍ତ ସମସ୍ୟାରୁ ସୁରକ୍ଷା ଦେଇଥାଏ । ବ୍ରାଣ୍ଡ ସର୍ବଦା ବିଭିନ୍ନ ରୋଗର ଉପଶମ ପାଇଁ ଆୟୁର୍ବେଦିକ ଉପଚାରକୁ ଗୁରୁତ୍ୱ ଦେବା ସହ ଗ୍ରାହକଙ୍କ ଆଶା ପୂରଣ କରିଆସିଛି। ସେମିନାରର ଶେଷରେ, ଅଂଶଗ୍ରହଣକାରୀମାନେ ସାରା ଦେଶରେ ଓରାଲ୍ କେୟାରର ଉନ୍ନତି ପାଇଁ ତାଙ୍କର ପ୍ରୟାସ ଜାରି ରଖିବାକୁ ସଙ୍କଳ୍ପ କରିଥିଲେ। ଏହି ପୁରସ୍କାର ସହିତ, ଡାବର ରେଡ୍ ପେଷ୍ଟଓରାଲ୍ କେୟାର ବଜାରରେ ପ୍ରମୁଖ ବ୍ରାଣ୍ଡ ଏବଂ ଗ୍ରାହକ ସହିତ ଡ଼େଣ୍ଟିଷ୍ଟଙ୍କ ବିଶ୍ୱସ୍ତ ସହଭାଗୀ ଭାବେ ନିଜ ସ୍ଥାନକୁ ଆହୁରି ମଜବୁତ କରିଛି।

## ଓଡ଼ିଶା ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଆଦିତ୍ୟ ବିର୍ଲା ଗ୍ରୁପର ଉଲ୍ଲେଖନୀୟ ଭୂମିକା

# ତାରକା ନିଯୁକ୍ତିଦାତା ଭାବେ ରାଜ୍ୟ ସରକରଙ୍କ ଠାରୁ ପୁରସ୍କୃତ

ଭୁବନେଶ୍ୱର,୧୬।୯ (ନି.ପ୍ର) : ଓଡ଼ିଶା ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରିଛି ଆଦିତ୍ୟ ବିର୍ଲା ଗ୍ରୁପ। କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏଭଳି ପଦକ୍ଷେପ ଗ୍ରହଣ କରିଥିବାରୁ ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ମାନିତ ହୋଇଛି ଆଦିତ୍ୟ ବିର୍ଲା ଗ୍ରୁପ। ଓଡ଼ିଶାରେ ସର୍ବୋତ୍କୃଷ୍ଟ ନିଯୁକ୍ତି ପ୍ରଦାନ ପାଇଁ ଆଦିତ୍ୟ ବିର୍ଲା ଗ୍ରୁପକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଓଡ଼ିଶା ସରକାରଙ୍କ ତରଫରୁ ସର୍ବୋତ୍କୃଷ୍ଟ ନିଯୁକ୍ତିଦାତା ତଥା ତାରକା ନିଯୁକ୍ତିଦାତା ଭାବେ ଆଦିତ୍ୟ ବିର୍ଲା ଗୃପକୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଅବସରରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ



ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସଚିବ ଶ୍ରୀ ମନୋଜ ଆହୁଜା, ଉନ୍ନୟନ କମିସନର ଶ୍ରୀ ଅନୁ ଗର୍ଗ, ଅତିରିକ୍ତ ଶିଳ୍ପ ମୁଖ୍ୟ ସଚିବ ଶ୍ରୀ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଆଦିତ୍ୟ ବିର୍ଲା ଗ୍ରୁପର କର୍ପୋରେଟ ଅଫେୟାର୍ ମୁଖ୍ୟ ଶ୍ରୀ ଅର୍ଦ୍ଧେନ୍ଦୁ ମହାପାତ୍ର ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ଓଡ଼ିଶା ଯୁବାବର୍ଗଙ୍କୁ ଚାକିରୀ ପ୍ରଦାନ ଦିଗରେ ପ୍ରାଥମିକତା ଦିଆଯାଉଥିବାବେଳେ ଗତବର୍ଷ ୨୦୨୪, ଜୁନ୍ ମାସରୁ ଏଯାଏଁ ଅର୍ଥାତ୍ ଚଳିତବର୍ଷ ୨୦୨୫ ସେପଟ୍ଟେମ୍ବର ମାସ ସୁଦ୍ଧା ୧୨,୪୧୫ ଜଣ ପ୍ରାର୍ଥୀଙ୍କୁ ଆଦିତ୍ୟ ବିର୍ଲା ଗ୍ରୁପ ପକ୍ଷରୁ ଚାକିରୀ ପ୍ରଦାନ କରାଯାଇଛି । ତେବେ ଏଥିମଧ୍ୟରୁ ମୋଟ୍ ୭୬ ପ୍ରତିଶତରୁ ଉର୍ଦ୍ଧ୍ୱ ଅର୍ଥାତ୍ ୯,୪୮୦ ଜଣ ପ୍ରାର୍ଥୀ କେବଳ ଓଡ଼ିଶାର ଅଛନ୍ତି । ସମ୍ପ୍ରତି ଓଡ଼ିଶା ସରକାର ଆଦିତ୍ୟ ବିର୍ଲା ଗ୍ରୁପ ଏଭଳି ପଦକ୍ଷେପକୁ ଭୂୟସି ପ୍ରଶଂସା କରିବା ସହ ରାଜ୍ୟ ସରକାର କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ନୂତନ ଭାବେ ଆଦିତ୍ୟ ବିର୍ଲା ଗ୍ରୁପ ଅନ୍ତର୍ଗତ ବିଭିନ୍ନ ଶିଳ୍ପରେ ନିଯୁକ୍ତି ପାଇଥିବା ୩୫ଜଣ ପ୍ରାର୍ଥୀ ଉପସ୍ଥିତ ଥିଲେ ।

## ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଅଞ୍ଚଳ କାର୍ଯ୍ୟାଳୟକୁ ରାଜଭାଷା ସମ୍ମାନ ପୁରସ୍କାର ପ୍ରଦାନ

କେନ୍ଦୁଝର,୧୬।୯ (ନି.ପ୍ର) : ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ, ରାଜଭାଷା ବିଭାଗ ଦ୍ୱାରା ୧୪ ଏବଂ ୧୫ ସେପ୍ଟେମ୍ବର ୨୦୨୫ରିଖରେ ଗୁଜୁରାଟର ଗାନ୍ଧୀ ନଗରଠାରେ ଆୟୋଜିତ ୫ମ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀରେ ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟକୁ ରାଜଭାଷା ସମ୍ମାନ ପୁରସ୍କାର ପ୍ରଦାନ କରାଯାଇଛି। ଓଡିଶାର କେନ୍ଦୁଝର ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟିର ଅଧକ୍ଷ ଅମିତ କୁମାର ପାଲ ଏବଂ ସଦସ୍ୟ ସଚିବ ଦେବ ଜୟସ୍ୱାଲଙ୍କଙ୍କୁ ଅଂଶୁଲ ଆର୍ଯ୍ୟ, ସଚିବ, ରାଜଭାଷା ବିଭାଗ, ମିନାକ୍ଷୀ ଜୌଲି ଉପ-ସଚିବ ଏବଂ ଡଃ ଅମ୍ଲାନ ତ୍ରିପାଠୀ, ମୁଖ୍ୟ ଆୟକର କମିଶନର ରାଜଭାଷା କାର୍ଯ୍ୟାନ୍ୱୟନରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଏହି ପ୍ରଶଂସନୀୟ ପୁରସ୍କାର ପ୍ରଦାନ କରିଥିଲେ। ଭାରତ ସରକାରଙ୍କ ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ କୁମାର ସାହା ଏହି ସମ୍ମିଳନୀର ଅଧକ୍ଷତା କରିଥିଲେ। ଉପସ୍ଥିତ ଅନ୍ୟାନ୍ୟ



ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ କେନ୍ଦ୍ର ଆଇନ ଏବଂ ନ୍ୟାୟ ରାଷ୍ଟ୍ର ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ଉତ୍ତର ପ୍ରଦେଶର ରାଜ୍ୟ ସଭା ସାଂସଦ ତଥା ପୂର୍ବତନ ଉପ-ମୁଖ୍ୟ ମନ୍ତ୍ରୀ ଦୀନେଶ ଶର୍ମା ଉପସ୍ଥିତ ଥିଲେ।

## ସୋନି ଇଣ୍ଡିଆର ନୂଆ ଅଭିଯାନ "ଅବ୍ କୁଛ୍ ସିନେମାଟିକ୍ କର୍‌ତେ ହେଁ"

ବାଲେଶ୍ୱର,୧୬।୯ : ସୋନି ଇଣ୍ଡିଆ ପକ୍ଷରୁ ଏକ ନୂଆ ଅଭିଯାନ "ଅବ୍ କୁଛ ସିନେମାଟିକ୍ କର୍‌ତେ ହେଁ'କୁ ଉନ୍ମୋଚନ କରାଯାଇଛି। ଏଥିରେ ଭାରତୀୟ ବିବାହର ନିରବ ନାୟକ ସ୍ଥାନୀୟ ଫଟୋ ଓ ଭିଡିଓ ଷ୍ଟୁଡିଓ ପ୍ରତି ସମ୍ମାନ ପ୍ରଦାନ କରାଯାଇଛି। ଛୋଟ ସହରଗୁଡ଼ିକରେ ଦଶନ୍ଧି ଦଶନ୍ଧି ଧରି ସେହି ସମାନ ଷ୍ଟୁଡିଓର ବିଭିନ୍ନ ପିଢ଼ି ଦ୍ୱାରା ଫଟୋଗ୍ରାଫି ପରମ୍ପରା ଆଗକୁ ବଢ଼ିଥାଏ। ସେହି ପରିବାର ପରିଚାଳିତ ଷ୍ଟୁଡିଓ ଗୁଡିକୁ ବେଶ୍ ବିଶ୍ୱାସ କରାଯାଏ। ଦୁନିଆ ବଦଳିଯାଇଥିବା ବେଳେ ବିବାହରେ ମଧ୍ୟ ପରିବର୍ତନ ଘଟିଛି। ତେଣୁ କ୍ୟାମେରାରେ ମଧ୍ୟ ପରିବର୍ତନର ଆବଶ୍ୟକତା ରହିଛି। ଏହି ଅଭିଯାନରେ ସୋନି ପକ୍ଷରୁ ବିବାହ କ୍ରିଏଟରମାନଙ୍କୁ ନିଜ ଗିୟର ଅପଗ୍ରେଡ୍ କରିବା ସହ ନିଜ କଳାରେ ସଂସ୍କାର ଆଣିବା ପାଇଁ ଆମନ୍ତ୍ରଣ କରାଯାଉଛି। ସୋନି ସିନେମା ଲାଇନ୍‌ର ଏଫ୍‌ଏକ୍ସ୍ ୩୦ ପ୍ରାରମ୍ଭିକ ମଡେଲ୍ ବିନା ଖର୍ଚ୍ଚ ପ୍ରତିବନ୍ଧକରେ ସିନେମା ଭଳି ଅନୁଭବ ପ୍ରଦାନ କରୁଛି। ଏହା ଛୋଟ, ଶକ୍ତିଶାଳୀ ଏବଂ ପ୍ରଫେସନାଲ୍‌ମାନେ ବ୍ୟବହାର କରୁଥିବା ସୁବିଧାସୁଯୋଗରେ ପରିପୂର୍ଣ୍ଣ। ଏଫ୍‌ଏକ୍ସ୍୩୦ ସିନେମାର ଯାଦୁକୁ ପ୍ରତି ସ୍ଥାନୀୟ ଷ୍ଟୁଡିଓ ହାତ ପାଆନ୍ତାରେ ପହଂଚାଇବ। ସୋନି ଇଣ୍ଡିଆର ଇମେଜିଂ ବ୍ୟବସାୟର ମୁଖ୍ୟ ମୁକେଶ ଶ୍ରୀବାସ୍ତବ କହିଛନ୍ତି ଯେ,



"ସୋନି ଇଣ୍ଡିଆରେ ଆମର ବିଶ୍ୱାସ ରହିଛି ଯେ ବିବାହ ଏକ କାର୍ଯ୍ୟକ୍ରମଠାରୁ ଢ଼େର ଅଧିକ ଏବଂ ସେଗୁଡ଼ିକ ହେଉଛି ଜୀବନରେ ଏକମାତ୍ର କାହାଣୀ ଯାହାକୁ ସିନେମା ଭଳି ସମାନ ଭବ୍ୟତା ଓ ଯାଦୁ ସହିତ କହିବା ପାଇଁ ସଂରକ୍ଷିତ ରଖିବା ଦରକାର। ବିଗତ ବର୍ଷଗୁଡ଼ିକରେ ଭାରତୀୟ ବିବାହରେ ଘଟିଥିବା ରୂପାନ୍ତରଣକୁ ଆମେ ଦେଖିଛୁ। ଆଜିର ଦମ୍ପତିମାନେ କେବଳ ମୁହୂର୍ତକୁ ତୋଳି ଧରିବାକୁ ଚାହୁଁନାହାନ୍ତି, ସେମାନେ ତାହାକୁ ଏକ ଅସୀମ ସିନେମାରେ ପରିଣତ କରିବାକୁ ଚାହୁଁଛନ୍ତି ଯାହାକୁ ପିଢ଼ି ପିଢ଼ି ଧରି ଅନୁଭବ କରିପାରିବେ। "ଅବ କୁଛ ସିନେମାଟିକ୍ କର୍‌ତେ ହେଁ' ସହିତ ଆମେ ସେହି ଷ୍ଟୁଡିଓଗୁଡ଼ିକୁ ପାଳନ କରୁଛୁ ଯେଉଁମାନେ ପିଢ଼ି ପିଢ଼ି ଧରି ଏହି ମୁହୂର୍ତଗୁଡ଼ିକର ରକ୍ଷାକାର ହୋଇଛନ୍ତି। ନୂଆ ଯୁଗର କାହାଣୀ ବର୍ଣ୍ଣନାକୁ ଗ୍ରହଣ କରିବା ଲାଗି ଆମେ ସେମାନଙ୍କୁ ସ୍ୱାଗତ କରୁଛୁ। ଏହି ଅଭିଯାନ କେବଳ ପ୍ରଯୁକ୍ତିର କଥା କହୁନାହିଁ, ଏହା ପରମ୍ପରାକୁ ସମ୍ମାନ, ପରିବର୍ତନକୁ ଗ୍ରହଣ ଏବଂ ପ୍ରତି ପ୍ରେମ କାହାଣୀକୁ ତାହା ହକଦାର ଥିବା ସିନେମାଟିକ୍ ଅଧ୍ୟାୟ ପ୍ରଦାନ କରିବାକୁ ଚାହୁଁଛି।'' ଏହି ସିନେମା ହେଉଛି ୬ ମିନିଟର ଏବଂ ତାହାକୁ ହିନ୍ଦୀ, ମାଲାୟାଲମ, ତେଲୁଗୁ ଓ କନ୍ନଡ ଭାଷାରେ ପ୍ରସ୍ତୁତ କରାଯାଇଛି ଯାହା ବିବାହ ଫଟୋଗ୍ରାଫର ଓ ଦମ୍ପତିଙ୍କ ଭିତରେ ଥିବା ଭାବପୂର୍ଣ୍ଣ ସମ୍ପର୍କକୁ ତୋଳି ଧରିଛି। ନିକଟରେ ସୋନି ଏଫ୍‌ଏକ୍ସ୍ ୩୦କୁ ଗ୍ରହଣ କରିଥିବା ଡିଏଫ୍ ପ୍ରଡକ୍ସନ୍‌ର ଦେବେନ କହିଛନ୍ତି ଯେ, "ଏହି କ୍ୟାମେରାରେ ଯେଭଳି ନମନୀୟତା ରହିଛି ଆଗରୁ ମୋର ଥିବା ଗିୟର୍‌ରେ ସେଭଳି ନମନୀୟତା ନଥିଲା। ଏଫ୍‌ଏକ୍ସ୍ ୩୦ ଜରିଆରେ ବିବାହ ସୁଟିଂ କରିବା ବେଶ୍ ସହଜ ହୋଇଛି ଏବଂ ଫଳାଫଳ ମଧ୍ୟ ସିନେମା ଭଳି ଦେଖାଯାଉଛି।''

## ଆଇ୪ସି ଏବଂ ଆମାଜନ ଇଣ୍ଡିଆ ପକ୍ଷରୁ ଦେଶବ୍ୟାପୀ

# ଗ୍ରାହକ ସଚେତନତା ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର,୧୬।୯ (ନି.ପ୍ର) : ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ପ୍ରତିଷ୍ଠିତ ଇଣ୍ଡିଆନ୍ ସାଇବରକ୍ରାଇମ୍ କୋର୍ଡିନେସନ ସେଂଟର (ଆଇ୪ସି) ଏବଂ ଏବଂ ଆମାଜନ ଇଣ୍ଡିଆ ସହଭାଗୀରେ ହାସଟ୍ୟାଗ୍‌ସ୍କାମସ୍ମାର୍ଟଇଣ୍ଡିଆର ଶୁଭାରମ୍ଭ କରାଯାଇଛି । ଗ୍ରାହକମାନଙ୍କୁ ଅନଲାଇନ୍ ଠକେଇ ଏବଂ ଜାଲିଆତିର ବର୍ଦ୍ଧିତ ବିପଦରୁ ସୁରକ୍ଷା ଦେବା ପାଇଁ ଏହି ଦେଶବ୍ୟାପୀ ଅଭିଯାନକୁ ଡିଜାଇନ୍ କରାଯାଇଛି। ଏହି ସହଭାଗୀତା ଶିକ୍ଷା, ସଚେତନତା ଏବଂ ପ୍ରଯୁକ୍ତିବିଦ୍ୟା-ନେତୃତ୍ୱାଧୀନ ପଦକ୍ଷେପକୁ ଏକତ୍ର କରି ଠକେଇ ସାକ୍ଷରତାକୁ ତୃଣମୂଳ ସ୍ତରରେ ପହଂଚାଇବା, ଏହାକୁ ସୁଗମ, ଉପଯୋଗୀ ଏବଂ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖିଛି। ଅଭିଯାନର ଅଂଶ ଭାବରେ, ଆଇ୪ସି ଏବଂ ଆମାଜନ୍ ଆଗାମୀ ମାସଗୁଡ଼ିକରେ ଜାତୀୟ ଏବଂ ଆଂଚଳିକ ସ୍ତରରେ ମିଳିତ ଭାବରେ ଏକ ଶୃଙ୍ଖଳା ପଦକ୍ଷେପ ନେବେ। ଏଥିରେ ଜଟିଳ ଠକେଇ ପରିସ୍ଥିତିକୁ ସହଜରେ ବୁଝିବା ସୁରକ୍ଷା ଟିପ୍ସରେ ପରିଣତ କରୁଥିବା ସୋସିଆଲ ମିଡିଆ କଂଟେଂଟ ସାମିଲ କରିବା, ଲକ୍ଷ ଲକ୍ଷ ପରିବାର ପାଖରେ ପହଂଚି ସୁରକ୍ଷା ପରାମର୍ଶ ପ୍ରଦାନ କରୁଥିବା ଡିଜିଟାଲ୍ ବିଜ୍ଞାପନ, ପ୍ରତ୍ୟେକ ବିତରଣକୁ ବ୍ୟକ୍ତିଗତ ସୁରକ୍ଷା ସ୍ମାରକରେ ପରିଣତ କରୁଥିବା ଆମାଜନ ପ୍ୟାକେଜରେ ଶିକ୍ଷାଗତ ଫ୍ଲାୟର, ପାର୍ବଣ ଋତୁରେ ସୁରକ୍ଷିତ ଭାବରେ କ୍ରୟ କରିବା ପାଇଁ ଗ୍ରାହକମାନଙ୍କୁ ମାର୍ଗଦର୍ଶନ କରିବା ପାଇଁ ଦ 'ସ୍କାମ୍-ଫ୍ରି ସେପ୍ଟେମ୍ବର' ପଦକ୍ଷେପ ଅଧୀନରେ ସାପ୍ତାହିକ ବହୁଭାଷୀ ଟିପ୍ସ ଏବଂ ଠକେଇ ଚିହ୍ନଟ ଏବଂ ନିବାରଣ ପାଇଁ ଏଆଇ-ଚାଳିତ ସମାଧାନ ବିକଶିତ କରିବା ପାଇଁ ଏକ ଜାତୀୟ ହ୍ୟାକାଥନ୍ ଅନ୍ତର୍ଭୁକ୍ତ।

ଆଇ୪ସି ଡାଇରେକ୍ଟର ଶ୍ରୀ ନିଶାନ୍ତ କୁମାର କହିଛନ୍ତି, "ପାର୍ବଣ ଋତୁରେ ଗ୍ରାହକମାନେ ଅଧିକ ଠକେଇର ଶିକାର ହୋଇଥାନ୍ତି, ବିଶେଷକରି ପ୍ରଥମ ଥର ଇଂଟରନେଟ୍ ବ୍ୟବହାରକାରୀ ଏବଂ ବରିଷ୍ଠ ନାଗରିକଙ୍କ ଭଳି ଦୁର୍ବଳ ଗୋଷ୍ଠୀ। ଆମାଜନ ସହିତ ଏହି ସହଭାଗୀତା ଗ୍ରାହକମାନଙ୍କ ପାଇଁ ଠକେଇକୁ କିପରି ଚିହ୍ନଟ କରିବେ ଏବଂ ଏହାର ଶିକାର ହେବାରୁ ରକ୍ଷା ପାଇବେ ସେ ବିଷୟରେ ସଚେତନତା ସୃଷ୍ଟି କରିବ। ଅନଲାଇନ୍ ଠକେଇକୁ ରୋକିବା ଏବଂ ଏକ ସୁରକ୍ଷିତ ସପିଂ ଅଭିଜ୍ଞତାକୁ ସକ୍ଷମ କରିବା ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ଆମେ ଭାରତରେ ଆମାଜନ ସହିତ ମିଶି କାମ କରିବାକୁ ଖୁସି।"

ସେହିଭଳି ଆମାଜନ ଇଣ୍ଡିଆ ଲିଗାଲ ଭାଇସ୍ ପ୍ରେସିଡେଂଟ ରାକେଶ ବକ୍ସି କହିଛନ୍ତିଯେ, "ଆମାଜନରେ, ଗ୍ରାହକଙ୍କ ବିଶ୍ୱାସ ଆମର ସର୍ବୋଚ୍ଚ ପ୍ରାଥମିକତା। ଆଇ୪ସି ସହିତ ଆମର ସହଭାଗୀତା ମାଧ୍ୟମରେ, ଆମେ ବ୍ୟବହାରିକ ସମାଧାନ ସୃଷ୍ଟି କରିବା ପାଇଁ ସକ୍ରିୟ ପଦକ୍ଷେପ ନେବାକୁ ଚାହୁଁଛୁ ଯାହା କ୍ରେତାଙ୍କୁ ସ୍କାମ୍ ଚିହ୍ନିବା, ଏଡାଇବା ଏବଂ ରିପୋର୍ଟ କରିବା ପାଇଁ ଶିକ୍ଷିତ ଏବଂ ସଶକ୍ତ କରିଥାଏ।" ଏହି ସହଯୋଗ ଏକ ସୁରକ୍ଷିତ ଡିଜିଟାଲ ଭାରତ ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରୁଛି, ଯାହା ଗ୍ରାହକମାନଙ୍କୁ ସୁରକ୍ଷା ଦେବା ପାଇଁ ଏକ ମିଳିତ ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି।



# ଡବଲ ଇଞ୍ଜିନ ସରକାର ଆଦିବାସୀ ବିରୋଧୀ

## ୫୩ ହଜାର ଛାତ୍ରଛାତ୍ରୀଙ୍କୁ ୫ମାସ ହେଲାଣି ମିଳିନି ମାଟ୍ରିକ ଛାତ୍ରବୃତ୍ତି

ଭୁବନେଶ୍ୱର,୧୬।୯ (ନି.ପ୍ର) : ଆଜି କଂଗ୍ରେସ ଭବନଠାରେ କଂଗ୍ରେସ ମିଡ଼ିଆ ସେଲ ପକ୍ଷରୁ ଆୟୋଜିତ ଆଦିବାସୀ ଛାତ୍ରଛାତ୍ରୀଙ୍କ ମୌଳିକ ଅଧିକାର ହନନକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଲକ୍ଷ୍ମୀପୁର କଂଗ୍ରେସ ଯୁବ ବିଧାୟକ ପବିତ୍ର ସାଉଁତା ଅଭିଯୋଗ କରିଛନ୍ତି, ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ଏବଂ ଦେଶର ରାଷ୍ଟ୍ରପତି ମହୋଦୟା ମଧ୍ୟ ଆଦିବାସୀ। ପୁଣି ସେ ଓଡ଼ିଆ । ଆମେ ଆଶା କରୁଥିଲୁ ଏଣିକି ଆଦିବାସୀ ସେମାନଙ୍କ ନ୍ୟାୟ ପାଇବେ, ଦୁଃଖ ଦୂର ହେବ। କିନ୍ତୁ ଦୁଃଖ ଦୂର ହେବା ପରିବର୍ତ୍ତେ ଆଦିବାସୀ ଛାତ୍ର ଛାତ୍ରୀଙ୍କୁ ମୌଳିକ ଅଧିକାରରୁ ସରକାର ବଞ୍ଚିତ କରୁଛନ୍ତି, ଯାହା ବଡ଼ ଆଶ୍ଚର୍ଯ୍ୟର ବିଷୟ । ଏଥିରୁ ଜଣା ପଡୁଛି କେନ୍ଦ୍ର ଏବଂ ରାଜ୍ୟର ଡବଲ ଇଞ୍ଜିନ ସରକାର ଆଦିବାସୀ ବିରୋଧୀ । ବିଜେପି ସରକାର କ୍ଷମତାକୁ ଆସିବା ପରେ ଶିକ୍ଷାନୀତିକୁ ପରିବର୍ତ୍ତନ କରି ଶିକ୍ଷାରେ ପାତର ଅନ୍ତର କରିଛି ଯାହା ଆଦୌ ଗ୍ରହଣୀୟ ନୁହେଁ ।

ନବମ ଓ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପ୍ରାକ ମ୍ୟାଟ୍ରିକ ଛାତ୍ର ବୃତ୍ତି କେଉଁ ଆଧାରରେ ରାଜ୍ୟ ସରକାର ଦୀର୍ଘ ୫ ମାସ ହେଲା ବନ୍ଦ କରିଛନ୍ତି ତାହାର ଜବାବ ଦିଅନ୍ତୁ ବୋଲି ଦାବି ଜଣାଇଛନ୍ତି । ବୃତ୍ତି ବନ୍ଦ ହୋଇଯିବା ଫଳରେ ଗରିବ ଆଦିବାସୀ ପିଲାଙ୍କୁ ଅନେକ କଷ୍ଟ ଭୋଗିବାକୁ ପଡୁଛି । ସରକାରଙ୍କୁ ଅନୁରୋଧ କରି ବିଧାୟକ ଶ୍ରୀ ସାଉଁତା କହିଛନ୍ତି, ସରକାର ଅତିଶୀଘ୍ର ଛାତ୍ର ବୃତ୍ତି ପ୍ରଦାନ କରି କ୍ଷତିଗ୍ରସ୍ତ ହୋଇଥିବା ୫ ଲକ୍ଷ ୫୦ ହଜାର ଆଦିବାସୀ ଓ ଅନୁସୂଚିତ ଜାତି ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ନିଶ୍ଚିତ କରନ୍ତୁ । ଯଦି ସରକାର ଛାତ୍ର ଛାତ୍ରୀଙ୍କ ବୃତ୍ତି ପୁନଃଲାଗୁ ନ କରେ ତେବେ ଆମେ ନିକଟରେ ହେବାକୁ ଥିବା ବିଧାନସଭା ଅଧିବେଶନରେ ଆମ ଦାବି ରଖିବୁ ବୋଲି ବିଧାୟକ ଶ୍ରୀ ସାଉଁତା ପ୍ରକାଶ କରିଛନ୍ତି ।



କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ଗଣମାଧ୍ୟମକୁ ଆଦିବାସୀ ଛାତ୍ର ଛାତ୍ରୀଙ୍କ ଅସୁବିଧା ଏବଂ ଡବଲ ଇଞ୍ଜିନ ସରକାରଙ୍କ ଦୋମୁହାଁ ନୀତିର ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ କରି କହିଛନ୍ତି ଯେ, ରାଜ୍ୟରେ ୫୩ ହଜାର ଛାତ୍ର ଛାତ୍ରୀଙ୍କୁ ଆଜିକୁ ୫ମାସ ହେଲାଣି ପ୍ରାକ ମାଟ୍ରିକ ଛାତ୍ରବୃତ୍ତି ଏପର୍ଯ୍ୟନ୍ତ ମିଳିନାହିଁ। ସୁନ୍ଦରଗଡ଼ ଜିଲ୍ଲାରେ ଗଣଶିକ୍ଷା ବିଭାଗ ଦ୍ୱାରା ୨୮୭ ଟି ଛାତ୍ରବାସରେ ୨୮ ହଜାର ଅନୁସୂଚିତ ଜାତି ଓ ଆଦିବାସୀ ବର୍ଗର ଛାତ୍ର ଛାତ୍ରୀ ମାନେ ପାଠ ପଢୁଛନ୍ତି । ସେହିଭଳି ଭାବରେ ଅନୁସୂଚିତ ଜାତି ଓ ଜନଜାତି ଉନୟନ ଓ ସଂଖ୍ୟା ଲଘୁ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ୧୩୮ ଛାତ୍ରାବାସରେ ୨୫ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଗତ ଏପ୍ରିଲ ମାସ ଠାରୁ ଆଜି ପର୍ଯ୍ୟନ୍ତ ଅନୁଦାନ ବା ଛାତ୍ରବୃତ୍ତି ମିଳିଲା ନାହିଁ। ସରକାର ଛାତ୍ର ବୃତ୍ତି ସ୍ୱରୂପ ନବମ ଓ ଦଶମ ଶ୍ରେଣୀର ଛାତ୍ର ମାନଙ୍କୁ ୧୦୫୦ ଟଙ୍କା ଦେଉଥିବା ବେଳେ ଛାତ୍ରୀ ମାନଙ୍କୁ ୧୧୦୦ ଟଙ୍କା ଦେଉଛନ୍ତି। ଏହି ଅର୍ଥରାଶିକୁ ମାସକ ମଧ୍ୟରେ ସେମାନେ ଚାରି ଓଳି ସକାଳ ଜଳଖିଆ, ଦୁଇପହର ଭାତ, ଅପରାହ୍ନ ଜଳଖିଆ ଓ ରାତ୍ରି ଭୋଜନ କରିଥାନ୍ତି। ଏଥିରେ ମଧ୍ୟ ନିତ୍ୟ ବ୍ୟବହାର ଜିନିଷ(ସାବୁନ, ତେଲ, ପେନ୍)। ଏହି ପଞ୍ଚମାସ କାଳ ଛାତ୍ରବୃତ୍ତି ନ ଦେବା ହେତୁ ଏବେଠାରୁ ଛାତ୍ରାବାସ ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ହାତ ଟେକି କହିଲେଣି ଆଉ ଆମେ ଏମାନଙ୍କୁ ଖାଦ୍ୟ । ପାରିବୁ ନାହିଁ। ଏହା କେବଳ ଗୋଟିଏ ଜିଲ୍ଲାର ଚିତ୍ର ।

ରାଜ୍ୟରେ ୧୦ ଟି ଆଦିବାସୀ ବହୁଳ ଜିଲ୍ଲା ସ୍ଥିତି ଅତ୍ୟନ୍ତ ସଙ୍ଗୀନ। ପ୍ରି-ମାଟ୍ରିକ ଛାତ୍ର ବୃତ୍ତି - ଏସଟି ଛାତ୍ର ବୃତ୍ତି କେନ୍ଦ୍ର ସରକାର ୭୫ ପ୍ରତିଶତ ଦେଉଥିବା ବେଳେ ରାଜ୍ୟ ସରକାର ୨୫ ପ୍ରତିଶତ ଦେଉଛନ୍ତି। ସେହିଭଳି ଅନୁସୂଚିତ ଜାତିବର୍ଗଙ୍କ ପାଇଁ ୬୦ ପ୍ରତିଶତ ଦେଉଥିବା ବେଳେ ୪୦ ପ୍ରତିଶତ ରାଜ୍ୟ ସରକାର ଦେଉଛନ୍ତି। ପଛୁଆବର୍ଗଙ୍କ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୦ ପ୍ରତିଶତ ଦେଉଛନ୍ତି। ଏହି ଛାତ୍ର ବୃତ୍ତି ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାର ତାଙ୍କ ଭାଗ ପ୍ରଦାନ କରିସାରିବାର ପ୍ରମାଣ ଦେବା ପରେ କେନ୍ଦ୍ର ସରକାର ତାଙ୍କ ଅଂଶଧନ ସିଧାସଳଖ ଡିବିଟି ମାଧ୍ୟମରେ ବ୍ୟାଙ୍କ୍ ଖାତାକୁ ଆସିଥାଏ। ଉଭୟ ରାଜ୍ୟ ଓ କେନ୍ଦ୍ରର ବିଜେପି ସରକାର ଆଦିବାସୀ ବିରୋଧୀ ବୋଲି ଏଥିରୁ ପ୍ରମାଣିତ। ମୋଦି ସରକାର ୨୦୨୧ - ୨୨ ଶିକ୍ଷା ବର୍ଷ ଠାରୁ କେବଳ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ବୃତ୍ତି ପ୍ରଦାନ କରିବାର ନିୟମ ବଦଳାଇଲେ। ପୂର୍ବରୁ କଂଗ୍ରେସ ସରକାର ସମୟରେ ଜଞ୍ଜର ମାଧ୍ୟମରେ ସମସ୍ତ ଛାତ୍ର ଛାତ୍ରୀଙ୍କୁ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଦାନ କରିଥିଲେ ବୋଲି ନିଜ ବକ୍ତବ୍ୟରେ ମୁଖପାତ୍ର ମହାନ୍ତି ପ୍ରକାଶ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମଧୁସ୍ମିତା ଆଚାର୍ଯ୍ୟଙ୍କ ସହ ମୁଖପାତ୍ର ସମସିଦା ତୟବ ଉପସ୍ଥିତ ଥିଲେ ।

## ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବିପର୍ଯ୍ୟସ୍ତ

# ଡାକ୍ତର ଅଭାବ ବଢ଼ାଉଛି ଅସନ୍ତୋଷ




ଖଣ୍ଡପଡ଼ା, ୧୬।୯ (ନିପ୍ର): ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଫଳରେ ଚିକିତ୍ସା ସେବା ପାଇବା ନିମନ୍ତେ ଦୂରଦୁରାନ୍ତରୁ ଆସୁଥିବା ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମିଳିଥିବା ସୂଚନା ମୁତାବକ ବର୍ଷ ବର୍ଷ ଧରି ସ୍ୱାସ୍ଥ୍ୟକେନ୍ଦ୍ରଟି ଡାକ୍ତର ଅଭାବଜନିତ ସମସ୍ୟା ଦେଇ ଗତି କରୁଛି। ଖଣ୍ଡପଡା ଓ ଗଡିଆସାହି ଦୁଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୨୨ ପଞ୍ଚାୟତ ଓ ସହରାଞ୍ଚଳର ଲକ୍ଷାଧିକ ଲୋକ ନିର୍ଭର କରୁଥିବା ବେଳେ ରୋଗୀ ସେବା କିନ୍ତୁ ଭୁଷୁଡିଗଲାଣି। ସର୍ବନିମ୍ନ ୧୪ ଡାକ୍ତରଙ୍କ ସ୍ଥାନରେ ୪ ଜଣ କାମ କରୁଥିବା ବେଳେ ବିଭିନ୍ନ ସ୍ଥାନରୁ ଚିକିତ୍ସା ପାଇଁ ଆସିଥିବା ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ଥିବା ବହିର୍ବିଭାଗ ସାମ୍ନାରେ ଲମ୍ବା ଧାଡିରେ ଠିଆ ହୋଇଥିବା ଦେଖିବାକୁ ମିଳୁଛି। ଫଳରେ ଲାଇନରେ ଶତାଧିକ ରୋଗୀ ଠିଆ ହୋଇଥିବା ବେଳେ ଜରୁରୀକାଳୀନ ଚିକିତ୍ସା ପାଇଁ ଆସିଥିବା ଲୋକେ ମଧ୍ୟ ହନ୍ତସନ୍ତ ହେଉଥିବା ନେଇ ଅଭିଯୋଗ ହେଉଛି। ଦିନେ ନୁହେଁ ଦୀର୍ଘଦିନ ହେବ ଏଭଳି ଚାଲିଆସୁଥିବା ନେଇ ଅଭିଯୋଗ କରିଛନ୍ତି ସହରାଞ୍ଚଳବାସୀ। ଫଳରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଏକ ଧୂଆଁବାଣ ବୋଲି ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଗତ ପ୍ରାୟ ୩ ବର୍ଷ ହେବ ଡାକ୍ତର ଅଭାବ ଜନିତ ସମସ୍ୟା ଦେଇ ସ୍ୱାସ୍ଥ୍ୟକେନ୍ଦ୍ର ଚାଲି ଆସୁଥିବା ସହରାଞ୍ଚଳ ବାସୀଙ୍କ ସୂତ୍ରରୁ ଜଣାପଡିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ଦିଗରେ ପଦକ୍ଷେପ ନେଇ ଅବଶ୍ୟକ ଡାକ୍ତର ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## ରାଜ୍ୟସ୍ତରୀୟ କ୍ୟାରମ ଟୁର୍ଣ୍ଣାମେଣ୍ଟ, ଭୁବନେଶ୍ୱର ଚାମ୍ପିୟାନ

ଖଣ୍ଡପଡ଼ା, ୧୬।୯ (ନିପ୍ର): ଖଣ୍ଡପଡ଼ା ସାମନ୍ତ ଚନ୍ଦ୍ରଶେଖର ସ୍ମୃତିମନ୍ଦିର ଓ ପାଠାଗାର ପରିସରରେ ମହାବୀର କ୍ଲବ୍ ଆନୁକୂଲ୍ୟରେ ଦିବା ରାତ୍ର ରାଜ୍ୟସ୍ତରୀୟ କ୍ୟାରମ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱରର ସୁନିଲ ବେହେରା ଓ ସରୋଜ କୁମାର ଓଝା ଯୋଡି ପ୍ରଥମସ୍ଥାନ ଅଧିକାର କରି ଚଳିତ ବର୍ଷ ଚମ୍ପିଆନ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ କଟକ ଜିଲ୍ଲା ସାଲେପୁରର ପ୍ରମୋଦ ସାହୁ ଓ ରଂଜିତ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସୂଚନା ମିଳିଛି। ସେହିପରି ଭୁବନେଶ୍ୱର ଯଦୁପୁର ଗ୍ରାମର ବବୁଲ ଓ ବୁଲା ୩ୟ ସ୍ଥାନ, ପୁରୀ ଜିଲ୍ଲା ପିପିଲି ବ୍ଲକ ଅଧିନ ଦନଗୋହିରିଆ ଗ୍ରାମର ବବୁଲ ଓ ହବିବ୍ ୪ର୍ଥ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବା ଆୟୋଜକଙ୍କ ଠାରୁ ସୂଚନା ମିଳିଛି। ଚମ୍ପିଆନ୍ ଦଳକୁ ୫୫ଶହ ଟଙ୍କା ଓ ଟ୍ରଫି, ରନର୍ସଅପ୍ ଦଳକୁ ୩ହଜାର ଟଙ୍କା ସହ ଟ୍ରଫି ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୨ହଜାର ଟଙ୍କା ସହ ଟ୍ରଫି ଓ ମାନପତ୍ର ସହ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୧୫ଶହ ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ଅଧିନ ମାଣିକାଗୋଡ଼ା ଗ୍ରାମର ରମେଶ ଚନ୍ଦ୍ର ସୁବୁଦ୍ଧିଙ୍କୁ ପ୍ଲେୟାର ଅଫ ଦ ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଆୟୋଜକ ଭଗବାନ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ବାଇଗୁଣିଆଁ ଗ୍ରାମର ସେଞ୍ଚୁରିଆନ କ୍ଲବର ସଭାପତି ତଥା ଶିକ୍ଷକ ଶିଶିର କୁମାର ସାହୁ ଓ ଇଟାମାଟି ଗ୍ରାମର ପ୍ରତ୍ୟୁଷ ଷଡଙ୍ଗୀ ଓ ସାଥୀ ଅଶୋକ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ। ସୂଚନାଥାଉକି ଓଡିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି ବିଭୁତି ଭୂଷଣ ସିଂହ ମର୍ଦରାଜଙ୍କ ସ୍ମୃତିରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିବା ନେଇ ସୂଚନା ମିଳିଛି।



# ଓଡ଼ିଶାର ବିକାଶ କରିବାକୁ ସଂକଳ୍ପ ନେଇଛି ବିଜେପି ସରକାର : ମନମୋହନ

ଭୁବନେଶ୍ୱର, ୧୬।୯ : ଦେଶ ସ୍ୱାଧୀନତାର ୭୮ ବର୍ଷ ପରେ ଓଡ଼ିଶାରେ ବିଜେପି ଏକାକୀ ସରକାର ଗଢ଼ିବାରେ ସଫଳ ହୋଇଛି। ଏବେ ରାଜ୍ୟରେ ଥିବା ସମସ୍ତ ସମସ୍ୟାର ସମାଧାନ ପାଇଁ ସମୟ ଆସଛି। ଓଡ଼ିଶାର ବିକାଶ କରିବାକୁ ସଂକଳ୍ପ ନେଇଛି ବିଜେପି ସରକାର। ସବୁ ସମସ୍ୟାର ସମାଧାନ କରି ଓଡ଼ିଶାକୁ ୧ ନମ୍ବର କରିବାକୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଭଦ୍ରକ ଜିଲା ଚାନ୍ଦବାଲିଠାରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ, ଚାନ୍ଦବାଲି ଏକ ସମସ୍ୟା ବହୁଳ ବିଧାନସଭା। ଓଡ଼ିଶାର ଭାତ ହାଣ୍ଡି କୁହାଯାଉଥିବା ଚାନ୍ଦବାଲିରେ ଏବେ ବି ଜଳସେଚନର ସୁବିଧା ନଥିବା କାରଣରୁ ଚାଷୀମାନେ କଠିନ ପରିଶ୍ରମ କରି ମଧ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଠାରେ ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରି ଏସବୁ ଅସୁବିଧାକୁ ଦୂର କରାଯିବ। ବିଜେପି ଏବେ ସରକାରରେ ଅଛି, ଏହି ସମୟ ମଧ୍ୟରେ ଚାନ୍ଦବାଲିରେ ଯାହା ସବୁ ସମ୍ଭାବନା ରହିଛି ତାହା ପୂରଣ କରାଯିବ। ଏଥିପାଇଁ ସମସ୍ତଙ୍କୁ ମିଳିତ ଭାବେ ସହଯୋଗ କରିବାକୁ ପଡ଼ିବ। ଏହାଦ୍ୱାରା ଚାନ୍ଦବାଲିର ସାମଗ୍ରିକ ବିକାଶ ହୋଇପାରିବ। ଏଠାରେ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ। ଲୋକେ ଯେପରି ବାହର ରାଜ୍ୟକୁ ଦାଦନ ଖଟିବାକୁ ଯିବେ ନାହିଁ ସେଥିପାଇଁ କାର୍ଯ୍ୟ କରିବାକୁ ପଡ଼ିବ। ଏଥିପାଇଁ ଭିତିଭୂମିର ବିକାଶ କରିବେ ବିଜେପି ସରକାର। ବିଜେପି ଯାହା ପ୍ରତିଶ୍ରୁତି ଦିଏ ତାହା ପୂରଣ କରେ। ଧାନ କୁଇଂଟାଲ ପିଛା ୩୧୦୦ ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯାଉଛି। ପିଏମ୍ କିଶାନ ଯୋଜନା ଲାଗୁ କରି କେନ୍ଦ୍ରରେ ମୋଦି ସରକାର ଚାଷୀଙ୍କ ବ୍ୟାଙ୍କ ଆକାଉଂଟକୁ ସାଢ଼େ ୩ ଲକ୍ଷ କୋଟି ଟଙ୍କା ଦେଲେଣି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସିଏମ୍ କିଶାନ ଯୋଜନା ଆରମ୍ଭ କରିଛନ୍ତି। ଖାଲି ସେତିକି ନୁହେଁ ଚାଷୀଙ୍କ ଆୟ ବୃଦ୍ଧି କରିବା ପାଇଁ କୃଷିଭିତିକ ଶିଳ୍ପ କରିବାକୁ ଯୋଜନା କରାଯାଇଛି। ଫଳରେ କୃଷିଜାତ ଦ୍ରବ୍ୟରେ ଭାଲ୍ୟୁ ଆଡିସନ ହେବ। ଏହାଦ୍ୱାରା ନୂତନ ସାମଗ୍ରୀ ପ୍ରସ୍ତୁତ ହେବ। ସବୁ ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ କରାଯିବ। ଏହାଦ୍ୱାରା ଚାଷୀଙ୍କ ଆୟ ବହୁଗୁଣା ବୃଦ୍ଧି ପାଇବ। ୧୫ ଲକ୍ଷ ହେକ୍ଟର ଜମିରେ ଜଳସେଚନର ବ୍ୟବସ୍ଥା ହେବ। ସୁଭଦ୍ରା ଯୋଜନା ଜରିଆରେ ରାଜ୍ୟର ମା’ ଓ ଭଉଣୀମାନଙ୍କୁ ୫୦ହଜାର ଟଙ୍କା ପ୍ରଦାନର ବ୍ୟବସ୍ଥା ଆରମ୍ଭ ହୋଇଛି। ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱାସ୍ଥ୍ୟବୀମା ସହ ୩୫୦୦ଟଙ୍କା ଭତା ପ୍ରଦାନ କରିବାର ପ୍ରତିଶ୍ରୁତି ପୂରଣ କରିଛି।

ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚେଷ୍ଟାରେ ଶିଳ୍ପ ପ୍ରତିଷ୍ଠା ପାଇଁ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିଛି। ସବୁଠାରୁ ଅଧିକ ନିବେଶ ଧାମରା ପୋର୍ଟରୁ ଆସିଛି। ଧାମରାରେ ଶିଳ୍ପ ନଗରୀ ହେବ। ଏଠାରେ ଶିଳ୍ପର ବିକାଶ ହେବ। ଏହା ଦ୍ୱାରା ସ୍ଥାନୀୟ ଅଂଚଳରେ ନିଯୁକ୍ତି ସୁଯୋଗ ବଢ଼ିବ। ଏଠାରେ ପର୍ଯ୍ୟଟନ ଶିଳ୍ପର ବିକାଶ ହେବାର ବ୍ୟାପକ ସମ୍ଭାବନ ରହିଛି। ଏହାର ବିକାଶ କରାଯାଇ ବାହାରକୁ ଯେପରି ଲୋକେ ଦାଦନ ଖଟିବାକୁ ଯିବେ ନାହିଁ ସେଥିପାଇଁ ପ୍ରତିଶ୍ରୁତବଦ୍ଧ। ଏଥିପାଇଁ ଭିତିଭୂମିର ବିକାଶ କରିବ ବିଜେପି ସରକାର ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି।

ଆଜିର କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ବିଧାୟକ ସୀତାଂଶୁ ମହାପାତ୍ର, ସାଂସଦ ଅଭିମନ୍ୟୁ ସେଠୀ, ରାଜ୍ୟ ସମ୍ପାଦକ ସରୋଜ କର, ଜିଲା ସଭାପତି ଭଗବାନ ପଣ୍ଡାଙ୍କ ସମେତ ଜିଲାସ୍ତରୀୟ ଓ ମଣ୍ଡଳସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଚାନ୍ଦବାଲି ବସ୍‌ଷ୍ଟାଣ୍ଡ, ଉଦ୍‌ଘାଟନ କରାଯିବା ସହ ଅଟଳ ପାର୍କ ଶିଳାନ୍ୟାସ, ମେନ୍ ମାର୍କେଟ ଭେଣ୍ଡିଂ ଜୋନର ଶିଳାନ୍ୟାସ କରାଯାଇଥିଲା। ରାଜ୍ୟ ସଭାପତି ଭାବେ ପୁନଃ ଦାୟିତ୍ୱ ନେବା ପରେ ଶ୍ରୀ ସାମଲ ଭଦ୍ରକ ଜିଲ୍ଲା ଗସ୍ତର ଆସି ମା’ ଭଦ୍ରକାଳୀଙ୍କୁ ଦର୍ଶନ କରି ରାଜ୍ୟର କଲ୍ୟାଣ ଓ ଉନ୍ନତି କାମନା କରିଥିଲେ। ସେଠାରେ ଶ୍ରୀ ସାମଲଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଚାନ୍ଦବାଲିଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିଲେ।

ଶ୍ରୀ ସାମଲଙ୍କ ଏହି ଗସ୍ତ ସମୟରେ ବାରିକ ସାହି, ଦୋଳସାହି, ନନ୍ଦପୁର, ତିହିଡ଼ି, କୋହ୍ଲ, କମାରିଆ, ଆରୁଅ, ସନ୍ତପୁରା, ପିରହାଟ, ବିନ୍ଧା, ଦୌଲତପୁର, ନୂଆବଜାର, ମଝିବଜାର, ବାମନ ବିନ୍ଧା, କାନପୁର. ବିବେକାନନ୍ଦପୁର, ସାମନ୍ତରାପୁର, ଗଦି, କ୍ଷେରଙ୍ଗ, ନାଲଗୁଣ୍ଡା, ଦିଗଛିଆ, ମତୋ, ଭାଟପଡ଼ା ଛକରେ କାର୍ଯ୍ୟକର୍ତାମାନେ ଉପସ୍ଥିତ ରହି ବିପୁଳ ସ୍ୱାଗତ ଜଣାଇଥିଲେ । ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ରାଜ୍ୟ ସଭାପତି ଶ୍ରୀ ସାମଲ ଚାନ୍ଦବାଲିବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।



# ବ୍ରହ୍ମପୁରରେ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

## ଭସାଣିରେ ଡିଜେ ଓ ବାଣ ଉପରେ କଟକଣା

ଗଞ୍ଜାମ/ବ୍ରହ୍ମପୁର, ୧୬।୯ (ଜିଲ୍ଲା ପ୍ରତିନିଧି) : ଦୁର୍ଗାପୂଜା ନିମନ୍ତେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭସାଣି ସମୟରେ ଡିଜେ ବାଜିବା ଉପରେ କଟକଣା କରାଯାଇଥିବାବେଳେ ୪ଦିନ ପାଇଁ ମଦ ଦୋକାନ ବନ୍ଦ ରହିବ ବୋଲି ନିଷ୍ପତ୍ତି ହୋଇଛି । ବୈଠକରେ ସହରର ପ୍ରାୟ ୪୦ଟି ପୂଜା କମିଟିର କର୍ମକର୍ତ୍ତାଙ୍କ ସହିତ ପୁଲିସ, ବିଦ୍ୟୁତ୍, ଅଗ୍ନିଶମ ଓ ଅବକାରୀ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ । ପୂଜା ପାଇଁ ପ୍ରଶାସନିକସ୍ତରରେ ବିଭିନ୍ନ ପ୍ରକାର ଅନୁମତି ପ୍ରଦାନ କରାଯାଉଥିବାବେଳେ ଏସବୁ ପାଇଁ ଖୋଦ୍ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସିଙ୍ଗଲ ୱିଣ୍ଡୋ କାଉଣ୍ଟର ବ୍ୟବସ୍ଥା କରାଯାଇଥିବା ଉପଜିଲ୍ଲାପାଳ ସୂଚନା ଦେଇଥିଲେ। ଆସନ୍ତା ୧୬ରୁ ଏହି ସୁବିଧା ଉପଲବ୍ଧ ରହିବ। ପୂଜାକମିଟି ସଦସ୍ୟମାନେ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଅନୁମତି ପାଇଁ ଆବେଦନ କରିପାରିବେ । ସେଠାରେ ପୁଲିସ, ଲାଉଡ୍ ସ୍ପିକର, ବିଦ୍ୟୁତ୍ ସହ ଅନ୍ୟାନ୍ୟ ଅନୁମତି ପାଇଁ ନିର୍ଦ୍ଧାରିତ ଫି ପୈଠ କରି ଆବେଦନ କରିପାରିବେ ବୋଲି କୁହାଯାଇଛି ।




ସେହିଭଳି ମଣ୍ଡପ ନିକଟରେ ଆଇନଶୃଙ୍ଖଳା ଦୃଷ୍ଟିରୁ ସମସ୍ତ ପୂଜା କମିଟି ନିଜସ୍ୱ ଖର୍ଚ୍ଚରେ ସିସିଟିଭି କ୍ୟାମେରା ଲଗାଇବେ । ରାସ୍ତା ଉପରେ ମେଢ଼ କିମ୍ବା ମଣ୍ଡପ ନିର୍ମାଣକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। କୌଣସି ପ୍ରକାରର ଅଘଟଣକୁ ପ୍ରତିହତ କରିବାକୁ ଯାଇ ବିଦ୍ୟୁତ୍ ତାର ଠାରୁ ୬ଫୁଟ ଦୂରରେ ମଣ୍ଡପ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୂଜା ବା ମେଢ଼ ନିର୍ମାଣ ପାଇଁ ରାସ୍ତା ନ ଖୋଳିବା, ପରିଷ୍କାର ଓ ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବା, ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ପ୍ରାଥମିକତା ଦେବା ପାଇଁ ଉପଜିଲ୍ଲାପାଳ ଅବିନାଶ କୁମାର ସ୍ପଷ୍ଟ କରିଥିଲେ। ପୂଜାକୁ ଦୃଷ୍ଟିରେ ରଖୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଅଷ୍ଟମୀ ଠାରୁ ଦଶମୀ ୩ଦିନ ଏବଂ ଭସାଣି ଏହି ୪ଦିନ ସମସ୍ତ ମଦ ଦୋକାନ ବନ୍ଦ ରଖିବାକୁ କୁହାଯାଇଛି ।

କୌଣସି ପରିସ୍ଥିତିରେ ହୁକ ପକାଇ ଅର୍ଥାତ୍ ବିଦ୍ୟୁତ ଚୋରି ନକରି ଏଥିପାଇଁ ଆବେଦନ କରିବାକୁ କୁହାଯାଇଛି। ମେଢ଼ ନିକଟରେ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ସମସ୍ତ ପୂଜା କମିଟି ପକ୍ଷରୁ ସେଚ୍ଛାସେବୀଙ୍କୁ ନିୟୋଜିତ କରି ପୁଲିସକୁ ସହଯୋଗ କରିବାପାଇଁ କୁହାଯାଇଛି । ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀପ ଲଗାଇବା ପାଇଁ ବ୍ୟବସ୍ଥା କରିବା ସହିତ ଅଗ୍ନି ନିର୍ବାପକ ବ୍ୟବସ୍ଥା ବାଧ୍ୟତା ମୂଳକ କରାଯାଇଛି। ଭସାଣୀ ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ରୁଟ୍‌ରେ ମେଢ଼ ଶୋଭାଯାତ୍ରା ବାହାରିବ ଏବଂ ଏଥ?ିପାଇଁ ପୂର୍ବରୁ ଅନୁମତି ନେବା ସହ ରାତ୍ର ୧୦ଟା ସୁଦ୍ଧା ଭସାଣି କାର୍ଯ୍ୟ ସମ୍ପନ୍ନ କରିବାକୁ ତାଗିଦ କରାଯାଇଛି । ଭସାଣି ବେଳେ ୬୦ଡେସିବଲ୍ ?ରୁ ଅଧିକ ଶବ୍ଦ ସହିତ ନିଶା ସେବନ ଉପରେ ମଧ୍ୟ କଟକଣା ଜାରି କରାଯାଇଛି।

ଭସାଣି ସମୟରେ ଡିଜେ ବ୍ୟବହାର ଓ ବାଣ ଫୁଟାଇବା ଉପରେ ରୋକ ଲଗାଯାଇଥିବା ନେଇ ବ୍ରହ୍ମପୁର ଟାଉନ ଏସଡିପିଓ ପ୍ରିୟସ ରଂଜନ ଛୋଟରାୟ ସୂଚନା ଦେଇଥିଲେ। ସେହିପରି ମେଢ଼ର ଉଚ୍ଚତା ସର୍ବାଧ?ିକ ୨୦ଫୁଟ ରଖୁବାକୁ ନିଷ୍ପତ୍ତି ହୋଇଛି। ବିସର୍ଜନ ପାଇଁ ସହରରେ ଗୋଷାଣିନୂଆଗାଁ, ଆମ୍ବ ମାର୍କେଟ , ଫାଷ୍ଟ ଗେଟ ଓ ଆମ୍ବପୁଆ ଆଦି ୪ଟି ସ୍ଥାନରେ ଅସ୍ଥାୟୀ ପୋଖରୀର ବ୍ୟବସ୍ଥା ରହିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ ସୋମନାଥ ତ୍ରିପାଠୀ, ଟ୍ରାଫିକ ଥାନା ଅଧିକାରୀ , ଟାଟା ପାୱାର ଅଧିକାରୀ, ସହାୟକ ଅଗ୍ନିଶମ ଅଧିକାରୀଙ୍କ ସମେତ ବହୁ ଥାନା ଅଧିକାରୀ ଏବଂ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ଚଳିତ ବର୍ଷ ୪ଟି କେନ୍ଦ୍ରରେ ହବିଷ୍ୟାଳୀ ମା’ ମାନଙ୍କ ରହଣି ବ୍ୟବସ୍ଥା

# କେବଳ ଅନଲାଇନ ମାଧ୍ୟମରେ ପଞ୍ଜିକରଣ ବ୍ୟବସ୍ଥା

ପୁରୀ, ୧୬।୯ (ନି.ପ୍ର) :ଚଳିତ ବର୍ଷର ହବିଷ ବ୍ରତ ଅକ୍ଟୋବର ମାସ ୭ ତାରିଖ ଠାରୁ ଆରମ୍ଭ ହୋଇ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ଚାଲିବ ।କେବଳ ଅନଲାଇନ ମାଧ୍ୟମରେ ପଞ୍ଜିକରଣ କରିଥିବା ହବିଷ୍ୟାଳୀ ମା ମାନଙ୍କୁ ଧାର୍ଯ୍ୟ କରାଯାଇଥିବା ୪ ଗୋଟି ରହଣି କେନ୍ଦ୍ର ରେ ରଖାଯିବ ।ଅନଲାଇନ ପଞ୍ଜିକରଣ ବିନା କାହାକୁ ମଧ୍ୟ ହବିଷ୍ୟାଳୀ କେନ୍ଦ୍ର ମାନଙ୍କରେ ରହଣି ସୁଯୋଗ ମିଳିବ ନାହିଁ ବୋଲି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସୂଚନା ଦେଇଛନ୍ତି। ଆଜି ସର୍କିଟ ହାଉସ ଠାରେ ହବିଷ୍ୟାଳୀ ବ୍ରତ ବା ରାଇଦାମୋଦର ବ୍ରତ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନ ଙ୍କୁ ବିଷଦ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ପରିଡା ଚଳିତ ବର୍ଷ ବୃନ୍ଦାବତୀ ନିବାସ ,ବଗଲା ଧର୍ମଶାଳା ,ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଲୱେ ଷ୍ଟେସନ ଆଶ୍ରୟ ସ୍ଥଳ ଠାରେ ହବିଷ୍ୟାଳୀ ମା ମାନଙ୍କର ରହଣି ର ବ୍ୟବସ୍ଥା ହୋଇଛି ବୋଲି କହିଥିଲେ। ହବିଷ୍ୟାଳୀ ଯୋଜନା ଆଧାର ରେ ୭୦ ବର୍ଷ ବୟସ୍କା ପର୍ଯ୍ୟନ୍ତ ବିଧବା ମା ଓ ୫୦ ରୁ ୭୦ ବର୍ଷ ବୟସ୍କା ବିବାହିତା ମହିଳା ମାନେ ଏହି ବ୍ରତ ପାଇଁ ଆବେଦନ ଅନଲାଇନ ଷଙ୍ଖଙ୍କୁଙ୍ଖ:// ରୟସଙ୍ଖଙ୍କକମଙ୍ଖ.କ୍ଟୟସଙ୍ଖଷବ.ଶକ୍ଟଙ୍ଗ.ସଭ ମାଧ୍ୟମରେ ଚଳିତ ମାସ ୧୯ ତାରିଖ ଦିବା ୧୦ ଘଟିକା ଠାରୁ ପଞ୍ଜିକରଣ ରେ ସାମିଲ ହୋଇ ପାରିବେ ।ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା,ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ,ଗମନାଗମନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ, ପାଲା ଇତ୍ୟାଦି ବ୍ୟବସ୍ଥା, ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା, ପରିମଳ, ପାନୀୟ ଜଳ, ସ୍ୱଚ୍ଛାସେବୀ ସହଯୋଗ ଇତ୍ୟାଦି ସମସ୍ତ ବ୍ୟବସ୍ଥା କରାଯାଇଛି। ଏହାକୁ ସୁନିୟନ୍ତ୍ରିତ କରିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାକୁ ତଦାରଖ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମା ମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱଚ୍ଛାସେବୀ ମାନଙ୍କ ସହଯୋଗ ନିଆଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ ।ପଞ୍ଜିକରଣ କରିଥିବା ମା ମାନଙ୍କ ସୁଖଦ ରହଣୀ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ପାଇଁ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଛି ।ଅଣ ପଞ୍ଜିକୃତ ବ୍ୟକ୍ତି ମାନେ କେନ୍ଦ୍ର ମାନଙ୍କୁ ଆସି ଅଯଥା ଗହଳି ନ କରିବା କିମ୍ବା ରହଣି ପାଇଁ ଅନୁରୋଧ ନ କରିବାକୁ ଜିଲ୍ଲାପାଳ ଅନୁରୋଧ କରିବା ସହ ଏହି ପବିତ୍ର କାର୍ଯ୍ୟରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ର ଡିଆଇଓ ବିଶ୍ୱନାଥ ପଣ୍ଡା ଓ ଅତିରିକ୍ତ ଡିଆଇଓ ଦୁର୍ଗା ପ୍ରସାଦ ଜେନା ଙ୍କୁ ଅନଲାଇନ ପଞ୍ଜିକରଣ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି।

